

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୧୨ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 12 AUGUST 2022
Vol.No. 35 ■ No. 211 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







## ଚୀନ-ତାଇୱାନ ବିବାଦକୁ ନେଇ ଉତ୍ତେଜନା

### ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଅଣ୍ଟା ଭିଡିଛି ମେକ୍ସିକୋ



ନୂଆଦିଲ୍ଲୀ, ୧୧/୦୮ : ଋଷ-ୟୁକ୍ରେନ୍ ଯୁଦ୍ଧ ଜାରି ରହିଥିବା ବେଳେ ଚୀନ-ତାଇୱାନ ବିବାଦକୁ ନେଇ ଉତ୍ତେଜନା ଲାଗିରହିଛି । ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ମୁହାଁଉଥିବା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାକୁ ଅଣ୍ଟା ଭିଡିଛି ମେକ୍ସିକୋ । ମେକ୍ସିକୋ ରାଷ୍ଟ୍ରପତି ଆଡ୍ରେସ୍ ମାନୱେଲ ଲୋପେଜ୍ ଓବ୍ରାଡର ଯୁଦ୍ଧବିରତି ପାଇଁ ଏକ କମିଶନ ଗଠନ କରିବାକୁ ଚାହୁଁଛନ୍ତି । ତିନି ଜଣିଆ ଏହି କମିଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରଖିଛନ୍ତି ମେକ୍ସିକୋ ରାଷ୍ଟ୍ରପତି । ଏନେଇ ଏକ ଲିଖିତ ପ୍ରସ୍ତାବ ଜାତିସଂଘକୁ ଦେବେ ବୋଲି କହିଛନ୍ତି ମେକ୍ସିକୋ ରାଷ୍ଟ୍ରପତି । ତିନି ଜଣିଆ କମିଟିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ପୋପ୍ ଫ୍ରାନ୍ସିସ୍ ଏବଂ ଜାତିସଂଘର ସେକ୍ରେଟେରୀ ଜେନେରାଲ ଆଣ୍ଟୋନିଓ ଗ୍ୟୁଟ୍ରେସ୍ ରଖିବା ନେଇ ସୂଚନା ମିଳିଛି । ଗଣମାଧ୍ୟମକୁ ଏହି ଖବର ପ୍ରସାରଣ କରିବାକୁ ସେ ନିବେଦନ କରିଛନ୍ତି । ୫ ବର୍ଷ ପାଇଁ ସାରା ବିଶ୍ୱରେ ଯୁଦ୍ଧ ନକରିବା ନେଇ ଚୁକ୍ତି କରିବାକୁ ଲକ୍ଷ ରଖିଛନ୍ତି ଆଡ୍ରେସ୍ ମାନୱେଲ ଲୋପେଜ୍ ଓବ୍ରାଡର । ତେବେ ସେ ଯୁଦ୍ଧ ବନ୍ଦ କରିବାକୁ ଆମେରିକା, ଋଷ ଏବଂ ଚୀନକୁ ଅନୁରୋଧ କରିବା ଏହି ପ୍ରସ୍ତାବକୁ ଗ୍ରହଣ କରିବାକୁ ନିବେଦନ କରିଛନ୍ତି ।

## ୧୪ ତମ ଉପରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କଲେ ଜଗଦୀପ ଧନଖଡ଼



ନୂଆଦିଲ୍ଲୀ, ୧୧/୦୮ : ରାଜ୍ୟସଭା ଅଧ୍ୟକ୍ଷ ତଥା ଦେଶର ଚତୁର୍ଦ୍ଦଶ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଭାବେ ଶ୍ରୀ ଜଗଦୀପ ଧନଖଡ଼ ଶପଥ ଗ୍ରହଣ କରିଛନ୍ତି। ଜଣେ ସ୍ୱନାମଧନ୍ୟ ଆଇନଜ୍ଞ ଓ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଶ୍ରୀ ଧନଖଡ଼ଙ୍କୁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ଶପଥ ପାଠ କରାଇଥିଲେ । ଶପଥ ଗ୍ରହଣ କରିବା ପୂର୍ବରୁ ଶ୍ରୀ ଧନଖଡ଼ ଆଜି ସକାଳେ ରାଜଘାଟ ଯାଇ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । "ପୂଜ୍ୟ ବାପୁଙ୍କୁ ସମ୍ମାନ ପ୍ରଦର୍ଶନ କରି ନିଜକୁ ଅନୁପ୍ରାଣିତ ଓ ଉତ୍ସାହୀ ହୋଇ ରାଜଘାଟର ପୂଣ୍ୟ ପରିବେଶରେ ଭାରତର ସେବା ପାଇଁ ବ୍ରତୀ ହେବେ" ବୋଲି ଟ୍ୱିଟ୍ କରିଛନ୍ତି । ଶ୍ରୀ ଧନଖଡ଼ ତାଙ୍କର ପ୍ରାଥମିକ ଶିକ୍ଷା କିଥନା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଲାଭ କରିଥିଲେ । ତା'ପରେ ସେ ଗର୍ଧନାର ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଚିତୋରଗଡ଼ର ସୈନିକ ସ୍କୁଲରୁ ଶିକ୍ଷା ଲାଭ କରିଥିଲେ । ମହାବିଦ୍ୟାଳୟ ଶିକ୍ଷା ପାଇଁ ଶ୍ରୀ ଧନଖଡ଼ ▶▶ପୃଷ୍ଠା ୭

### ଦିଲ୍ଲୀରେ କରୋନା କଟକଣା : ମାସ୍କ ନ ପିନ୍ଧିଲେ ୫୦୦ ଟଙ୍କା ଜରିମାନା

ନୂଆଦିଲ୍ଲୀ, ୧୧/୦୮ : ଗୋଟିଏ ପଟେ ସାରା ଦେଶରେ ପୁଣି କରୋନା ସଂକ୍ରମଣ ବଢିଥିବା ବେଳେ ପୂର୍ବଭଳି ଦିଲ୍ଲୀରେ ସର୍ବାଧିକ ସଂକ୍ରମିତ ଚିହ୍ନଟ ହେବାରେ ଲାଗିଛନ୍ତି । ଏହି କ୍ରମରେ ଆଜି ଦିଲ୍ଲୀ ସରକାର ରାଜ୍ୟରେ କରୋନା କଟକଣା ଲଗାଇବା ଆରମ୍ଭ କରିଛନ୍ତି । ଦିଲ୍ଲୀ ସରକାର ପୁଣି ରାଜ୍ୟରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରିଛନ୍ତି । ଏହି କଟକଣାକୁ ଅବମାନନା କଲେ ପୂର୍ବଭଳି ୫୦୦ ଟଙ୍କା ଜରିମାନା ଆଦାୟ କରିବାକୁ ଦିଲ୍ଲୀ ସରକାର ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ବ୍ୟକ୍ତିଗତ କାରରେ ▶▶ପୃଷ୍ଠା ୭

## ୧୦ ଦିନିଆ ସିବିଆଇ ହେପାଜତକୁ ଗଲେ ଟିଏମସି ନେତା



କୋଲକାତା, ୧୧/୦୮ (ନି.ପ୍ର): ୧୦ ଦିନିଆ ସିବିଆଇ ହେପାଜତକୁ ଗଲେ ଟିଏମସି ନେତା ଅନୁବ୍ରତ ମଣ୍ଡଳ। ବେଆଇନ ଗୋଚାଲାଣ ମାମଲାରେ ଅନୁବ୍ରତଙ୍କୁ ସିବିଆଇ ଗିରଫ କରିଥିଲା। ଆଜି ତାଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର ପରେ ତାଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଥିଲା। ସେପଟେ ଅଧିକ ତଦନ୍ତ ପାଇଁ ସିବିଆଇ ୧୦ ଦିନିଆ ରିମାଣ୍ଡ ଆବେଦନ କରିଥିଲା। ବୋଲପୁରରୁ ଆଜି ତାଙ୍କୁ ସିବିଆଇ ଗିରଫ କରିଥିଲା। ବାରମ୍ବାର ସମନରୁ ବର୍ତ୍ତିବା ପରେ ଆଜି କେନ୍ଦ୍ରୀୟ ତଦନ୍ତକାରୀ ପଞ୍ଝାରେ ପଡ଼ିଥିଲେ ଅନୁବ୍ରତ ମଣ୍ଡଳ। ଅନୁବ୍ରତ ବୀରଭୂମ ଜିଲ୍ଲା ଟିଏମ୍‌ସି' ସଭାପତି ଅଛନ୍ତି । ଅନୁବ୍ରତ ମଣ୍ଡଳଙ୍କୁ ତାଙ୍କ ବାସଭବନରୁ ଗିରଫ କରାଯାଇଛି। ଏହା ପୂର୍ବରୁ ଅନୁବ୍ରତ ମଣ୍ଡଳ ୧୦ ଥର ସିବିଆଇ ସମନକୁ ଏଡ଼ାଇ ଥିଲେ। ସେଥିପାଇଁ ସିବିଆଇକୁ ଅଦାଲତର ଆଶ୍ରୟ ନେବାକୁ ପଡ଼ିଥିଲା। ଗିରଫ ପୂର୍ବରୁ ଶେଷ ସମନ୍‌ରେ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ହାଜର ହୋଇ ନଥିଲେ। ବେଆଇନ ଗୋଚଲାଣ ନେଇ ୨୦୨୦ରେ ସିବିଆଇ ଅନୁବ୍ରତଙ୍କ ନାମରେ ମାମଲା ରୁଜୁ କରଥିଲା। ସିବିଆଇ କହିବା ଅନୁସାରେ, ୨୦୧୫ରୁ ୨୦୧୭ ମଧ୍ୟରେ ସୀମାପାର ଗୋ ଚାଲାଣ ହେଉଥିବା ବେଳେ ବିଏସଏଫ ୨୦,୦୦୦ରୁ ଅଧିକ ଗୋରୁ ଜବତ କରିଥିଲା ଏଥିରେ ଅନୁବ୍ରତ ମଣ୍ଡଳ ସମ୍ପୃକ୍ତ ଥିଲେ। ନିକଟରେ ଅନୁବ୍ରତ ମେଡିକାଲ ଚେକଅପ ନାମରେ କୋଲକାତାର ଏକ ହସପିଟାଲରେ ଭର୍ତ୍ତି ହୋଇଥିଏ। ହେଲେ ମେଡିକାଲର ଏକ ଟିମ୍ ଅନୁମଣ୍ଡଳଙ୍କ ଚିକିତ୍ସା ଆବଶ୍ୟକ ନଥିବା ରିପୋର୍ଟ ଦେଇଥିଲେ। ସେଠାରେ ଅନୁମଣ୍ଡଳଙ୍କୁ ଦେଖି ଲୋକେ ଚୋର-ଚୋର କହି ଚିଲାଇଥିଲେ। ହିସପିଟଲାରୁ ବାହାରିବା ପରେ ଆଜି ତାଙ୍କୁ ସିବିଆଇ ଗିରଫ କରିଥିବା ଜଣାପଡ଼ିଛି।

### ମାଗଣାରେ ଜାତୀୟ ପତାକା ବାଂଟିବେ ମିଶନ ଶକ୍ତି ଗୋଷ୍ଠୀ

ଭୁବନେଶ୍ୱର, ୧୧/୦୮ (ନି.ପ୍ର): ସ୍ୱାଧୀନତା ର ୭୫ତମ ପୂର୍ତି ଉତ୍ସବ ଅବସରରେ ଓଡିଶା ବାସୀଙ୍କୁ ମାଗଣାରେ ଜାତୀୟ ପତାକା ଯୋଗାଇ ଦେବାକୁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି। ରାଜ୍ୟର ମିଶନ ଶକ୍ତିର ମା ମାନଙ୍କୁ ଜାତୀୟ ପତାକା ତିଆରି ଓ ବଂଟନ ଦାୟିତ୍ୱ ଦିଆଯାଇଛି। ସୂଚନା ଯୋଗ୍ୟ ଯେ ମିଶନ ଶକ୍ତିର ମା ମାନେ ତିରିଶ ଲକ୍ଷ ତ୍ରିରଙ୍ଗା ପ୍ରସ୍ତୁତ କରିଛନ୍ତି ଏବଂ ଏଥିପାଇଁ ରାଜ୍ୟ ସରକାର ସେମାନଙ୍କୁ ଅନୁଦାନ ଯୋଗାଇ ଦେଇଛନ୍ତି। ସାରା ଦେଶ ଚଳିତ ବର୍ଷ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି। ଏଥିପାଇଁ ଦେଶ ବାସୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖା ଦେଇଛି। ସରକାରୀ ଓ ବେସରକାରୀ ସ୍ତରରେ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି।

### ଚୀନ ବିରୋଧରେ ଦମ ଦେଖାଇଲା ତାଇୱାନ: ଲାଇଭ ଫାୟାର ଡ୍ରିଲ କଲା ତାଇୱାନ ସେନା

ନୂଆଦିଲ୍ଲୀ, ୧୧/୦୮ : ଚୀନ ସମରାଭ୍ୟାସ ବନ୍ଦ କରିବା ପରେ ଗୁରୁବାର ଆଉ ଏକ ସମରାଭ୍ୟାସ ଆରମ୍ଭ କରିଛି ତାଇୱାନ । ତାଇୱାନ ସେନା ଗୁରୁବାର ସକାଳେ ମିଲିଟାରୀ ଅସ୍ତ୍ରଶସ୍ତ୍ର ସହ ଏକ ଘଣ୍ଟା ସମରାଭ୍ୟାସ କରିଛି । ବଡ ବଡ ଶତାଧିକ ମିଲିଟାରୀ ଗାଡି ଏବଂ ସେନାକୁ ନେଇ ସମରାଭ୍ୟାସ କରିଛି ତାଇୱାନ । ତେବେ ଏହା ଚୀନର ସମରାଭ୍ୟାସକୁ ନଜର ରଖି କରାଯାଇନି । ଏହି ସମରାଭ୍ୟାସ ନେଇ ପୂର୍ବରୁ ଯୋଜନା ଥିବା କହିଛି ତାଇୱାନ ସେନା । ଚୀନ ବୁଧବାର ତାର ସମରାଭ୍ୟସ ଶେଷ କରିଥିବା କହିଥିଲେ ବି ତାଇୱାନ ଚାରପଟେ ସମୁଦ୍ରରେ ପାଟ୍ରୋଲିଂ ଜାରିରଖିଛି । ଏବଂ ଯୁଦ୍ଧ ପାଇଁ ସେନା ପ୍ରଶିକ୍ଷଣ ଜାରି ରଖିଥିବା କହିଛି ଚୀନ । ଆମେରିକା ସଂସଦର ବାଚସ୍ପତି ନାନ୍ସି ପେଲୋସିଙ୍କ ଗସ୍ତକୁ ନେଇ ତାଇୱାନକୁ ଚାରି ପଟୁ ଚୀନ ସମରାଭ୍ୟାସ କରିବା ସହ ତାଇୱାନ ସୀମା ଅତିକ୍ରମ ମଧ୍ୟ କରିଥିଲା ।

## ଖୋଲିଲା ହୀରାକୁଦ ଜଳ ଭଣ୍ଡାରର ୫ଟି ଗେଟ୍



ସମ୍ବଲପୁର, ୧୧/୦୮ (ନି.ପ୍ର): ହୀରାକୁଦ ଜଳଭଣ୍ଡାରର ୫ଟି ଗେଟ୍ ଖୋଲିଲା। ଉପରମୁଣ୍ଡରେ ପ୍ରବଳ ବର୍ଷା ହେବା ଯୋଗୁ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରୁ ୫ଟି ଗେଟ୍ ଖୋଲାଯାଇଛି। ପରେ ଆଉ ୫ଟି ଗେଟ୍ ଖୋଲିବାର ଯୋଜନା ରହିଛି ବୋଲି ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଆନନ୍ଦ ସାହୁ କହିଛନ୍ତି। ଜଳଭଣ୍ଡାରକୁ ସେକେଣ୍ଡ ପିଛା ୨ ଲକ୍ଷ ୯୬ ହଜାର ୭ ଶହ ୪୩ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ, ୩୯ ହଜାର ୯୫୭ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଏବେ ଜଳଭଣ୍ଡାରରେ ଜଳସ୍ତର ୬୧୨ ଦଶମିକ ୪୭ ଫୁଟ୍ ରହିଛି। ଗେଟ୍ ଖୋଲିବା ପୂର୍ବରୁ ସକାଳ ୯ଟା ୩୦ରୁ ସାଇରନ୍ ବଜାଇ ତଳମୁଣ୍ଡ ଲୋକଙ୍କୁ ସତର୍କ କରାଯାଇଥିଲା। ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଆନନ୍ଦ ସାହୁ କହିଛନ୍ତି, ମହାନଦୀ ଉପମୁଣ୍ଡରେ ବର୍ଷାର ପରିମାଣ ବଢ଼ିଥିବାରୁ ସରାଡିହରେ ସକାଳ ୬ଟା ସୁଦ୍ଧା ୪ଲକ୍ଷ କ୍ୟୁସେକ୍ ଜଳ ଜଳଭଣ୍ଡାର ମଧ୍ୟକୁ ଆସିଛି। ତାକୁ ଦୃଷ୍ଟିରେ ରଖି ଆଜିଠାରୁ ହୀରାକୁଦ ଜଳଭଣ୍ଡାରର ଗେଟ୍ ଖୋଲିବା ଆରମ୍ଭ କରିବୁ। ଆଜି ପ୍ରଥମ ପର୍ଯ୍ୟାୟରେ ୫ଟି ଗେଟ୍ ଖୋଲିବୁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୫ଟି ଗେଟ୍ ଖୋଲିବୁ। ମୋଟ ଉପରେ ୧୦ଟି ଗେଟ୍ ହୀରାକୁଦ ଜଳଭଣ୍ଡାରରୁ ଖୋଲାଯିବ। ପରେ ଜଳସ୍ତର ଦେଖି ହୀରାକୁଦ ଜଳଭଣ୍ଡାରରେ ଗେଟ୍ ଗୁଡ଼ିକ ଖୋଲାଯିବ।

## ବରଯାତ୍ରୀ ବେଶରେ ଆସି କଲେ ଚଢ଼ାଉ: ଜବତ ହେଲାଣି ୩୯୦ କୋଟି ଟଙ୍କା



ନୂଆଦିଲ୍ଲୀ, ୧୧/୦୮ : ପଶ୍ଚିମବଙ୍ଗରେ ପାର୍ଥ ଅର୍ପିତାଙ୍କ ପାଖରୁ ୫୦ କୋଟିରୁ ଅଧିକ ନଗଦ ଟଙ୍କା ଜବତ ହେବା ଘଟଣା ମନରୁ ନଯାଉଣୁ ମହାରାଷ୍ଟ୍ରରେ ବି ଜଣେ ବ୍ୟବସାୟୀଙ୍କ ଘରୁ ଠାବ ହୋଇଛି ଟଙ୍କାର ପାହାଡ଼ । ଜାଲନାର କପଡ଼ା ଓ ରିୟଲଇଷ୍ଟେଟ୍ ବ୍ୟବସାୟୀଙ୍କ ଘରେ ଆୟକର ବିଭାଗ ଚଢାଉ କରି ୧୦୦ କୋଟିରୁ ଅଧିକ ଟଙ୍କାର ସଂପତି ଜବତ କରିଛି । ଆଉ ଏହି ଚଢ଼ାଉ ପାଇଁ ଆୟକର ବିଭାଗ ଯେଉଁ ମାଷ୍ଟର ପ୍ଲାନ୍ କରିଥିଲା, ତାହା ସମସ୍ତଙ୍କୁ ଚକିତ କରିଛି । ଟିକସ ଫାଙ୍କିଥିବା ସୂଚନା ପାଇବା ପରେ ଆୟକର ବିଭାଗର ଲକ୍ଷ୍ୟ ରଖିଥିଲା କିଭଳି କଳେ ବଳେ କୌଶଳେ ବିପୁଳ ପରିମାଣର କଳାଧନକୁ ଜବତ କରାଯିବ । ତେଣୁ ଏଥିପାଇଁ ସିକ୍ରେଟ ମିଶନ ପ୍ରସ୍ତୁତ କରିଥିଲେ ଆୟକର ବିଭାଗର ଅଧିକାରୀ । ଯୋଜନା ମୁତାବକ ବରଯାତ୍ରୀ ବେଶରେ ଠିକଣା ନିକଟରେ ଅଧିକାରୀମାନେ ପ୍ରବେଶ କଲୋ କାହାକୁ କିଛି ଯେପରି ସନ୍ଦେହ ନହୁଏ, ତେଣୁ ଯେଉଁ ଗାଡ଼ି ସେମାନେ ବ୍ୟବହାର କରିଥିଲେ ସେଥିରେ ବରଯାତ୍ରୀ ଷ୍ଟିକର ଲଗାଇଥିଲେ । ଚଢାଉ ପାଇଁ କୋଡ଼ ଦିଆଯାଇଥିଲା 'ଦୁଲହନ୍ ଲେ ଜାୟେଙ୍ଗେ' । ▶▶ପୃଷ୍ଠା ୭

## ୯ରୁ ୧୩ ବର୍ଷର ଝିଅଙ୍କୁ ଦିଆଯିବ ପ୍ରତିଷେଧକ କ୍ୟାନସର ଟିକା

ନୂଆଦିଲ୍ଲୀ, ୧୧/୦୮ : ମହିଳାଙ୍କୁ ଯେତେ ପ୍ରକାର କ୍ୟାନସର ହୋଇଥାଏ, ଦ୍ୱିତୀୟ ସ୍ଥାନରେ ରହିଛି ସର୍ଭିକାଲ୍ କ୍ୟାନସର ବା ଜରାୟୁ କର୍କଟ । ତେବେ ଆଶ୍ୱସ୍ତର କଥା ହେଉଛି, ଜରାୟୁ କର୍କଟକୁ ପ୍ରତିରୋଧ କରିବା ପାଇଁ ଟିକା ରହିଛି । ଜାତୀୟ ଟିକାକରଣ କାର୍ଯ୍ୟକ୍ରମରେ ଏହାକୁ ସାମିଲ କରିବାକୁ ଯୋଜନା କରିଛନ୍ତି କେନ୍ଦ୍ର ସରକାର । ଏ ନେଇ ଅଗଷ୍ଟ ୧୫ ତାରିଖରେ ଘୋଷଣା କରିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏପଟେ ଆକାଂକ୍ଷୀ ଜିଲ୍ଲାରେ ୯ରୁ ୧୩ ବର୍ଷର ଝିଅଙ୍କୁ ମାଗଣାରେ ଟିକା ଦେବାକୁ ଅଂଟା ଭିଡିଛନ୍ତି ରାଜ୍ୟ ସରକାର । ୧୦ଟି ଆକାଂକ୍ଷୀ ଜିଲ୍ଲାର ହାଇସ୍କୁଲରେ ୯ରୁ ୧୩ ବର୍ଷ ବୟସର ବାଳିକାମାନଙ୍କୁ ମାଗଣାରେ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚପିଭି) ଟିକା ଦେବା ପାଇଁ ଯୋଜନା କରୁଛନ୍ତି ରାଜ୍ୟ ସରକାର । ସର୍ଭିକାଲ କ୍ୟାନସର ବା ଜରାୟୁ କର୍କଟରୁ ସୁରକ୍ଷା ଦେବ ଏହି ଟିକା । ଦୁଇବର୍ଷ ଭିତରେ ୧୦ଟି ଜିଲ୍ଲା – ବଲାଙ୍ଗିର, ଢେଙ୍କାନାଳ, ଗଜପତି, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି ଓ କୋରାପୁଟରେ ଟିକା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଟିକା ୭୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରଭାବଶାଳୀ ବୋଲି କହିଛନ୍ତି ବିଶେଷଜ୍ଞ ଡାକ୍ତର ।

## ୧୩ରେ ଲଘୁଚାପ, ବଢ଼ିବ ବର୍ଷା

ଭୁବନେଶ୍ୱର, ୧୧/୦୮ (ନି.ପ୍ର): ଲଘୁଚାପ ପ୍ରଭାବରେ ସମଗ୍ର ରାଜ୍ୟରେ ବର୍ଷା ଜାରି ରହିଛି। ଅନ୍ୟପକ୍ଷରେ ଅଗଷ୍ଟ ୧୩ ତାରିଖରେ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପରବର୍ତୀ ୨୪ ଘଂଟା ମଧ୍ୟରେ ଏହା ଅଧିକ ଚିହ୍ନିତ ହେବାର ସମ୍ଭାବନା ଅଛି । ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି, 'ଲଘୁଚାପ ପ୍ରଭାବରେ ରାଜ୍ୟରେ ଏବେ ବର୍ଷା ଲାଗି ରହିଛି। ୧୩ରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆଜି ଓ କାଲି ପ୍ରବଳ ବର୍ଷା ହୋଇପାରେ। ୧୩, ୧୪ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୪ରେ ବର୍ଷାର ପରିମାଣ ସର୍ବାଧିକ ରହିବ। ସମସ୍ତ ୩୦ ଜିଲ୍ଲାରେ ବର୍ଷିବ। ୧୫ ତାରିଖରେ ବର୍ଷାର ପରିମାଣ ସାମାନ୍ୟ କମିବ। ୧୩ ଏବଂ ୧୪ ତାରିଖରେ ରାଜ୍ୟରେ ବିସ୍ତୃତି ବର୍ଷା ସହ କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଏଥିଯୋଗୁଁ ପାହାଡିଆ ଅଂଚଳରେ ଭୂସ୍ଖଳନ , ଅକସ୍ମାତ ବନ୍ୟା, ତଳୁଆ ଅଂଚଳରେ ପାଣି ଜମିବା ସହ ଜଳବନ୍ଦୀ ▶▶ପୃଷ୍ଠା ୭

## ଦିଲ୍ଲୀରୁ ଗିରଫ ନାଇଜେରିଆ ଯୁବକଙ୍କୁ ବାଲେଶ୍ୱର ଆଣିଲା ପୁଲିସ

### ଅନଲାଇନରେ ଠକି ନେଇଥିଲା ୩୦ ଲକ୍ଷ



ବାଲେଶ୍ୱର, ୧୧/୦୮ (ନି.ପ୍ର): ସୋସିଆଲ ମିଡିଆରେ ବିଦେଶୀ ମହିଳାଙ୍କ ନାମରେ ଆକାଉଣ୍ଟ ଖୋଲି ଅନଲାଇନରେ ୩୦ ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ନାଇଜେରିଆ ଯୁବକଙ୍କୁ ଦିଲ୍ଲୀରୁ ଗିରଫ କରିଛି ବାଲେଶ୍ୱର ସାଇବର ଥାନା ପୁଲିସ। ଦିଲୀ କିଶନଗଡ଼ରୁ ଗିରଫ ହୋଇଥିବା ଏହି ଯୁବକଙ୍କ ନାମ ସାମସନ ଏମିକେ ଏଲିକା। କିଶନଗଡ଼ ଅଞ୍ଚଳରେ ରହି ସୋସିଆଲ ମିଡିଆରେ ଫେକ ଆଇଡି ଜରିଆରେ ପ୍ରଥମେ ବନ୍ଧୁତା ସ୍ଥାପନ ସହ ବିଭିନ୍ନ ଆଳ ଦେଖାଇ ଅନଲାଇନରେ ଲୋକଙ୍କଠାରୁ ଅର୍ଥ ଲୁଟୁଥିଲେ ବୋଲି ପୁଲିସ ସୂଚନା ଦେଇଛି। ୩୦ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ବାଲେଶ୍ୱର ସହର ବାଲିଆ ଅଞ୍ଚଳର ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ଫେସବୁକରେ ଇଂଲଣ୍ଡର ଜଣେ ସୁନ୍ଦରୀ ମହିଳା ସମ୍ପୃକ୍ତ କର୍ମଚାରୀଙ୍କ ସହ ବନ୍ଧୁତା କରିଥିଲା। ପରେ ଘନିଷ୍ଠତା ବଢ଼ାଇବା ସହ ବିଭିନ୍ନ ଆଳ ଦେଖାଇ ନାଇଜେରିଆ ଯୁବକ ସାମସନ ଇଂଲଣ୍ଡ ସୁନ୍ଦରୀଙ୍କ ନାମରେ ବାଲେଶ୍ୱରର ଏହି କର୍ମଚାରୀଙ୍କଠାରୁ ୩୦ ଲକ୍ଷ ଟଙ୍କା ଅନଲାଇନରେ ଠକି ନେଇଥିଲା। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ବାଲେଶ୍ୱର ସାଇବର ପୁଲିସ ସମ୍ପୃକ୍ତ ମହିଳାଙ୍କ ନାମରେ ଥିବା ଆକାଉଣ୍ଟକୁ ଫ୍ରିଜ କରିଥିଲା। ଫୋନ ନଂକୁ ଟ୍ରାକିଂ ସହ ଦିଲୀରୁ ମହିଳାଙ୍କ ନାମରେ ଆକାଉଣ୍ଟ ଖୋଲି ଠକୁଥିବା ଯୁବକ ସାମସନକୁ ପୁଲିସ ଗିରଫ କରିଥିଲା। ୩ ଦିନିଆ ରିମାଣ୍ଡରେ ଆଣି ପୁଲିସ ଏବେ ପଚରାଉଚୁରା ଆରମ୍ଭ କରିଛି। ତେବେ ଗିରଫ ନାଇଜେରିଆ ଯୁବକ ସାମସନ ଏହି ଠକେଇ ବାବଦରେ ସବୁକିଛି ମାନିଥିବା ପୁଲିସ ପ୍ରକାଶ କରିଛି। ୨୦୧୮ ମସିହାରୁ ତାର ଭିସା ଓ ପାସପୋର୍ଟ ଅବଧି ଶେଷ ହୋଇଥିବା ଜଣାପଡ଼ିଛି।

# ମୁଖ୍ୟ ଡାକଘର ସମ୍ମୁଖରେ ଧର୍ମଘଟ

ଜୟପୁର,୧୧/୦୮ (ନି.ପ୍ର): ଜୟପୁର ମୁଖ୍ୟ ଡାକଘର ସମ୍ମୁଖରେ ଧର୍ମଘଟ । କୋରାପୁଟ ଡାକ ମଣ୍ଡଳ ଅନ୍ତର୍ଗତ ଅଲ ଇଣ୍ଡିଆ ପୋଷ୍ଟାଲ ଏମ୍ପ୍ଲୋୟୀସ ୟୁନିୟନ, ତୃତୀୟ ଶ୍ରେଣୀ, ପୋଷ୍ଟମେନ ଏବଂ ଏମଟିଏସ ଓ ଗ୍ରାମୀଣ ଡାକ ସେବକ ସଂଘ ତରଫରୁ ସମସ୍ତ କର୍ମଚାରି ମିଳିତ କେନ୍ଦ୍ର ସଂଘର ନିର୍ଦ୍ଦେଶ କ୍ରମେ ସର୍ବଭାରତୀୟ ସ୍ତରରେ ଦିନିକିଆ ଧର୍ମଘଟର ଆହ୍ୱାନ କ୍ରମେ ସମଗ୍ର କୋରାପୁଟ ଡାକ ମଣ୍ଡଳରେ ଧର୍ମଘଟ କରିଛନ୍ତି । ୪୦ଟି ଉପ ଡାକଘରର ୫ ଶହରୁ ଅଧିକ ଶାଖା ଡାକଘର କର୍ମଚାରୀ ଭାଗ ନେଇ କାର୍ଯ୍ୟାଳୟ ବନ୍ଦ ରଖିଛନ୍ତି । ଭାରତୀୟ ଡାକ ବିଭାଗକୁ ଘରୋଇକରଣ କରିବା ଚକ୍ରାନ୍ତରୁ ରକ୍ଷା କରିବା, ଡାକ ମିତ୍ର ଯୋଜନା ପ୍ରଣୟନ ବନ୍ଦ କରିବା ଏବଂ ସିଏସସି ମାଧ୍ୟମରେ ଡାକ ବିଭାଗର ସେବା ଅନ୍ୟ ଦ୍ୱାରା ଉପଲବ୍ଧ କରିବା ବନ୍ଦ କରିବା, ଡାକ ବିଭାଗ ସର୍ବବୃହତ ପୋଷ୍ଟାଲସେଭିଂସ ଓ ବୀମାକୁ ଆଇପିପିବି ବ୍ୟାଙ୍କ ଲିମିଟେଡ ହସ୍ତାନ୍ତର କରିବା ବନ୍ଦ କରିବା, ଏନପିଏସକୁ ବନ୍ଦ କରି ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ଗ୍ରାମୀଣ ଡାକ ସେବକଙ୍କୁ ସରକାରୀ ମାନ୍ୟତା ଦେବା, ମେଡିକାଲ ସୁବିଧା ସୁଯୋଗ ଦେବା, ବରିଷ୍ଠତା ଆଧାରରେ ପ୍ରମୋଶନ ଦେବା ଆଦି ୧୫ ଦଫା ଦାବି ନେଇ ଏହି ଧର୍ମଘଟ ଦିଆଯାଇଛି । ଏଠାରେ ଗ୍ରାମୀଣ ମଣ୍ଡଳ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ସାହୁ, ପୋଷ୍ଟମେନ ଓ ଏମଟିଏସ ମଣ୍ଡଳ ସମ୍ପାଦକ ନିଳାମ୍ବର ନାୟକ, ତୃତିୟ ଶ୍ରେଣୀକ ମଣ୍ଡଳ ସଭାପତି ଏ ଉମା ମହେଶ୍ୱର ପ୍ରମୁଖ ଧର୍ମଘଟରେ ଉପସ୍ଥିତ ରହିଥିବା ବେଳେ ସିଟି କୋର୍ଡିନେସନ କମିଟିରର ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ ଉପସ୍ଥିତ ରହି ସହଯୋଗ କରିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

କେନ୍ଦ୍ରାପଡ଼ା,୧୧/୦୮ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ସାନ୍ତସାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ଗିରିଶ ଚନ୍ଦ୍ର କର ଏହି ବିଜ୍ଞାନ ପ୍ରକଳ୍ପ ଉଦ୍‌ଘାଟନ କରିଥିବାବେଳେ ସମ୍ପାଦକ ହିମାଂଶୁ ଶେଖର ଦାଶ ସମାରୋପ କାର୍ଯ୍ୟକ୍ରମରେ ଯୋଗଦେଇ ଜ୍ଞାନ ବିଜ୍ଞାନ ମେଳାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ବିରୂପା ମହା ବିଦ୍ୟାଳୟର ଅଧ୍ୟାପକ ବାପୁଜି ମହାପାତ୍ର ମୁଖ୍ୟ ଅତିଥି, ଜ୍ୟୋତିର୍ମୟ ଦାସ ସମ୍ମାନିତ ଅତିଥି ଓ ବିଦ୍ୟାଭାରତୀ ସଂଗଠନ ମନ୍ତ୍ରୀ ଡ଼ଃ ରାମ ଗୋପାଳ, ବିଭାଗ ନିରୀକ୍ଷକ ଡ଼ଃ ଲକ୍ଷବଟ୍ଟ ମହନ୍ତ ପ୍ରମୁଖ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ ।

# 'ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର' ପୁସ୍ତକ ଉନ୍ମୋଚିତ

କେନ୍ଦ୍ରାପଡ଼ା,୧୧/୦୮ (ନି.ପ୍ର): ଦୁଃଖିନୀ କନିକାର ରଚୟିତା ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ "ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର" ପୁସ୍ତକକୁ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆଜି କେନ୍ଦ୍ରାପଡ଼ା ଟାଉନ ହଲ ଠାରେ ଉନ୍ମୋଚନ କରି କହିଲେ "ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନୀ ଓ ତାଙ୍କ ଜୀବନଚର୍ଯ୍ୟା ଦେଶର ପ୍ରତିଟି ଘରେ ପହଂଚିବା ଦରକାର । ଯାହା ଫଳରେ ଦେଶର ଅଗଣିତ ଜନତା ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହେବେ । ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ଥିଲେ ଜଣେ ନିର୍ଭୀକ ଲେଖକ ଓ ତ୍ୟାଗପୂତ ଜୀବନାଦର୍ଶନର ଅନନ୍ୟ ଉଦାହରଣ ।" ସଂଗ୍ରାମୀ ଆନନ୍ଦ ଚନ୍ଦ୍ରଙ୍କ ଜୀବନଗାଥା ଓ ତାଙ୍କ ଜୀବନଗାଥା ଓ ତାଙ୍କ ଚର୍ଚ୍ଚିତ କବିତା "ଦୁଃଖିନୀ କନିକା" ଉପରେ ଆଲୋକପାତ କରି ପ୍ରଫେସର ଗଣେଶୀ ଲାଲ କହିଲେ "ମହାତ୍ମାଙ୍କ ସଂପାଦିତ ୟଙ୍ଗ ଇଣ୍ଡିଆର ଇଂରାଜୀ ଅନୁବାଦରେ ପ୍ରକାଶିତ ଏହି "ଦୁଃଖିନୀ କନିକା" ସେତେବେଳେ ସାରା ଭାରତ ବର୍ଷରେ ଚାଂଚଲ୍ୟ ସୃଷ୍ଟି କରିଥିଲା ।" ଘରେ ଘରେ ତ୍ରିରଙ୍ଗା ଓ ଦେଶ ପ୍ରେମର ଅମୃତ ବାଣୀ ପହଂଚାଇବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି ଉତ୍ସବରେ ଓଡ଼ିଶାର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ କନିକା ପ୍ରଜା ଆନ୍ଦୋଳନରେ ଦୁଃଖିନୀ କନିକାର ଲେଖକ ଆନନ୍ଦ ଚନ୍ଦ୍ର ଜେନାଙ୍କ କାଳଜୟୀ ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ଉତ୍ସବରେ ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରାପଡ଼ାର ବିଧାୟକ ଶଶିଭୂଷଣ ବେହେରା ଯୋଗଦାନ କରି ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ଯୋଗଦାନ ଓ କନିକା ରାଜାଙ୍କ ଅକ୍ରୋସର ଶିକାର ହୋଇ ନିର୍ଯାତିତ ହୋଇଥିବା ସଂଗ୍ରାମୀ ଆନନ୍ଦ ଚନ୍ଦ୍ରଙ୍କ ଘଟଣାବଳୀ ଉଲ୍ଲେଖ କରିଥିଲେ । ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ନିଳମଣୀ ସାମଲ, ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ରର ପ୍ରକାଶକ ଓ ଗୁରୁଜୀ ଗ୍ରୁପର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡଃ ହୟଗ୍ରୀବ ହରେକୃଷ୍ଣ ଗୁରୁ, ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ ପମୁଖ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସ୍ମୃତିକମିଟିର ସଭାପତି କରୁଣାକର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପୁସ୍ତକର ଲେଖକ ନିରଞ୍ଜନ ମେକାପ, ପୂର୍ବତଟ ରେଳପଥର ବରିଷ୍ଠ ଜନ ସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ଓ ଲେଖକ ନିରାକାର ଦାସ, ଜୁଭେନାଇଲ ଜଷ୍ଟିସ ବୋର୍ଡ଼ର ପୂର୍ବତନ ସଭ୍ୟ ବିପିନ ବିହାରୀ ବାରିକ ଓ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ନିଳମଣୀ ସାମଲ, ପୌରାଧକ୍ଷା ସରିତା ସାହୁ, ବିପ୍ଳବୀଙ୍କ ନାତି ସଞ୍ଜୟ କୁମାର ଜେନା ପ୍ରମୁଖଙ୍କ ସମେତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ମହାମହିମ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ । ସ୍ମୃତି କମିଟିର ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ ସଭାପତି ପରିଚାଳନା କରିଥିବାବେଳେ ଚିତ୍ରଶିଳ୍ପୀ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଙ୍କୁ ବିପ୍ଳବୀଙ୍କ ତୈଳ ଚିତ୍ର ମହାମହିମ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ନନ୍ଦ କିଶୋର ପରିଡ଼ା, ଡଃ ବାସୁଦେବ ଦାସ, ଭଜକୃଷ୍ଣ ରାଉତ, ଜଲ୍ଲା ପରିଷଦର ଅଧକ୍ଷା ଗୀତାଞ୍ଜଳୀ ସେଠୀ, ବ୍ଲକଅଧକ୍ଷା, ଜିଲ୍ଲା ପରିଷଦ ସଭ୍ୟ ନିର୍ମଳା ମହାନ୍ତି, ପୂର୍ବତନ ବିଧାୟିକା ଡଃ ସିପ୍ରା ମଲିକ, ପୌର ପରିଷଦର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିବାବେଳେ କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ପେଟ୍ରୋଲ ଟାଙ୍କି ଖୋଲିବାର ପଛ ରହସ୍ୟକୁ ନେଇ ସହରରେ ଚର୍ଚ୍ଚା

ପୁରୀ,୧୧/୦୮ (ନି.ପ୍ର): ଜନଗହଳିପୂର୍ଣ୍ଣ ଅଂଚଳ ଗୁଣ୍ଡିଚା ମନ୍ଦିର ନିକଟରେ ଖୋଲିଛି ଏକ ନୂଆ ପେଟ୍ରୋଲ ଟାଙ୍କି । ଏହି ଟାଙ୍କି ଖୋଲିବାକୁ ନେଇ ସ୍ଥାନୀୟ ଅଂଚଳରେ ଜନଶୁଣାଣି କରାନଯାଇ ଲୁଚାଛପାରେ ପାଚେରି ଓ ନେଳିକନା ଆଢୁଆଳ କରି ବହୁଦିନ ଧରି କାମ ଚାଲିଥିଲା । ପେଟ୍ରୋଲ ଟାଙ୍କି ଖୋଲିଥିବା ମାଲିକ ଜଣେ ପୋଖତ ବେପାରି ହୋଇଥିବାରୁ ବେପାର କିପରି ବଢ଼ିବ ସେ ସମ୍ପର୍କରେ ଅନେକ କାଇଦା କଟକଣାକୁ ବ୍ୟବହାର କରିଥିବା ଆଲୋଚନା ହେଉଛି । ଗୁଣ୍ଡିଚା ମନ୍ଦିର ରୋଷଶାଳା ଠାରୁ ୫୦ ମିଟର ଭିତରେ ଏହି ଟାଙ୍କି ଖୋଲାଯାଇଛି । ଟାଙ୍କି ଖୋଲାଯାଇଥିବା ପ୍ଲଟଟି ନଟ୍ ଫାଇନାଲ ଅଂଚଳ ହୋଇଥିବାବେଳେ ଅତ୍ୟଧିକ ଦର ଦେଇ କିଣା ଯାଇଥିବା କୁହାଯାଉଛି । ସେହିପରି ରାସ୍ତାକୁ ଲାଗିକରି ପେଟ୍ରାଲ ଟାଙ୍କି ହୋଇଥିବାରୁ ଯଦି ଲମ୍ବା ଲାଇନ ହୁଏ ତେବେ ସେଠାରେ ଟ୍ରାଫିକ ଜାମ ସହ ବସ୍‌ଷ୍ଟାଣ୍ଡରୁ ବସ୍ ଯାତାୟାତ କରିବାରେ ବିଳମ୍ବ ଘଟିବ । ପୂର୍ତ୍ତ ବିଭାଗ କେଉଁ ଆଧାରରେ ଅନୁମତି ଦେଇଛି ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀ କହିଛନ୍ତି ପେଟ୍ରୋଲ ଯୋଗାଣ ପାଇଁ ଆମେ ଅନୁମତି ଦେଇନାହୁଁ କେବଳ ଡ଼ିଜେଲ ଯୋଗାଣ ପାଇଁ ଅନୁମତି ଦେଉଥିବା ବେଳେ ସମ୍ପୃକ୍ତ ଟାଙ୍କି ମାଲିକର ଫାଇଲ ଆମ ପାଖକୁ ଆସିନାହିଁ । ମାପ ଓ ଓଜନ ବିଭାଗ ପୁରୀ ସହରର କେଉଁ ସ୍ଥାନରେ ଅଫିସ ଖୋଲିଛି ତାହା କେହି ଜାଣିପାରି ନାହାନ୍ତି । ଅନ୍ୟପକ୍ଷରେ ମାପ ଓ ଓଜନ ବିଭାଗ କେଉଁ ଆଧାରରେ ଅନୁମତି ଦେଇଛି ତା'ର ରହସ୍ୟ କ'ଣ ତାକୁ ନେଇ କୋଳତାଡ଼ ଆରମ୍ଭ ହୋଇଛି । ପେଟ୍ରୋଲ ଟାଙ୍କି ପାଇଁ କେଉଁ ନେତାଙ୍କୁ ଧରି ଅନୁମତି ଅଣାଯାଇଛି ତାହା ପଛର ଅସଲ ରହସ୍ୟ କଣ ତାକୁ ବି ଅଚଂଳବାସୀ ଖୋଳତାଡ଼ କରିବାରେ ଲାଗିଛନ୍ତି । ଅଗ୍ନିଶମ ବିଭାଗ କ'ଣ ଦେଖି ଅନୁମତି ଦେଇଛନ୍ତି ଏ ସମ୍ପର୍କରେ ଅଚଂଳବାସୀଙ୍କୁ ଜଣାଇନଥିବା ଆଲୋଚନା ହେଉଛି । ସେହି ଅଚଂଳଟି ନିଶାଖୋରଙ୍କ ଆଡ୍ଡାସ୍ଥଳି ହୋଇଥିବା ବେଳେ ୨୪ ଘଂଟା ଦିନରାତି ବିଡ଼ି ସିଗାରେଟ ନିଆଁ ଫୋପାଡୁଥିବା ଦେଖିବାକୁ ମିଳୁଛି । ଟାଙ୍କି କାମ ହେବା ପୂର୍ବରୁ ଗୋଟିଏ ମାଧ୍ୟମ ପ୍ରତିନିଧି ଏ ସମ୍ପର୍କରେ ଖୋଳତାଡ଼ କରୁଥିବାବେଳେ ସେ ଏବେ କାହିଁକି ଚୁପ୍ ରହିଛନ୍ତି ତାକୁ ନେଇ ମୋଚିସାହି ଛକରେ ଚର୍ଚ୍ଚା ହେଉଛି । ଏହି ପେଟ୍ରୋଲ ଟାଙ୍କି ଖୋଲିବା ପଛରେ କିଛି ବାହୁବଳି, ରାଜନେତା ଓ ମାଧ୍ୟମ ପ୍ରତିନିଧିଙ୍କ ହାତ ଚିକ୍କଣ ହୋଇଥିବା ଆଲୋଚନା ହେଉଛି । ଏହା ପଛରେ ଅନେକ ଲୁକାୟିତ ତଥ୍ୟ ଲୁଛି ରହିଛି ।

## ତୁଳସୀ ମହିଳା ମହାବିଦ୍ୟାଳୟର ୪୪ ତମ ସ୍ୱନକ୍ଷତ୍ର ପାଳିତ

କେନ୍ଦ୍ରାପଡ଼ା,୧୧/୦୮ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ଗୋପ ଗ୍ରାମରେ ଥିବା ତୁଳସୀ ମହିଳା ମହା ବିଦ୍ୟାଳୟର ୪୪ ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି । ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତି କରଣ ଦିଗରେ ଶିକ୍ଷା ହିଁ ପ୍ରକୃଷ୍ଟ ମାଧ୍ୟମ ଏହା ଉପଲବ୍ଧି କରି ତତ୍‌କାଳୀନ ନାରୀନେତ୍ରୀ ଧୀରାମଣୀ ଦେବୀ ଓ ତାଙ୍କ ସହିତ ଅକ୍ଳାନ୍ତ ପରିଶ୍ରମ କରି ଏ ଅନୁଷ୍ଠାନର ଜୀବନ୍ୟାସ କରିଥିବା ପ୍ରତିଭାମାନଙ୍କୁ ସ୍ମରଣ କରିବା ସହ ତୁଳସୀ ମହିଳା ମହା ବିଦ୍ୟାଳୟ ସେହି ଚିନ୍ତା ନାୟକମାନଙ୍କ ଆଶା ଆକାଂକ୍ଷା ପୂରଣରେ ସହାୟକ ହୋଇପାରୁଛି ବୋଲି ବକ୍ତବ୍ୟ ରଖିଥିଲେ । ଶ୍ରୀ ବେହେରା ପ୍ରଥମେ ହୀରାମଣି ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅଧକ୍ଷ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡ଼ଃ ସିପ୍ରା ମଲିକ, ପୌରାଧକ୍ଷା ସରିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ପୂର୍ବତଟ ରେଳପଥର ଲୋକ ସମ୍ପର୍କ ଅଧିକାରୀ କବି ନିରାକାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ପୌରାଣିକ ଆଖ୍ୟାନ ମାଧ୍ୟମରେ ନାରୀ ଶିକ୍ଷାର ମହତ୍ୱ ଓ ଆବଶ୍ୟକତା ପ୍ରତିପାଦନ କରିଥିଲେ ।

# ଭୁବନରେ କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ ପାଳିତ ଓ ଗୌରବ ଯାତ୍ରା ଅନୁଷ୍ଠିତ

ଭୁବନ,୧୧/୦୮ (ନି.ପ୍ର): ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟି ତରଫରୁ ଭୁବନରେ କ୍ରାନ୍ତି ଦିବସ ପାଳନ ଓ ସ୍ୱାଧିନତାର ୭୫ ବର୍ଷ ଉପଲକ୍ଷେ ଗୌରବ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କମିଟି ସଭାପତି ସରୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ମନ୍ତ୍ରୀ ଡଃ ଯୁଧିଷ୍ଠିର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ ସେଲ୍ ସଭାପତି ବିପ୍ରବର ସାହୁ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ଜିଲ୍ଲା ସଂପାଦକ ବିନୋଦ ମହାରଣା, ଭୁବନ ବ୍ଲକ କଂଗ୍ରେସ ସଭାପତି ଭାଗିରଥି ଜେନା, ପ୍ରେମଶଙ୍କର ମିଶ୍ର, ଡମ୍ବରୁଧର ସେଠୀ, ଭାଗବତ ସାହୁ ପ୍ରମୁଖ ଯୋଗଦେଇ ସର୍ବପ୍ରଥମେ ବିଶ୍ୱର ସର୍ବକନିଷ୍ଠ ବୀର ବାଜିରାଉତଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଭୁବନ ଡାକ ବଙ୍ଗଳାରୁ ଶତାଧିକକର୍ମୀଙ୍କ ଗହଣରେ ଗୌରବ ଯାତ୍ରା ସହର ପରିକ୍ରମା କରି ବୁଦ୍ଧେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ମୁଖ୍ୟଅତିଥି କର୍ମୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ବିଜେପି ସରକାର ଏବେ ହିଂସା, ବିଦ୍ୱେଶ ଓ ପ୍ରତିଶୋଧମୂଳକ ରାଜନୀତି କରୁଛି । ଯେଉଁ ଦଳ ତ୍ରିରଙ୍ଗା ପତାକାକୁ ଆଦୌ ସମ୍ମାନ ଦିଏ ନାହିଁ ସେ ଦଳ ଏବେ ତ୍ରିରଙ୍ଗା ଯାତ୍ରା କରୁଛି । ଦରଦାମ ବୃଦ୍ଧି ଅସହ୍ୟ ହେଲାଣି, ଅଚ୍ଛେଦିନର ସ୍ୱପ୍ନ ଦେଖାଇ ଲୋକଙ୍କୁ ବୁରେ ଦିନରେ ହନ୍ତସନ୍ତ କରିମାରୁଛି । କେଉଁଟା ଅଚ୍ଛେଦିନ ତାହା ପ୍ରତ୍ୟେକ ଲୋକ ଏବେ ମର୍ମେମର୍ମେ ଅନୁଭବ କରୁଛନ୍ତି । ମୁଖ୍ୟ ଅତିଥି ଡଃ ଯୁଧିଷ୍ଠିର ଜେନା ବିଜେପି ହଟାଓ, ଭାରତ ବଂଚାଅ ବୋଲି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ ।

## କଂଗ୍ରେସର ପଦଯାତ୍ରା

ନୂଆପଡ଼ା,୧୧/୦୮ (ନି.ପ୍ର): କଂଗ୍ରେସ ଦଳ ତରଫରୁ ଅଗଷ୍ଟ ୯ ତାରିଖ ଦିନ ଠାରୁ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ନୂଆପଡା ଜିଲ୍ଲା ବ୍ୟାପି ସ୍ୱାଧିନତା ର ଗୌରବ ଯାତ୍ରା ତଥା ପଦଯାତ୍ରା ଆରମ୍ଭ କରାଯିବାର କାର୍ଯ୍ୟକ୍ରମ ରହିଛି ।ଏହି ଅବସରରେ ଆଜି ଜିଲ୍ଲା କଂଗ୍ରେସ କମିଟି ଓ ସିନାପାଲି ବ୍ଲକ କଂଗ୍ରେସ କମିଟି ତରଫରୁ ସିନାପାଲି ବ୍ଲକ ଗଣ୍ଡାବାହାଲି ଠାରୁ ସିଙ୍ଗଝର ପର୍ଯ୍ୟନ୍ତ ଦୀର୍ଘ ୧୫ କିଲୋମିଟର ପଦଯାତ୍ରା କରାଯାଇଥିଲା ।ନୂଆପଡା ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀ ଓ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ପଦଯାତ୍ରା ରେ ସାମିଲ ହୋଇଥିଲେ ।କେନ୍ଦ୍ର ସରକାର ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ ମଧ ପାଳନ କରୁନାହାନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ ।ଅହେତୁକ ଦରଦାମ ବୃଦ୍ଧି ଦେଶବାସୀ ଙ୍କୁ ତଳିତଳାନ୍ତ କରିଦେଇଛି, ରନ୍ଧନ ଗ୍ୟାସ, ଇନ୍ଧନ, ଖାଦ୍ୟଦ୍ରବ୍ୟ ର ଯେପରି ଦରବୃଦ୍ଧି ହେଉଛି ସାଧାରଣ ଲୋକଙ୍କ ବଞ୍ଚିବା ଦୁର୍ବିସହ ହୋଇ ପଡିଛି ବୋଲି ବିଧାୟକ କହିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଜି ଏସ ଟି ପ୍ରତ୍ୟାହାର, ବେକାରୀ ସମସ୍ୟା ଦୂରୀକରଣ ପାଇଁ ଦାବି କରିଥିଲେ ।କେନ୍ଦ୍ର ସରକାରଙ୍କ ଭୁଲ ନିଷ୍ପତ୍ତି ଉପରେ ସମସ୍ତଙ୍କୁ ସଚେତନ କରାଯିବ ବୋଲି କଂଗ୍ରେସ ଦଳ ତରଫରୁ ସୂଚନା ଦିଆଯାଇଥିଲା ।

# ନୂଆବଜାରରେ ବସଷ୍ଟାଣ୍ଡ ରହିବ : ନଗରପାଳ

ଭୁବନ,୧୧/୦୮ (ନି.ପ୍ର): ଭୁବନ ଏନ୍‌ଏସି ଅନ୍ତର୍ଗତ ଇଲେକ୍ଟ୍ରି ଅଫିସ ସମ୍ମୁଖ ଭଦଳିଆପଶି ମୌଜାର ଶ୍ମଶାନ ଜମିକୁ ପତିତ କିସମରେ ପରିବର୍ତ୍ତନ କରି ନୂତନ ବସ୍‌ଷ୍ଟାଣ୍ଡ କରାଯିବାକୁ ପ୍ରଶାସନିକ ସ୍ତରରେ ହୋଇଥିବା ନିଷ୍ପତି/ଷଡ଼ଯନ୍ତ୍ରକୁ ନେଇ ନୂଆ ବଜାର ବଣିକସଂଘ ସମେତ ଭୁବନବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ବସଷ୍ଟାଣ୍ଡ ସ୍ଥାନାନ୍ତର ଘଟଣା ପ୍ରତିବାଦରେ ଗତକାଲି ଅପରାହ୍ଣରେ ନୂଆବଜାରର ସମସ୍ତ ବ୍ୟବସାୟୀ ସେମାନଙ୍କର ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ଲକ୍ଷ୍ମୀମନ୍ଦିର ସମ୍ମୁଖରେ ବଣିକସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜରୁରୀ ବୈଠକରେ ଯୋଗଦେଇ ପ୍ରତିବାଦ କରିଥିଲେ । ଏ ସମ୍ପର୍କରେ ଖବର ପାଇ ନଗରପାଳ ଶୁଭେନ୍ଦୁ ସାହୁ ଘଟଣାସ୍ଥଳରେ ପହଂଚି ନୂଆବଜାର ବଣିକସଂଘ ବ୍ୟବସାୟୀମାନଙ୍କୁ ସାନ୍ତ୍ୱନା ଦେଇ କହିଥିଲେ ଯେ, ଦୀର୍ଘ ୫୦ ବର୍ଷହେଲା ନୂଆ ବଜାରରେ ଯେଉଁଭଳି ଭାବେ ବସଷ୍ଟାଣ୍ଡ ରହିଛି ଆଗକୁ ସେହିଭଳି ରହିବ । ନୂଆବଜାରରୁ ବସ୍‌ଷ୍ଟାଣ୍ଡ ଉଠିବ ନାହିଁ, ବସ୍‌ଷ୍ଟାଣ୍ଡ ଏଇଠି ରହିବ । ଭୁବନର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଗାଡ଼ିମୋଟର ସଂଖ୍ୟା ଦୃଷ୍ଟିରୁ ଯାତ୍ରା ପଡ଼ିଆ ଠାରେ ବସ୍ ଟର୍ମିନାଲ ହେବ କିନ୍ତୁ ବସ୍ ଏଇଠି ରହିବ । ନୂଆବଜାରରୁ ହିଁ ଯାତ୍ରୀମାନେ ସେମାନଙ୍କର ଗନ୍ତବ୍ୟ ସ୍ଥାନକୁ ଯିବା ଆସିବା କରିବେ । ନୂଆବଜାରର ଦକ୍ଷିଣ ପାର୍ଶ୍ୱରେ ଥିବା ଏନ୍‌ଏସିର ୫ଟି ଷ୍ଟଲ୍‌କୁ ଭଙ୍ଗା ଯାଇ ବାଳିକା ପ୍ରାଥମିକ ବିଦ୍ୟାଳୟକୁ ନୂଆ ବଜାର ସହିତ ମିଶ୍ରଣ କରାଯିବ । ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରରେ ୨ ମହଲା ଦୋକାନ ଘର କରାଯିବ, ଆପଣମାନେ ହିଁ ସେ ଘର ନେଇ ବ୍ୟବସାୟ କରିବେ ବୋଲି ନଗରପାଳ ଶ୍ରୀ ସାହୁ କହିଥିଲେ । ସୂଚନାଯୋଗ୍ୟ ଯେ, ଗତବର୍ଷ ଆଂଚଳିକ ପରିବହନ ଅଧିକାରୀ ଭଦଳିଆ ପଶି ମୌଜା ଖାତା ନଂ-୪୩୬ ପ୍ଲଟ ନଂ-୩୦୦୧ ଏ୪.୩୪ ଡେ. ମି ଶ୍ମଶାନ କିସମ ଉକ୍ତ ଶ୍ମଶାନ ଜାଗାକୁ ପତିତ କିସମରେ ପରିବର୍ତ୍ତନ କରି ୧ ଏକର ଜାଗାରେ ବସଷ୍ଟାଣ୍ଡ ନିର୍ମାଣ କରିବା ସକାଶେ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଇବା ପରେ ତହସିଲଦାର ଗତ ତା ୨୯.୦୪.୨୦୨୧ ରିଖରେ ଚିଠି ନଂ-୧୮୧୨ରେ ଏକ ସର୍ବସାଧାରଣ ନୋଟିସ ଜାରିକରି ଜନସାଧାରଣଙ୍କ ମତାମତ/ଅଭିଯୋଗ ଲୋଡିଥିଲେ । ଭୁବନର ବିଭିନ୍ନ ବଣିକସଂଘ, ଅନୁଷ୍ଠାନ ଓ ସଂଗଠନ ତରଫରୁ ଏ ସଂପର୍କରେ ସ୍ଥାନୀୟ ତହସିଲଦାର କାମାକ୍ଷା ନଗର ଉପଜିଲ୍ଲାପାଳ, ଢେଙ୍କାନାଳ ଜିଲ୍ଲାପାଳ ଓ ଆଂଚଳିକ ପରିବହନ ଅଧିକାରୀଙ୍କ ନିକଟରେ ପ୍ରତିବାଦ/ଅଭିଯୋଗ କରିଥିଲେ । ନୂଆବଜାରରୁ ଭଦଳିଆପଶି ଯାତ୍ରା ପଡିଆକୁ ବସ୍‌ଷ୍ଟାଣ୍ଡ ଉଠିଗଲେ ନୂଆବଜାର ବ୍ୟବସାୟୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ । ଏଥିପାଇଁ ପରିତ୍ୟକ୍ତ ଅବସ୍ଥାରେ ଥିବା ବାଳିକା ପ୍ରାଥମିକ ବିଦ୍ୟାଳୟ ଓ ପୁରୁଣା ଥାନା ଏରିଆକୁ ନୂଆବଜାର ସହ ମିଶ୍ରଣ କରି ମଡେଲ ବସଷ୍ଟାଣ୍ଡ କରାଯିବାକୁ ଦାବି କରାଯାଇଥିଲା ।

# ଅବକାରୀ ଅଧିକାରୀ ମଦଭାଟି ମାଲିକଙ୍କର ଦଲାଲ ସାଜିବା ଘଟଣାକୁ ନେଇ ଉଠିଲା ପ୍ରଶ୍ନ

କେନ୍ଦୁଝର,୧୧/୦୮ (ନି.ପ୍ର): କେନ୍ଦୁଝର ରେ ଜନୈକ ଅବକାରୀ ଅଧିକାରୀ ଙ୍କର ଏକ ଦେଶୀ ମଦ ଭାଟି ମାଲିକର ଦଲାଲ ସାଜିବାକୁ ଘଟଣାକୁ ନେଇ ଚର୍ଚ୍ଚା ଏବ ଜୋର ଧରିଛି । ଏହି ଘଟଣା ତେଲକୋଇ ଅଂଚଳର ବୋଲି ଜମା ପଡିଛି । ସୂଚନା ଅନୁସାରେ ମଙ୍ଗଳବାର ସକାଳ ପ୍ରାୟ ନଅ ଟା ସମୟରେ ତେଲକୋଇ ହାଟପଡିଆ ନିକଟର ଥିବା ଦେଶୀ ମଦ ଭାଟିର କର୍ମଚାରୀଙ୍କର ସାଥିରେ ଏକ ଗାଡିରେ ମଦ ଧରି ଏହି ଅବକାରୀ ଅଧିକାରୀ ଜଣକ ଡିମିରିଆ ଗ୍ରାମରେ ଚୋରାରେ ମଦ ବିକ୍ରି କରୁଥିବା କୋଚିଆ ମାନଙ୍କୁ ମଦ ଦେବାକୁ ଯାଇଥିଲେ । ତେବେ ଗ୍ରାମ ଓ ଆଖପାଖ ଅଂଚଳରେ ମଦ ବିକ୍ରିକୁ ବିରୋଧ କରୁଥିବା ଲୋକମାନେ ହିଁ ଏହି ସମସ୍ତ ଘଟଣା ଜାଣିବା ଓ ଦେଖିବା ପରେ ଗ୍ରାମ ଲୋକମାନେ ସଂପୃକ୍ତ ଅଧିକାରୀ ଓ ତାଙ୍କ ସହ ଥିବା ଜଣେ ମହିଳା କନେଷ୍ଟବଳଙ୍କ ସହ ଆଉ ଜଣେ ପୁରୁଷ କନେଷ୍ଟବଳ ଓ ମଦଭାଟିର କର୍ମଚାରୀ ଶରତ ଚନ୍ଦ୍ର ବାରିକଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରି ସଂପୃକ୍ତ ଅଧିକାରୀଙ୍କ ସହିତ ଅନ୍ୟ ଦୁଇ କନେଷ୍ଟବଳଙ୍କୁ ଉଦ୍ଧାର କରିଥିଲେ । ମଦଭାଟି ମାଲିକ ଘଟଣାସ୍ଥଳକୁ ଯିବାକୁ ସଂପୃକ୍ତ ଅଧିକାରୀଙ୍କୁ ଭଡାରେ ଏକ କାର ଯୋଗାଇ ଦେଇଥିବା ବେଳେ ତାଙ୍କର କର୍ମଚାରୀ ବୋଲେର ଗାଡିରେ ମଦ ନେଇ ଯାଇଥିବା ଗାଁ ଲୋକଙ୍କ ଠାରୁ ପ୍ରକାଶ । ମଦକୁ ବିରୋଧ କରୁଥିବା ନିରୀହ ଗାଁ ଲୋକଙ୍କୁ ମିଥ୍ୟା ମଦ କେସରେ ଫସାଇ ଡରାଇ ହଇରାଣ ହରକତ କରାଇ ଗାଁ ଗାଁରେ ମଦର ବନ୍ୟା ସୃଷ୍ଟି କରିବାକୁ ଅବକାରୀ ଅଧିକାରୀ କୁଆଡେ ଦେଶୀ ମଦ ଭାଟି ମାଲିକଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇଥିବା ଅଭିଯୋଗ ହୋଇଛି । ଯାହାର କି ଚକ୍ଷୁଷ ଘଟମା ଦେଖିବାକୁ ମିଳିଛି ସେହି ଗାଁରେ । ଗାଁ ର ବେଣ୍ଣୁ ଦେହୁରୀ ନିଜ ଘରେ ଶୋଇଥିବା ବେଳେ ଦୁଇ ଜଣ କନେଷ୍ଟବଳଙ୍କ ସହ ଅବକାରୀ ଅଧିକାରୀ ଜଣଙ୍କ ତାଙ୍କ ଘରେ ପହଂଚି ଏକ ସାଧା କାଗଜରେ ଜବରଦସ୍ତ ଟିପ ନେଇଥିଲେ । ତେବେ ଗାଁ ଲୋକମାନେ ଏକଥା ଜାଣିବା ପରେ ଅଧିକାରୀଙ୍କଠାରୁ ସେହି ସାଧା କାଗଜଟି କୁ ଛଡାଇ ନେଇଥିଲେ । ତେବେ ଏଭଳି ଉକ୍ତ ଅଂଚଳରେ ଅବକାରୀ ବିଭାଗ ତଥା ଅଧିକାରୀଙ୍କର କାର୍ଯ୍ୟଶୈଳୀକୁ ନେଇ ସ୍ୱଭାବିକ ଭାବେ ଅନେକ ପ୍ରଶ୍ନ ଉଠିଥିବା ବେଳେ ଚର୍ଚ୍ଚାକୁ ବେଶ ଖୋରାଖ ଯୋଗାଇଅଛି ।

# ବକେୟା ଅର୍ଥ ନପାଇ ଥାନାରେ ଏତଲା ଦେଇ କଂପାନୀ ମୁଖ୍ୟଙ୍କୁ ଅଟକ ରଖିଲେ ଠିକାଦାର

ରାଉରକେଲା,୧୧/୦୮ (ନି.ପ୍ର): ରାଉରକେଲା ସହରରେ ପାଇପ ଲାଇନ କାମ କରାଇ ୧୨ରୁ ୧୪ଜଣ ସ୍ଥାନୀୟ ଠିକାଦାରଙ୍କୁ ଦିର୍ଘ ଦିନ ଧରି ଆଜି କାଲି କରି ପ୍ରାୟ କୋଟିଏ ଟଙ୍କା ବାକି ରଖି ଦେଉନଥିବା ହାଇଦ୍ରାବାଦର ଏକ ଠିକା କଂପାନୀ ମୁଖ୍ୟଙ୍କୁ ଆଜି ଦିର୍ଘ ସମୟ ଧରି ତାଙ୍କ ଅଫିସରେ ଅଟକ ରଖିବା ଓ ଥାନାରେ ଏତଲା ଦେବା ଘଟଣା ଆଜି ସହରରେ ଜାଣିବା ଶୁଣିବା ମହଲରେ ଚର୍ଚ୍ଚାର ବିଷୟ ହୋଇଛି । ଘଟଣାରୁ ପ୍ରକାଶ ଯେ, ହାଇଦ୍ରାବାଦର ଠିକା କଂପାନୀ ମେଘା ଇଞ୍ଜିନିୟରିଂ ରାଉରକେଲା ସମେତ ଓଡିଶାର ଅନେକ ସ୍ଥାନରେ ପାଇପଲାଇନ ବିଛା କାମ ନେଇଛି । ରାଉରକେଲାରେ କାମ ଚାଲିଥିବା ବେଳେ ସ୍ଥାନୀୟ ଠିକାଦାର ମାନଙ୍କୁ ନେଇ ସେ କାମ କରୁଥିଲା, ତେବେ କାମ କରିଥିବା ଠିକାଦାର ମାନଙ୍କର ୪ ଲକ୍ଷରୁ ୨୦ ଲକ୍ଷ ଯାଏ ବିଲ କୁ ନଦେଇ ବିଗତ ଏକ ବର୍ଷ ଧରି କଂପାନୀର ସିଜିଏମ, ଏସଏସ ସୁବାଶ ଚନ୍ଦ୍ର ଖେଳିବା ସହ ହାଇଦ୍ରାବାଦ ଯାଇ ଟଙ୍କା ମାଗ ବୋଲି କହି ଆସୁଥିଲେ ବୋଲି ଠିକାଦାର ମାନେ ଅଭିଯୋଗ କରିଛନ୍ତି । ଏହି କାମ ଦାୟିତ୍ୱରେ ଥିବା ପବନ ଅଗ୍ରୱାଲଙ୍କୁ ଠିକାଦାର ମାନେ କହି ମଧ୍ୟ କିଛି ସୁଫଳ ପାଇଲେ ନାହିଁ । ଫଳରେ ଗତକାଲି ଠିକାଦାର ମାନେ ମିଳିତ ଭାବେ ରଘୁନାଥପାଲ୍ଲୀ ଥାନାରେ ଏତଲା ଦେବା ସହ ଆଜି କଂପାନୀର ସିଭିଲ ଟାଉନ ଘର ନମ୍ବର ଜି ୭/୨୪ ଅଫିସରେ ୨ ମୁଖ୍ୟ ଅଧିକାରୀଙ୍କୁ ଅଟକ ରଖିଥିବା ଖବର ମିଳିଛି । ତେବେ ଦିର୍ଘ ସମୟ ଧରି ଅଟକ ରଖାଜିବା ବେଳେ ଏହି ଖବର ପାଇ ନିଜ ପାଉଣା ପାଇନଥିବା ଠିକାଦାର ମାନେ ମଧ ସେଠାରେ ପହଁଚିଥିଲେ, ଯୁକ୍ତି ତର୍କ ସହ ସେଠାରେ ଉତେଜନା ସ୍ଥିତି ଉପୁଜି ଥିବାର ଖବର ମିଳିଛି । ତେବେ ଗତକାଲି ଏନେଇ ଥାନାରେ ଏତଲା ହେବା ପରେ ପୁଲିସି ଏଥିରେ ହସ୍ତକ୍ଷେପ କରିବା ଯାଗାରେ ଠିକାଦାର ମାନଙ୍କୁ କହିଛି ଯାଅ କଂପାନୀ ସହ କଥା ହୋଇ ନିଜ ପାଉଣା ଆଦାୟ କର ।

## ତୁଡିପାଜୁରେ ସ୍ୱଚ୍ଛ ଭାରତ ଏବଂ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

କନ୍ଧମାଳ ,୧୧/୦୮ (ନି.ପ୍ର): ଫୁଲବାଣୀ ବ୍ଲକ ର ତୁଡ଼ିପାଜୁ ପଂଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଏବଂ ଘର ଘର ତୀରଙ୍ଗା କାର୍ଯ୍ୟକ୍ରମ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ଓ ଦାମସିଂ ଯୁବ ପରିଷଦ ପୁନ୍ଦାଲିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇ ଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବରେ ତୁଡ଼ିପାଜୁ ଗ୍ରାମ ପଂଚାୟତ ର ସରପଞ୍ଚ କୌଶଲ୍ୟା କହଁର ଯୋଗ ଦେ ଇ ଥିବା ବେଳେ ସନମାନୀତ ଅତିଥି ଭାବରେ ନାୟବ ସରପଞ୍ଚ ବିରାଜ କହଁର , ଦାମସିଂ ଯୁବ ପରିଷଦ ପୁନ୍ଦାଲିର ସଭାପତି ସିମାଞ୍ଚଳ କହ୍ନର, ସମ୍ପାଦକ ଅରୁଣ କୁମାର କହଁର ,ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହ କର୍ମୀ ସତ୍ୟବାନ ଦଳବେହେରା, ସ୍ୱେଚ୍ଛାସେବୀ କମଳ ଲୋଚନ ଦେହୁରୀ,ମିନି କହଁର , ସିବେନ୍ଦ୍ର ଡିଗାଲ ପ୍ରମୁଖ ଯୋଗ ଦେ ଇ ଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ଯୁବକ ସଘ ର ସଭ୍ୟ ସଭ୍ୟା, ନେହରୁ ଯୁବ କେନ୍ଦ୍ର ର ସ୍ୱେଚ୍ଛା ସେବୀ ପ୍ରମୁଖ ଯୋଗ ଦେ ଇ କାର୍ଯ୍ୟ କ୍ରମ କରିଥିଲେ । ମୁଖ୍ୟ ଅତିଥି ଅନୁ ଥିତ ଦିବସ ର ମୁକ୍ଷ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଉ ପ ଥି ତ ଯୁବ ଭାଇ ଓ ଭ ଉ ଣୀ ଅବ ଗତ କରିଥିଲେ ।

# ଫୁଲବାଣୀରେ ଆଜାଦୀକି ଅମୃତ ମହୋତ୍ସବ

କନ୍ଧମାଳ,୧୧/୦୮ (ନି.ପ୍ର): ଆଜାଦୀକି ଅମୃତ ମହୋତ୍ସବ ଅବସରରେ ବୁଧବାର ଫୁଲବାଣୀ ସହରରେ ଏକ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଥିଲା । ନାରାୟଣୀ ମନ୍ଦିର ପରିସରରୁ ଏହି ରାଲି ବାହାରି ମୁଖ୍ୟ ରାସ୍ତା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ କରୋନେସନ ପଡିଆରେ ପହଂଚିଥିଲା । ସହରରେ ଥିବା ସରସ୍ୱତୀ ଶିଶୁ ମନ୍ଦିର, କାରମେଲ ସ୍କୁଲ, ପବ୍ଲିକ ସ୍କୁଲ ସମେତ ଜିଏନଏମ କଲେଜଓ ଅନ୍ୟାନ୍ୟ ସ୍କୁଲର ହଜାର ହଜାର ଛାତ୍ର ଛାତ୍ରୀ ମାନେ ହାତରେ ତ୍ରିରଙ୍ଗା ପତାକା ଧରି, ଦେଶ ଭକ୍ତି ସ୍ଲୋଗାନ ମାନ ଦେଇଥିଲେ । ସେହିପରିକରୋନେସନ ପଡିଆ ଠାରେ ଆୟୋଜିତ ସଭାରେ ସଙ୍ଘ ସଂଚାଳକ ରମେଶ ଚନ୍ଦ୍ର ସାହୁ, ସୁବେଦାର ସେଠି, ପୌରାଧକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି, ବରିଷ୍ଠ ଆଇନଜୀବୀ ଭଗବାନ ମହାନ୍ତି, ବିଶ୍ୱହିନ୍ଦୁ ପରିଷଦର ପରେଶ ମହାପାତ୍ର, ଅବସର ପ୍ରାପ୍ତ ସେନା କର୍ମଚାରୀ ଶିବଶଙ୍କର ପାତ୍ର, ଲିଙ୍ଗରାଜ ଦଳବେହେରା ପ୍ରମୁଖ ଯୋଗଦେଇ ଦେଶ ସ୍ୱାଧିନତାରେ ଯେଉଁ ମହାନ ସ୍ୱାଧୀନତା ସଂଗ୍ରାମୀ ମାନେ ବଳିଦାନ ଦେଇଥିଲେ ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଜିଲ୍ଲାସ୍ତରୀୟ ଡେଙ୍ଗୁ ନିରାକରଣ ସମନ୍ୱୟ ବୈଠକ

ପୁରୀ,୧୧/୦୮ (ନି.ପ୍ର): ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଡେଙ୍ଗୁ ଓ ମେଲେରିଆ ରୋଗ ନିରାକରଣ ନିମନ୍ତେ ଜିଲ୍ଲା ସ୍ତରୀୟ ସମନ୍ୱୟ ବୈଠକ ଜିଲ୍ଲାପାଳ ଶ୍ରୀ ସମର୍ଥ ବର୍ମା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ବୈଠକରେ ଜିଲ୍ଲାପାଳ ଡେଙ୍ଗୁ ରୋଗର ନିରାକରଣ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବା ସହିତ ପୁରୀ ପୌର ସଂସ୍ଥା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମଶା ତେଲ ସିଞ୍ଚନ ଓ ଫିଟ୍ପା ମେସିନ ରେ ଧୂଆଁ ଛାଡିବା ପାଇଁ ପରାମର୍ଶ ଦେଇଥିଲେ । ଉପ ଜିଲ୍ଲାପାଳ ଶ୍ରୀ ଭବତାରଣ ସାହୁ ଡେଙ୍ଗୁ ରୋଗର ନିରାକରଣ ପାଇଁ ବ୍ୟାପକ ସଚେତନତା ପାଇଁ ସ୍ୱଚ୍ଛ ସବାରୀରେ ଗୀତ ମାଧ୍ୟମରେ ପ୍ରଚାର ପ୍ରସାର ଏବଂ ଘରକୁ ଘର ବୁଲି ଡେଙ୍ଗୁ ମଶା ଙ୍କ ଲାର୍ଭା ଦେଉଥିବା ସ୍ଥାନ ଗୁଡ଼ିକୁ ନଷ୍ଟ କରିବା ଏବଂ ସଚତନତା ପାଇଁ କହିଥିଲେ । ଜିଲ୍ଲା ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ନିମାଇଁ ଚରଣ ଜେନା ଜିଲ୍ଲାରେ ଡେଙ୍ଗୁ ରୋଗର ସ୍ଥିତି ନିରାକରଣ ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ ।



# ବିଗୁଡୁଛି ଜଳବାୟୁ

ଜଳବାୟୁ ପରିବର୍ତ୍ତନର ପ୍ରଭାବ ମନୁଷ୍ୟଙ୍କ ବ୍ୟତୀତ ବଣଜଙ୍ଗଲ ଏବଂ ଜୀବଜନ୍ତୁଙ୍କ ଉପରେ ମଧ ପଡୁଥିବାର ଦେଖିବାକୁ ମିଳୁଛି । ଗଛବୃଛରେ ଫଳ ଫଳିବା ଏବଂ ଫୁଲ ଫୁଟିବାର ମସୟ ମଧ ଧୀରେ ଧୀରେ ବଦଳିଗଲାଣି ।

**ଏଇ କିଛିବର୍ଷ ହେବ ପରିସ୍ଥିତି ଏଭଳି ହୋଇଛି ଯେ ମଣିଷ ବର୍ଷାଟିକେ ପାଇଁ ଅପେକ୍ଷା କରୁଛି 'ଲଘୁଚାପ' ଉପରେ । ଶୀତଦିନେ ଯେଉଁଠି ପାଗ ଶୁଖିଲା ରହିବା କଥା ସେଠାରେ ନାହିଁ ନଥିବା ବର୍ଷା ଏବଂ ଶୀତଦିନେ ଶୀତ ବଦଳରେ ରାଜ୍ କରୁଛି ଅସହ୍ୟ ଗୁଲୁଗୁଲି । ଏଥିରୁ ଗୋଟିଏ କଥା ପ୍ରତୀୟମାନ ଯେ ଯାହା ଯେତେବେଳେ ହେବାକଥା ତାହା ହେଉନାହିଁ । ଏହାର ସବୁଠୁ ବଡ଼ ପ୍ରଭାବ ପଡୁଛି ଚାଷବାସ ଉପରେ । ମଣିଷ ତ ସବୁ ସିଜନକୁ ନେଇ ନିଜକୁ ଆଡଜଷ୍ଟ କରିନେଉଛି କିନ୍ତୁ ପରିବେଶ ଯେ ଦିନକୁ ଦିନ ବିଗିଡ଼ିଯାଉଛି ଏକଥାକୁ ଅସ୍ୱୀକାର କରାଯାଇପାରେନା । ଏଇ ବିଗୁଡୁଥିବା ଜଳବାୟୁର ପ୍ରଭାବରୁ ସ୍ୱାସ୍ଥ୍ୟ ଓ ପରିବେଶ ଉପରେ କଣ ସବୁପ୍ରଭାବ ପଡୁଛି ତାକୁ ନେଇ ଆଜିର ଉପସ୍ଥାପନା ।**

ଏବେ ପୃଥିବୀର ତାପମାତ୍ରା ପ୍ରାୟ ୧୫ ଡିଗ୍ରୀ ସେଲସିୟସ । ପୂର୍ବାପେକ୍ଷା କେତେ ବଢ଼ିଛି କେତେ କମିଛି ତାହା ବଡ଼କଥା ନୁହେଁ କିନ୍ତୁ ଜଳବାୟୁରେ ହଠାତ୍ ବହୁତ ବଡ଼ ପରିବର୍ତ୍ତନ ଆସିବାରେ ଲାଗିଛି । ଋତୁ ବଦଳିଥାଏ ସତ କିନ୍ତୁ ଯେଉଁ ଢଙ୍ଗରେ ବଦଳିବା କଥା ତାହା ସେପରି ବଦଳୁନାହିଁ । ଦିନକୁ ଦିନ ପରିବେଶ ଅଧିକରୁ ଅଧିକ ଉତ୍ତପ୍ତ ହୋଇଚାଲିଥିବା ବେଳେ ଶୀତଦିନର ଅବଧି ଦିନକୁ ଦିନ ଖୁବ୍ ଛୋଟ ହୋଇଯାଉଛି । ଖାଲି ଯେ ଭାରତରେ ଏସବୁ ଘଟୁଛି ତାହା ନୁହେଁ ବରଂ ବିଶ୍ୱ ସ୍ତରରେ ଏସବୁ ଘଟି ଏବଂ ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି । ଏବେ ମନରେ ପ୍ରଶ୍ନ ଉଠୁଥିବ ଏଭଳି ହେବାର କାରଣ କ'ଣ । ଏକଥା ମଧ ଲୋକମାନେ ଜାଣନ୍ତି ସବୁ 'ଗ୍ରୀନ୍ ହାଉସ ଇଫେକ୍ଟ' ।

ପୃଥିବୀର ବାତାବରଣ ଯେଉଁଭଳି ଭାବେ ସୂର୍ଯ୍ୟଙ୍କର କିଛି କିରଣକୁ ଗ୍ରହଣ କରିନିଏ ତ ତାକୁ ଗ୍ରୀନ ହାଉସ ଇଫେକ୍ଟ କୁହାଯାଇଥାଏ । ପୃଥିବୀର ଚାରିପଟେ ରହିଛି ଗ୍ରୀନହାଉସ ଗ୍ୟାସର ଏକ ପରସ୍ତ । ଏହି ଗ୍ୟାସରେ କାର୍ବନ ଡାଇଅକ୍ସାଇଡ, ମିଥେନ, ନାଇଟ୍ରସ ଅକ୍ସାଇଡ ମିଶିକି ରହିଛି । ଏହି ପରସ୍ତ ସୂର୍ଯ୍ୟଙ୍କ ଅଧିକ ଉତ୍ତାପକୁ ଗ୍ରହଣ କରିନେଇ ଏହାକୁ ପୃଥିବୀର ସବୁଠି ପହଞ୍ଚାଇଦେଇଥାଏ ଏବଂ ଏହି କିରଣର ପୃଥିବୀ ଉପରେ ପଡ଼ିବା କାରଣରୁ ପୃଥିବୀ ଉତ୍ତପ୍ତ ହୋଇଥାଏ । ଯଦି ଏହି ପ୍ରଭାବ ନରହନ୍ତା ପୃଥିବୀର ତାପମାତ୍ରା ୩୦ ଡିଗ୍ରୀ ସେଲସିୟସରୁ ଅଧିକ ଥଣ୍ଡା ରହନ୍ତା । ଅର୍ଥାତ ଗ୍ରୀନ ହାଉସ ଗ୍ୟାସ ନଥିଲେ ପୃଥିବୀପୃଷ୍ଠରେ ଜୀବନର ସତ୍ତା ନଥାନ୍ତା । ବୈଜ୍ଞାନିକଙ୍କ ଅନୁସାରେ ଆମେମାନେ ବିଭିନ୍ନ କଳାକାରଖାନା ଏବଂ କୃଷିରୁ ଯେଉଁ ଗ୍ୟାସ ବାତାବରଣକୁ ଛାଡୁଛେ (ଯାହାକୁ ବୈଜ୍ଞାନିକ ଭାଷାରେ ଉତ୍ସର୍ଜନ କୁହନ୍ତି) ସେଥିଯୋଗୁ ଗ୍ରୀନହାଉସ ଗ୍ୟାସର ପରସ୍ତ ମୋଟା ହୋଇ ଚାଲିଛି । ଏହି ପରସ୍ତ



ଅଧିକରୁ ଅଧିକ ସୂର୍ଯ୍ୟ କିରଣ ଗ୍ରହଣ କରି ପୃଥିବୀର ତାପମାତ୍ରା ବଢ଼ାଇ ଚାଲିଛି । ଏହାକୁ ଗ୍ଲୋବାଲ ୱାର୍ମିଂ ବା ଜଳବାୟୁ ପରିବର୍ତ୍ତନ କୁହାଯାଇଥାଏ । ଏଥିରେ ସବୁଠୁ ଭୟଙ୍କର ପଦାର୍ଥଟି ହେଉଛି କାର୍ବନ ଡାଇଅକ୍ସାଇଡ, ଯାହାର ମାତ୍ରା ଦିନକୁ ଦିନ ବୃଦ୍ଧିପାଇ ଚାଲିଛି । ବିଶେଷକରି ଜଙ୍ଗଲ କ୍ଷୟ ଯୋଗୁ ଏହି ସମସ୍ୟା ଦିନକୁ ଦିନ ଗୁରୁତର ରୂପ ଧାରଣ କରିଚାଲିଛି । ତା'ଛଡ଼ା ମାନବୀୟ ଗତିବିଧି ଦ୍ୱାରା ମିଥେନ ଏବଂ ନାଇଟ୍ରସ ଅକ୍ସାଇଡ ଉତ୍ସର୍ଜନ ମଧ ବଢ଼ିଯାଇଛି ।

କିନ୍ତୁ କାର୍ବନ ତୁଳନାରେ ଏହାର ମାତ୍ରା ଖୁବ୍ କମ୍ । ୧୭୫୦ରେ ଔଦ୍ୟୋଗିକ କ୍ରାନ୍ତି ପରଠାରୁ କାର୍ବନ ଡାଇଅକ୍ସାଇଡର ସ୍ତର ୩୦ ପ୍ରତିଶତରୁ ଅଧିକ ବଢ଼ିଯାଇଥିବା ବେଳେ ମିଥେନର ସ୍ତର ୧୪୦ ପ୍ରତିଶତରୁ ଅଧିକ ବଢ଼ିଛି । ବାତାବରଣରେ କାର୍ବନ ଡାଇଅକ୍ସାଇଡର ସ୍ତର ଆଠଲକ୍ଷ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ରହିଛି । ଏକ ଆକଳନ ଅନୁସାରେ ଗତ ୧୦୦ ବର୍ଷ ମଧ୍ୟରେ ପୃଥିବୀର ତାପମାତ୍ରା ୦.୮ ଡିଗ୍ରୀ ସେଲସିୟସ ବଢ଼ିଛି । ଏହି ତାପମାତ୍ରା ବୃଦ୍ଧିର ୦.୬ ଡିଗ୍ରୀ ସେଲସିୟସ କେବଳ ଗତ ୩ ଦଶକ ମଧ୍ୟରେ ହିଁ ପରିଲକ୍ଷିତ ହୋଇଛି ।

**କ'ଣ କହେ ଉପଗ୍ରହ ତଥ୍ୟ:**

ଉପଗ୍ରହରୁ ପ୍ରାପ୍ତ ତଥ୍ୟ ଅନୁସାରେ ଗଲା କିଛି କିଛି ଦଶକ ମଧ୍ୟରେ ସମୁଦ୍ରରୁ ଜଳସ୍ତର ବର୍ଷକୁ ୩ ମିଲିମିଟର ବୃଦ୍ଧି ପାଇଛି । ବର୍ଷକୁ ୪ ପ୍ରତିଶତ ବେଗରେ ଗ୍ଲାସିୟର ତରଳିବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ମନୁଷ୍ୟଙ୍କ ବ୍ୟତୀତ ବଣଜଙ୍ଗଲ ଏବଂ ଜୀବଜନ୍ତୁଙ୍କ ଉପରେ ମଧ ପଡୁଥିବାର ଦେଖିବାକୁ ମିଳୁଛି । ଗଛବୃଛରେ ଫଳ ଫଳିବା ଏବଂ ଫୁଲ ଫୁଟିବାର ମମୟ ମଧ ଧୀରେ ଧୀରେ ବଦଳିଗଲାଣି । ଏଥିସହିତ ପଶୁପକ୍ଷୀମାନେ ମଧ ଜଙ୍ଗଲ ଛାଡ଼ି ସହର କିମ୍ବା ଗାଁ ମଧକୁ ପଶିଆସିଲେଣି ।

**ଭବିଷ୍ୟତରେ କେତେ ବଢ଼ିବ ତାପମାତ୍ରା:**

୨୦୧୩ ଜଳବାୟୁ ପରିବର୍ତ୍ତନ ଉପରେ ଏକ ଆନ୍ତର୍ଜାତୀୟ ସମିତି କମ୍ପ୍ୟୁଟର ମଡେଲିଂ ଆଧାରରେ ସମ୍ଭାବିତ ପରିସ୍ଥିତିର ପୂର୍ବାନୁମାନ କରିଥିଲା । ଏଥିରେ ଗୋଟିଏ ଅନୁମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେ, ୧୮୫୦ ତୁଳନାରେ ଏକବିଂଶ ଶତାବ୍ଦୀ ଶେଷ ଯାଏ ପୃଥିବୀର ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସ ବଢ଼ିଯିବ । ଏମିତିକି ଆମେ ଯଦି ଗ୍ରୀନହାଉସ ଗ୍ୟାସ ଉତ୍ସର୍ଜନ ଅଧିକରୁ ଅଧିକ କମ୍ କରିବା ତଥାପି ଜଳବାୟୁ ପରିବର୍ତ୍ତନ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିବ, ବିଶେଷକରି ଗ୍ଲାସିୟର ଉପରେ ।

**କ'ଣ ସବୁ ପ୍ରଭାବିତ ପଡ଼ିବ:**

ପ୍ରକୃତିରେ ଏହାର ପ୍ରଭାବ କ'ଣ ପଡ଼ିବ ତାହା ନିଶ୍ଚିତ ଭାବେ କହିବା ମୁସ୍କିଲ । କିନ୍ତୁ ଏହାଦ୍ୱାରା ପିଇବା ପାଣି ସମସ୍ୟା ନିଶ୍ଚିତ ଭାବେ ଉପୁଜିବ । ଏତଦବ୍ୟତୀତ ଚାଷବାସ ମଧ କମ୍ ହୋଇଯିବ । ବନ୍ୟା, ବାତ୍ୟା, ମରୁଡ଼ି ସହିତ ତତଲା ପବନ ବହିବ । ଜଳବାୟୁ ପରିବର୍ତ୍ତନର ସବୁଠୁ ବଡ଼ ପ୍ରଭାବ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଉପରେ ବହୁଳ ଭାବେ ପଡ଼ିବ । ମଣିଷ ଏବଂ ଜୀବଜନ୍ତୁଙ୍କ ଜୀବନ ଉପରେ ମଧ ଏହାର ବଡ଼ ପ୍ରଭାବ ଦେଖିବାକୁ ମିଳିବ । ଏହାଦ୍ୱାରା ଗଛବୃଛଠୁ ଆରମ୍ଭ କରି ଜୀବଜନ୍ତୁଙ୍କ ଯାଏ ବିଲୁପ୍ତ ହେବାର ସମ୍ଭାବନା ସୃଷ୍ଟି ହେବ ।



## ଚାପ ମସ୍ତିଷ୍କର ବୃଦ୍ଧି ହ୍ରାସକାରୀ

ଶୈଶବରେ ମସ୍ତିଷ୍କର ଦ୍ରୁତ ବିକାଶ ଘଟିଥାଏ । ଏହି ସମୟରେ ପିଲାଙ୍କୁ ଘରେ କିମ୍ବା ବିଦ୍ୟାଳୟରେ ଗାଳି ଦେଲେ, ସେମାନଙ୍କ ଉପରେ ଅତ୍ୟଧିକ ବିରକ୍ତ ହେଲେ, ଶାରୀରିକ ଦଣ୍ଡ ଦେଲେ ସମାନଙ୍କ ମସ୍ତିଷ୍କ ଉପରେ ନାନା ନକରାତ୍ମକ ପ୍ରଭାବ ପଡ଼ିପାରେ । ଜର୍ନାଲ ଅଫ୍ ବାୟୋଲୋଜିକାଲ୍ ସାଇକିଆଟ୍ରିରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଆମ ମସ୍ତିଷ୍କ ଅନ୍ତର୍ଗତ ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଶୈଶବରେ ଭାବନା ଓ ସ୍ମୃତି ଶକ୍ତି ପ୍ରଖର କରାଇବାରେ ସହାୟକ ହୁଅନ୍ତି । ବୟସ ବଢ଼ିବା ସହ ଉପଯୁକ୍ତ ପରିବେଶ ଓ ଯତ୍ନ ମାଧ୍ୟମରେ ଏ ଦୁଇଟିର ବିକାଶ ଘଟେ । ପିଲାଙ୍କ ଉପରେ ଚାପ ପଡ଼ିଲେ, ଆମିଗ୍‌ଡାଲା ଓ ହିପୋକାମ୍ପସ୍ ଠିକ୍ ଭାବେ ବିକଶିତ ହୋଇପାରନ୍ତି ନାହିଁ । ଦାରିଦ୍ର୍ୟ ଓ ଅବହେଳା ଯୋଗୁଁ ମଧ୍ୟ ପିଲାମାନେ ମନସ୍ତାପରେ ରହନ୍ତି । ପରିଣାମସ୍ୱରୂପ ଆମିଗ୍‌ଡାଲା ଓ ହିପୋକାମ୍ପସ୍‌ର ବିକାଶରେ ବାଧା ସୃଷ୍ଟି ହୁଏ । ତେଣୁ, ପିଲାଙ୍କୁ ଚାପମୁକ୍ତ ରଖାଯିବା ଉଚିତ ।



## ମିଠା କିଲୋ ପ୍ରତି ୫୦ ହଜାର

ସ୍ୱାଦିଷ୍ଟ କବାବ ପାଇଁ ଲକ୍ଷ୍ନୌ ସହର ବେଶ ବିଦେଶରେ ସ୍ୱତନ୍ତ୍ର ପରିଚିତି ପାଇଛି । ଅନେକ ହୁଏତ ଜାଣିନଥିବେ ଭାରତର ସବୁଠୁ ଦାମୀ ମିଠା ପ୍ରସ୍ତୁତକାରୀ ସହରରର ମୁକୁଟ ମଧ ଏହା ହାସଲ କରିଛି । 'ଏକ୍‌ଜୋଟିକା' ନାମକ ମିଠାର ମୂଲ୍ୟ ଶୁଣିଲେ ବିଶ୍ୱାସ କରିପାରିବେ ନାହିଁ, କିନ୍ତୁ ଏହା ସତ । ଏହି ମିଠାର ମୂଲ୍ୟ କିଲୋ ପ୍ରତି ୫୦ ହଜାର ଟଙ୍କା । ଲୋକପ୍ରିୟ ମିଠା ଦୋକାନ ଛପ୍ପନ ଭୋଗ ଏହି ମିଠା ପ୍ରସ୍ତୁତ କରେ । ଏହାର ନିର୍ଦ୍ଦେଶକ ରବିନ୍ଦ୍ର ଗୁପ୍ତାଙ୍କ କଠିନ ପରିଶ୍ରମ ପାଇଁ ଏହି ଶୁଖିଲା ମିଠା ବିଶ୍ୱ ସ୍ତରରେ ମାନ୍ୟତା ପାଇଛି । ରବିନ୍ଦ୍ର, ତାଙ୍କର ଦୁଇ ଭାଇ ଓ ବାପା ମିଳିତ ଭାବେ ୧୯୯୨ ମସିହାରେ ଏହି ମିଠା ବ୍ୟବସାୟ ଆରମ୍ଭ କରିଥିଲେ । ଏକ୍‌ଜୋଟିକା ମିଠା ବିଶ୍ୱର ବିଭିନ୍ନ ସ୍ଥାନରୁ ସଂଗୃହିତ ୭-୮ଟି ଉପାଦାନରେ ପ୍ରସ୍ତୁତ । ଆମେରିକାରୁ ବ୍ଲୁବେରି, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆରୁ ମାକାଡାମିଆ, ୟୁରୋପରୁର ହାଜେଲନଟ୍ ଏବଂ ବିଶ୍ୱର ଅନ୍ୟ ସ୍ଥାନମାନଙ୍କରୁ ନିଆଯାଇଥିବା ପାଇନ୍ ନଟ୍, ସାଫ୍ରନ୍ ଓ ମାମ୍ରା ବାଦାମରୁ ଏହି ମିଠା ପ୍ରସ୍ତୁତ । ୨୦୦୭ ମସିହାରେ ଦୀପାବଳି ଉପଲକ୍ଷେ ଦିଲ୍ଲୀର ଜଣେ ବ୍ୟବସାୟୀ ସ୍ୱତନ୍ତ୍ର ମିଠା ପ୍ରସ୍ତୁତ ନିମନ୍ତେ ଅନୁରୋଧ କରିବାରୁ ରବିନ୍ଦ୍ର ଓ ତାଙ୍କ ଟିମ୍ ଏହି ଏକ୍‌ଜୋଟିକା ମିଠା ପ୍ରସ୍ତୁତ ଆରମ୍ଭ କରିଥିଲେ । କେବଳ ଲକ୍ଷ୍ନୌର ସଦର ବଜାର ସ୍ଥିତ ଛପ୍ପନ ଭୋଗ ମିଠା ଦୋକାନରେ ହିଁ ଏକ୍‌ଜୋଟିକା ମିଠା ଉପଲବ୍ଧ । ଏକ୍‌ଜୋଟିକାର ଗୋଟିଏ ବ୍ୟାଚ୍ ପ୍ରସ୍ତୁତ କରିବାକୁ କାରିଗରଙ୍କୁ ୬-୭ ଘଣ୍ଟା ସମୟ ଲାଗେ । ବର୍ଷ ସାରା ଏହା ଉପଲବ୍ଧ ହୋଇଥାଏ । ନିଆରା ପ୍ୟାକିଂ ଯୋଗୁ ଏହାକୁ ନେବାଆଣିବା ଖୁବ୍ ସହଜ ହୋଇଥାଏ । କାଠ ବାକ୍ସରେ ମିଠା ପ୍ୟାକ୍ ହୋଇଥାଏ । ଏହା ଏଭଳି ଭାବେ ଡିଜାଇନ୍ ହୋଇଛି, ଯଦ୍ଦ୍ୱାରା ୨୦-୩୦ ଦିନ ଧରି ମିଠା ତା' ଭିତରେ ସତେଜ ରହିପାରିବ । ଗୋଟିଏ ମିଠାର ଆକାର ୨.୫ ସେମି । ସବୁଠୁ ମଜାଦାର କଥା ହେଉଛି, ଖାଣ୍ଟି ଖାଇବାଯୋଗ୍ୟ ସୁନାକୁ ମିଠା ଉପରେ ଆସ୍ତରଣ ଦିଆଯାଇଛି । ବଡ଼ ବଡ଼ ଉଦ୍ୟୋଗପତିଙ୍କଠାରୁ ଆରମ୍ଭ କରି ବଲିଉଡ୍ ସେଲିବ୍ରିଟିମାନେ ଏହି ମିଠାକୁ ପସନ୍ଦ କରିଛନ୍ତି । ଏପରିକି ନରେନ୍ଦ୍ର ମୋଦି ମଧ ଏହି ନିଆରା ମିଠାକୁ ଖୁବ୍ ପସନ୍ଦ କରିଛନ୍ତି ବୋଲି ଦୋକାନ ମାଲିକ କହିଛନ୍ତି ।





## ୱାର୍କ ଫ୍ରମ୍ ହୋମ୍

ପ୍ରତ୍ୟେକ କର୍ମଜୀବୀଙ୍କ ଲାଗି କାର୍ଯ୍ୟକ୍ଷେତ୍ରରେ ରହିଥାଏ ଏକ ଗାଇଡ୍‌ଲାଇନ୍ । ଅଫିସ୍‌ରେ ହେଉ ଅବା କରୋନା ଲାଗି ଘରେ ୱାର୍କ ଫ୍ରମ୍ ହୋମ୍ କରୁଥିବା କର୍ମଜୀବୀଙ୍କ ଲାଗି ସମାନ ଭାବେ ଲାଗୁ ହୋଇଥାଏ ସମାନ ନିୟମ । ତେଣୁ ନିର୍ଦ୍ଧାରିତ ସମୟସୀମା ମଧରେ ସର୍ବଦା ତତ୍ପର ଏବଂ କ୍ରିୟାଶୀଳ ହୋଇ ସମସ୍ତ କାର୍ଯ୍ୟ ସମାପ୍ତ କରିବା ତାଙ୍କୁ ଦେଇଥାଏ ଏକ ଦକ୍ଷ କର୍ମଚାରୀର ପରିଚୟ । ହେଲେ ୱାର୍କ ଫ୍ରମ୍ ହୋମ୍ ସମୟରେ କେବେ କେବେ ସାମାନ୍ୟ ଅବହେଳା ନା କେବଳ କାମରେ ବ୍ୟାହତ ସୃଷ୍ଟି କରିଥାଏ ବରଂ ବ୍ୟକ୍ତିତ୍ୱ ଉପରେ ବି ପକାଇଥାଏ ନକାରାତ୍ମକ ପ୍ରଭାବ..

ବର୍ତ୍ତମାନ କୋଭିଡ୍-୧୯ ସଂକ୍ରମଣ ରୋକିବା ଲାଗି ଅନେକ ଅଫିସ୍ ବିଶେଷ କରି ସଫ୍ଟୱେର କମ୍ପାନୀଗୁଡ଼ିକର ଏମ୍ପ୍ଲୋଇମାନଙ୍କୁ ୱାର୍କ ଫ୍ରମ୍ ହୋମ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ବାହାରକୁ ନ ଯାଇ ଘରେ ରହି କାମ କରିବା କାହା ଲାଗି ବେଶ୍ ସୁବିଧାଜନକ ଓ ଆରାମଦାୟକ ହେଉଥିବା ବେଳେ କାହା ଲାଗି ଘର କାମ ସହ ଅଫିସ୍ କାମ କଷ୍ଟକର ହୋଇପଡୁଛି । ଏମିତିରେ କେବେ କେବେ ଆରାମଦାୟକ ପରିବେଶ ଲାଗି ହେଉ ଅବା ଥକା ଲାଗିବା କାରଣରରୁ ଆସିଥାଏ ନିଦ, ଯାହାଦ୍ୱାରା କାମ ବ୍ୟାହତ ହୁଏ, ଆଉ ପରବର୍ତ୍ତୀ ସମୟରେ ଏଥିପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତେଣୁ ୱାର୍କ ଫ୍ରମ୍ ହୋମ୍ କରୁଥିଲେ କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ

◆ ପ୍ରଥମ କଥା ହେଉଛି ଘରେ କେଉଁ ସ୍ଥାନରେ ବସି କାମ କଲେ ଆପଣ ଡିଷ୍ଟର୍ବ ନ ହେବେ ତାହା ବାଛିନିଅନ୍ତୁ । ଅଫିସ୍ ଭଳି ଘରେ ମଧ ସମୟସୀମା ମଧରେର କିପରି କାମ ସାରିପାରିବେ ସେଥିପ୍ରତି ଗୁରୁତ୍ୱ ଦିଅନ୍ତୁ । ଘରେ ଥିବାରୁ ଆଳସ୍ୟବଶତଃ କାର୍ଯ୍ୟକୁ ଟାଳିବା ବା ପରେ କରିବା ଭାବି ଅବହେଳା କରନ୍ତୁ ନାହିଁ । ନଚେତ୍ ଆଜିର କାମ କାଲିକୁ, କାଲିର କାମ ପରେ କରିବା ଭାବୁ ଭାବୁ ଅନେକ ନୂଆ କାମ ଆସି ପହଞ୍ଚିଯିବ । ଏବଂ ଯଥା ସମୟରେ ପୁରୁଣା କାମ ନ ସରି ସବୁଦିନ ଲାଗି ଅପୂର୍ଣ୍ଣ ରହିଯିବ । ଆଉ ଏଥିପାଇଁ ଅଫିସ୍‌ରେ ଅପଦସ୍ଥ ହେବା ସହ ଦରମା କମ୍ ମିଳିବା କିମ୍ବା ଜବ୍ ଯିବାର ଆଶଙ୍କାକୁ ବି ଏଡାଯାଇ ନପାରେ । ତେଣୁ ୱୋର୍କ ଫ୍ରମ୍ ହୋମ୍‌ରେ ନିଜର ପ୍ରତ୍ୟେକ କାର୍ଯ୍ୟକୁ ତତ୍ପରତାର ସହ ସମ୍ପାଦନ କରନ୍ତୁ । ଅନେକେ ଘରେ କାମ କରୁଥିବାରୁ ଅନେକେ ସୋଫା, ବେଡ୍ ଆଦି ଉପରେ ଆରାମରେ ବସି ବା ଶୋଇ କାମ କରିଥାନ୍ତି । ହେଲେ ବେଳେ ବେଳେ ବସିବାର ସ୍ଥିତି ଯୋଗୁ ମଧ ଅଳସୁଆ ବା ମାନ୍ଦା ଲାଗିବା ଯୋଗୁ ନିଦ ଆସିଥାଏ । ଏବଂ କାମରେ ବାଧା ଉପୁଜିଥାଏ । ତେଣୁ ଅଫିସ୍ କାମ କରିବା ସମୟରେ ଟେବ୍‌ଲ, ଚେୟାର୍ ବ୍ୟବହାର କରିବା ଭଲ । ତଥାପି ନିଦ ଲାଗୁଥିଲେ ଗୋଟିଏ ସ୍ଥାନରେ ଅଧିକ ସମୟ ବସି ନରହି କିଛି ସମୟ ଉକ୍ତ ସ୍ଥାନରୁ ଉଠି ଯାଆନ୍ତୁ । ମୁହଁକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ମଝିରେ ଚା କିମ୍ବା କଫି ପିଇଲେ ମୁଡ୍ ଫ୍ରେଶ୍ ଲାଗିବା ସହ ନିଦ ଛାଡିଯିବ । ଆପଣ ଚାହିଁଲେ ନିଦ ନ ଆସିବା ଲାଗି କାମ ମଝିରେ କିଛି ହାଲୁକା ଜଳଖିଆ ବା ସ୍ନାକ୍ସ ଖାଇପାରିବେ ।

◆ କାମ ମଧରେ ଆପଣ ଚାହିଁଲେ ଆଳସ୍ୟ କିମ୍ବା ନିଦ ଦୂର କରିବା ଲାଗି ଅଳ୍ପ ସମୟ ଘରକାମରେ ସାହାଯ୍ୟ ହେବା ଅବା ନିଜେ ଘରକାମ କରିପାରିବେ । ପୁନର୍ବାର ଭଲ ଭାବେ କାମ କରିବା ଲାଗି ଅଳ୍ପ ସମୟ ବିରତି ନେଇ ଘରେ ଛୋଟ ପିଲା କିମ୍ବା ପୋଷା ଜୀବଜନ୍ତୁ ଥିଲେ ତାଙ୍କ ସହ କିଛି ସମୟ ବିତାଇ ପାରିବେ । ଏହାଦ୍ୱାରା ଆପଣ ପୁନର୍ବାର ଆକ୍ଟିଭ୍ ହୋଇ କାମକୁ ଫେରିଯାଇ ପାରିବେ । ହେଲେ ଏହି ଆଳରେ ଯେପରି ଅଧିକ ସମୟ ନଷ୍ଟ ନ ହୁଏ ଏବଂ ଅଫିସ୍ କାମ ସାରିବା ବିଳମ୍ବ ନହୁଏ ସେଥିପ୍ରତି ଯତ୍ନଶୀଳ ହେବା ଆବଶ୍ୟକ ।

◆ ୱାର୍କ ଫ୍ରମ୍ ହୋମ୍ ଥିବାରୁ ଅନେକେ ଦିନରେ ନ କରି ଅଫିସ୍ କାମ ରାତିରେ ସାରିବାକୁ ଚେଷ୍ଟା କରନ୍ତି । ହେଲେ ଏହାଦ୍ୱାରା ନିଦ୍ରା ବ୍ୟାହତ ହୋଇଥାଏ । ଫଳରେ ମସ୍ତିଷ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ । ତେଣୁ ରାତିରେ ପର୍ଯ୍ୟାପ୍ତ ନିଦ୍ରା ନେବା ଦ୍ୱାରା ମସ୍ତିଷ୍କ ଆକ୍ଟିଭ୍ ହୋଇଯାଏ ଏବଂ ଦିନରେ ଭଲ ଭାବେ ଅଫିସ୍ କାମ କରିବା ସହଜ ହୋଇଥାଏ ।

◆ ଘରକାମ ସହ ଅଫିସ୍ କାମର ଚାପ ବଶତଃ ହେଉ ଅବା କାମ ସରିଲେ ଖାଇବା ଭାବି ଅବହେଳା ଯୋଗୁ ଅନେକେ ଖାଇବାକୁ ଅବହେଳା କରିବସନ୍ତି । ଫଳରେ ଶରୀରକୁ ଆବଶ୍ୟକ ମାତ୍ରାରେ ଏନର୍ଜି ନ ମିଳିବାରୁ ଶରୀରର ମାନ୍ଦା ଅନୁଭବ କରିଥାଏ । ଏବଂ କାମ କରିବା ସମୟରେ ନିଦ ଆସିଥାଏ । ତେଣୁ ୱାର୍କ ଫ୍ରମ୍ ହୋମ୍ ଆଳରେ ଖାଦ୍ୟକୁ ଆଦୌ ଅବହେଳା କରନ୍ତୁ ନାହିଁ । ଠିକ୍ ସମୟରେ ଖାଇବା, ପାଣି ପିଇବା ଦ୍ୱାରା ଶାରୀରିକ ଏବଂ ମାନସିକ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଥାଏ । ଅପରପକ୍ଷେ ଅନେକେ ଘରେ ଥିବା ଯୋଗୁ କାମ ମଝିରେ ଟିକେ ଟିକେ ଖାଉ ଖାଉ ଆବଶ୍ୟକରୁ ଅଧିକ ଖାଇଦିଅନ୍ତି ଏବଂ ଏହା ହିଁ ସେମାନଙ୍କୁ ମାନ୍ଦା କରିବା ସହ କାମ କରିବାରେ ଅସୁବିଧା କରାଇଥାଏ । ତେଣୁ ମଧ୍ୟାହ୍ନ ଖାଦ୍ୟକୁ ଯଥାସମ୍ଭବ ହାଲୁକା ଏବଂ ପୁଷ୍ଟିକର କରିବାକୁ ଚେଷ୍ଟା କରନ୍ତୁ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୨ ଅଗଷ୍ଟ ୨୦୨୨, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁନଶ୍ଚ 'ସୁଶାସନ ବାବୁ'

ସତରବର୍ଷ ଅଷ୍ଟମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ ଏ ସୌଭାଗ୍ୟ କେବଳ ମିଳିଛି ବିହାରର ଜେଡ଼ିୟୁ ନେତା ନୀତୀଶ କୁମାରଙ୍କୁ, ଯାହା ବୋଧହୁଏ ଅନ୍ୟ କୌଣସି ରାଜ୍ୟର ଅନ୍ୟ କୌଣସି ନେତାଙ୍କ ଭାଗ୍ୟରେ ଜୁଟି ନପାରେ। ନୀତୀଶଙ୍କର ନୂତନ ମେଂଟ ଗଠନ ଓ ନୂତନ ଅବତାର ଗ୍ରହଣ ଭାରତୀୟ ରାଜନୀତିରେ ଭାରତୀୟ ଜନତା ପାର୍ଟି ଆଧିପତ୍ୟ ବିସ୍ତାରର ପ୍ରତିଫଳନ, ଯାହା ବିରୋଧୀ ଦଳମାନଙ୍କୁ ସେମାନଙ୍କର ବିଜୟର ଆଧାରରେ ବାଜିମାତ୍ କରିବାକୁ ନୁହେଁ, ବରଂ ପୂର୍ବୋକ୍ତି ଦଳର ବିଫଳତାର ଫାଇଦା ନେବାକୁ ସାହାଯ୍ୟ କରୁଛି। ଆଉ ଏଇଥିପାଇଁ ଦଳ ବିହାରରେ ଶାସକ ଦଳର ଅଂଶୀଦାର ହୋଇ ବର୍ତ୍ତମାନ ରହିନାହିଁ, ଯେଉଁ ରାଜ୍ୟ ଲୋକସଭାକୁ ଚତୁର୍ଥ ସର୍ବାଧିକ ସଂଖ୍ୟକ ସାଂସଦଙ୍କୁ ନିର୍ବାଚିତ କରିପଠାଇଥାଏ। କହିବା ବାହୁଲ୍ୟ, ୨୦୨୦ ବିହାର ବିଧାନସଭା ନିର୍ବାଚନରେ ଆଉ ଏକ ରାଜନୀତିକ ମେଂଟ ଗଠନ ହେବ, ବୋଧହୁଏ ଏକଥା ଆଗରୁ କୁହାଯାଇଥିଲା। କେବଳ ବିଜେପି ଜେଡିୟୁ ଏକ ଚିନ୍ତାଜନକ ବ୍ୟବଧାନରେ ପଛରେ ପକାଇ ଦେଇନଥିଲା, ଏମିତିକି ୨୦୧୯ ଲୋକସଭା ନିର୍ବାଚନରେ ସମ୍ପୂର୍ଣ୍ଣ ଧୂଳି ଚାଟିଥିଲେ ସୁଦ୍ଧା ଆରଜେଡି ମଧ୍ୟ ବଳିଷ୍ଠ ପ୍ରଦର୍ଶନ କରିଥିଲା। ସେତେବେଳକୁ ନୀତୀଶ କୁମାର ତାଙ୍କର ସୁଶାସନ ବାବୁର ଭାବମୂର୍ତ୍ତି ହରାଇସାରିଥିଲେ। ଏହି ନିର୍ବାଚନ ଆହୁରି ମଧ୍ୟ ଦର୍ଶାଇଥିଲା ଯେ ବିହାରର ବିଜେପି ତାର ପାଦକୁ ଦୃଢ଼ ଭାବରେ ଥାପି ସାରିଛି। ନିର୍ବାଚନରେ ବିଜେପି ସହିତ ମେଂଟ କରି ଶାସନ ଗାଦିରେ ବସିଥିଲେ ସୁଦ୍ଧା ନୀତୀଶ ବିଜେପିର ଶତ୍ରୁ ଆରଜେଡି ଉପରେ ମଧ୍ୟ ତୀକ୍ଷଣ ନଜର ରଖିଥିଲେ। ଉଭୟ ଦଳ ସହିତ ତାଙ୍କର ସମ୍ପର୍କ କଠୋର ଭାବରେ ବାସ୍ତବତା-ଆଧାରିତ ରାଜନୀତି ଉପରେ ପର୍ଯ୍ୟବସିତ ଥିଲା। ଏବଂ କିଛି ଦିନ ପରେ ଯେତେବେଳେ କିଛି ସୁଯୋଗ ମିଳିଲା ଦୁଇଦଳ ଭିତରୁ କାହାକୁ ଗୋଟିକୁ ବାଛିବାକୁ, ସେତେବେଳେ ମଉକା ଦେଖି ଚଉକା ମାରିବାକୁ କୁଣ୍ଠା ପ୍ରକାଶ କରିନଥିଲେ ସେ। ଏଥରକ ବିଜେପିର ହାତ ଛାଡ଼ିବାପାଇଁ ଖୋରାକ ଯୋଗାଇ ଥିଲେ ଆରସିପି ସିଂହ, ଯିଏକି ଥିଲେ ଜେଡିୟରୁ ଜଣେ ପୂର୍ବତନ ନେତା, ଯାହାଙ୍କ ବିରୋଧରେ ଅଭିଯୋଗ ହେଲା ସେ ହେଉଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ଲୋକ। ଜେଡିୟୁ ସିଂହଙ୍କୁ ଦୁର୍ନୀତି ଅଭିଯୋଗରେ ଦଳରୁ ବହିଷ୍କାର କଲା। କିନ୍ତୁ ନୀତିଶ ଏବଂ ବିଜେପି ମଧ୍ୟରେ ମନ ଫଟାଫଟି ବେଶ୍ କିଛି ମାସ ହେବ ଲାଗି ରହିଥିଲା। ସିଂହଙ୍କ ପୂର୍ବରୁ ବିହାରର ପ୍ରଖ୍ୟାତ ଦଳିତ ନେତା ରାମ ବିଳାସ ପାଶଓ୍ୱାନଙ୍କ ପୁତ୍ର ଚିରା ପାଶ୍ୱାନ ଥିଲା ନୀତୀଶଙ୍କ ପାଇଁ ମୁଣ୍ଡବିଧାର କାରଣ, ଯେହେତୁ ଚିରାଗ ଦଳ ୨୦୨୦ ବିଧାନସଭା ନିର୍ବାଚନରେ ଜେଡିୟୁ ସହିତ ଲଢ଼ିଥିଲା। ଚିରାଗ ବେଶୀ କିଛି ଲାଭପାଇନଥିଲେ ସତ, କିନ୍ତୁ ଜେଡିୟୁ ବହୁତ କିଛି ହରାଇଥିଲା। ପୂର୍ବରୁ ଏହାର ୭୦ ଆସନ ୪୫କୁ ଖସି ଆସିଥିଲା। ଏହାବାଦ୍ ଜାତିଆଣ ପ୍ରସଙ୍ଗ ମଧ୍ୟ ରହିଥିଲା। ପ୍ରସଙ୍ଗକ୍ରମେ ସ୍ମରଣ କରାଇ ଦିଆଯାଇପାରେ ଯେ ବିହାର, ଉତ୍ତରପ୍ରଦେଶ ଭଳି କେତେକ ରାଜ୍ୟରେ ଜାତିଆଣ ରାଜନୀତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ପରନ୍ତୁ, ବିଜେପି ଏହାକୁ ପସନ୍ଦ କରେନାହିଁ, କାରଣ ଦଳ ଏଥିରେ ହିନ୍ଦୁ ସମାଜ ବିଭାଜିତ ହେବାର ସମ୍ଭାବନା ଦେଖିଥାଏ, ଯାହା ଏହାର ଭୋଟର ଆଧାର। ନୀତୀଶ ବିଜେପିର ହାତ ଛାଡ଼ିବାକୁ ନେଇ ଇତି ମଧ୍ୟରେ ଅନେକ କଳ୍ପନାଜଳ୍ପନା ଚାଲିଛି। କୁହାଯାଉଛି ଯେ ୨୦୨୪ ଲୋକଭା ନିର୍ବାଚନ ପୂର୍ବରୁ ବିରୋଧୀ ଦଳମାନେ ହୁଏତ ମହାମେଂଟ କରିପାରନ୍ତି ଏବଂ ନୀତୀଶ ଏହାର ମଙ୍ଗୁଆଳ ସାଜି ନରେନ୍ଦ୍ର ମୋଦୀଙ୍କୁ ଟକ୍କର ଦେବେ। ତେବେ ତାଙ୍କର ମନୋଭାବ ଯାହା ହୋଇଥାଇ ନା କାହିଁକି, ନୀତୀଶଙ୍କର ରାଜନୀତିକ ସୁବିଧାବାଦ ତାଙ୍କର ବିଶ୍ୱସନୀୟତା ହାନିର କାରଣ ହେବ। ବର୍ତ୍ତମାନ ଏମିତି ଏକ ସମୟ, ଯେତେବେଳେ କି ଭାରତୀୟ ନିର୍ବାଚନଗୁଡ଼ିକ ଦିନକୁ ଦିନ ବ୍ୟକ୍ତିତ୍ୱ ଭିତରେ ପ୍ରତିଦ୍ୱନ୍ଦ୍ୱିତାରେ ପରିଣତ ହୋଇ ଚାଲିଛି। ଏଭଳି ଏକ ସମୟରେ ନୀତିଶଙ୍କର ଏଭଳି ସୁବିଧାବାଦୀ ମନୋବୃତ୍ତି ହୁଏତ ତାଙ୍କ ପାଇଁ ସହାୟକ ହୋଇନପାରେ।

## ମାଲେରିଆ ଓ ଯକୃତ



**ପ୍ର.ଡ. ଉମେଶ ଚନ୍ଦ୍ର ପାତ୍ର**

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୧୬ରେ ହୋଇଥିବା ଅଧୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ମାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି । ୨୦୧୭ ବିଶ୍ୱ ମାଲେରିଆ ଦିବସରେ ମାଲେରିଆକୁ ଚିର ବିଦାୟ ନେବା ନିମିତ୍ତ ଆହ୍ୱାନ ଦିଆଯାଇଛି। ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍‌ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ପେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୧୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।


♥ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭


## ଶ୍ରୀମା ଓ ତାଙ୍କର ଦିବ୍ୟ ଅନୁଭବ



**ଅମୂଲ୍ୟ କୁମାର ପଣ୍ଡା**

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ମାତୃଶକ୍ତିକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦିଆଯାଇଛି। ମଣିଷ ଜୀବନରେ ଏପରି କୌଣସି ଅବସ୍ଥା ନାହିଁ ଯେଉଁଠି ମହାଶକ୍ତିର ଉପଲବ୍ଧି ନାହିଁ। ମାତ୍ର ଆମ ଚେତନାର ଅବସ୍ଥା ଏପରି ଯେ ଆମେ କିଛି ଗ୍ରହଣ କରିବାକୁ ପ୍ରସ୍ତୁତ ନୋହୁଁ। ଏଥିପାଇଁ ସମାଜରେ ଭ୍ରଷ୍ଟାଚାର, ଦୁର୍ନୀତି ଓ ଦୁଷ୍କର୍ମ ବ୍ୟାପି ଚାଲିଛି। ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଅମୃତମୟ ଦୃଷ୍ଟିରେ ଏ ଅବସ୍ଥା କିଛି ପରିବର୍ତ୍ତନ ହୋଇ ପାରିଛି । ଶ୍ରୀମାଙ୍କ ଦିବ୍ୟ ମାତୃଶକ୍ତି ମଣିଷକୁ ଏ ଦୁଃସ୍ଥିତିରୁ ଉତ୍ତୀର୍ଣ୍ଣ କରି ନେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୁଗ୍ମ ସତ୍ତା ପାଶ୍ଚାତ୍ୟ ମତାନୁଯାୟୀ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସର୍ବୋତ୍ତମ ସମନ୍ୱୟ । ଆଧ୍ୟାତ୍ମିକତାର ଦୁଇଟି ଦିଗ ଯଥା ଯୋଗ ଓ ତନ୍ତ୍ରର ପୂର୍ଣ୍ଣାଙ୍ଗ ସତ୍ୟ ହେଉଛନ୍ତି ଶ୍ରୀମା ଓ ଶ୍ରୀଅରବିନ୍ଦ। ଅତିମାନସ ଶକ୍ତି, ଜ୍ୟୋତି ଓ ଚେତନାର ଅବତାର ପୁରୁଷ ଶ୍ରୀଅରବିନ୍ଦଙ୍କର ଶ୍ରୀମା ହେଉଛନ୍ତି ସହ-ତପସ୍ୱିନୀ। ଶ୍ରୀଅରବିନ୍ଦ ତତ୍ତ୍ୱ ହେଲେ ଶ୍ରୀମା ହେଉଛନ୍ତି ସେ ତତ୍ତ୍ୱର ସରଳ, ସାବଲୀଳ ଓ ପ୍ରାଞ୍ଜଳ ବ୍ୟାଖ୍ୟା। ଶ୍ରୀଅରବିନ୍ଦ ସାଧ ହେଲେ ଶ୍ରୀମା ତାଙ୍କର ସାଧନା ଓ ସିଦ୍ଧି। ଶ୍ରୀଅରବିନ୍ଦ ତପଶକ୍ତି ହେଲେ ଶ୍ରୀମା ତାଙ୍କର କ୍ରିୟାତ୍ମିକା ଶକ୍ତି। ଶ୍ରୀମା ନିଜେ କହୁଥିଲେ, ଶ୍ରୀଅରବିନ୍ଦଙ୍କ ବିନା ତାଙ୍କର ସ୍ଥିତି ନାହିଁ ଏବଂ ତାଙ୍କ ବିନା ବିନା ତାଙ୍କର ପ୍ରକାଶ ନାହିଁ। ଦୁଇଟି ମହାନ୍ ଆତ୍ମାର ମହାମିଳନ, ସତେଯେପରି ଶ୍ୱେତପଦ୍ମ ସହିତ ରକ୍ତପଦ୍ମର, ପ୍ରେମ ସହିତ ପ୍ରଜ୍ଞାର, ଭକ୍ତି ସହିତ ଜ୍ଞାନର, ମହାପୁରୁଷଙ୍କ ସହିତ ମହାପ୍ରକୃତିର, ଜୀବାତ୍ମା ସହ ପରମାତ୍ମାର।

ଶ୍ରୀମାଙ୍କ ପୂର୍ବ ନାମ ତଥା ଜନ୍ମିତ ନାମ ଥିଲା ମିରା ଅଲଫାସା। ସେ ୧୮୭୮ ମସିହା ଫେବୃଆରୀ ୨୧ ରେ ପିତା ମରିସ ଓ ମାତା ମାଥିଲଡେଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ମାଟେଓନାମରେ ତାଙ୍କର ଜଣେ ବଡ଼ ଭାଇଥିଲେ। ସେ ଜନ୍ମ ନେବା ଆଗରୁ ସେମାନଙ୍କର ପରିବାର ଦେଶତ୍ୟାଗ କରି ଫ୍ରାନ୍ସକୁ ଚାଲି ଯାଇଥିଲେ। ତାଙ୍କୁ ଯେତେବେଳେ ପାଞ୍ଚ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ଅନୁଭବ କରିଥିଲେ, ସେ ଏଇ ସଂସାରର ନୁହଁନ୍ତି, ଆଉ ସେବେଠାରୁ ତାଙ୍କର ଆଧ୍ୟାତ୍ମିକ ସାଧନା ଆରମ୍ଭ ହୋଇ ଯାଇଥିଲା। ସେ ଅନେକ ସମୟରେ ଆରାମ ଚଉକିରେ ବସିଲା ବେଳେ କିମ୍ବା ଖାଇବା ଟେବୁଲ ପାଖରେ ସେ ସହଜ ସମାଧିରେ ଚାଲି ଯାଉଥିଲେ। ୧୧ରୁ ୧୩ ବର୍ଷ ବୟସରେ ତାଙ୍କୁ ଅନେକ ଗୁଡ଼ିଏ ଆଧ୍ୟାତ୍ମିକ ଅନୁଭୂତି ହୋଇଥିଲା, ଯାହା ତାଙ୍କୁ ଈଶ୍ୱରଙ୍କର ଅସ୍ତିତ୍ୱ ଓ ମାନବତାର ଐଶ୍ୱରୀୟ ସତ୍ତା ସହିତ ମିଳନର ସମ୍ଭାବନା ସମ୍ବନ୍ଧରେ ସଚେତନ କରାଇ ଦେଇଥିଲା। ସେ ହେନେରୀ ମୋରିସେଟ ଙ୍କୁ ବିବାହ କରିଥିଲେ। ସେ ଓ ମୋରିସେଟ ଆଣ୍ଡ୍ରେ ନାମକ ପୁତ୍ରର ପିତା ମାତା ହେବାର ସୌଭାଗ୍ୟ ଲାଭ ମଧ କରିଥିଲେ । ସେ ସର୍ବଦା କହୁଥିଲେ ଯେ ୧୯ରୁ ୨୦ ବର୍ଷ ବୟସରେ ସେ ଚେତନାର ଏକ ଉଚ୍ଚତର ସ୍ଥିତିକୁ ହାସଲ କରି ପାରିଥିଲେ ଓ କୌଣସି ଗୁରୁ କିମ୍ବା ଗ୍ରନ୍ଥର ବିନା ସହାୟତାରେ ସଦା ସର୍ବଦା ଐଶ୍ୱରୀୟ ସତ୍ତାର ଉପସ୍ଥିତି ଅନୁଭବ କରି ପାରୁଥିଲେ। କିଛି ଦିନ ପରେ ସେ ସ୍ୱାମୀ ବିବେକାନନ୍ଦଙ୍କର ରାଜଯୋଗ ବହିଟି ପଢିଲେ ଓ ଏ ଦିଗରେ ଦ୍ରୁତ ଅଗ୍ରଗତି କରି ପାରିଲେ। ପାଖାପାଖି ବର୍ଷେ ଦୁଇ ବର୍ଷ ପରେ ଜଣେ ପ୍ୟାରିସ ନିବାସୀ ଜଣେ ଭାରତୀୟଙ୍କ ସହିତ ତାଙ୍କର ସାକ୍ଷାତ ହେଲା, ଯିଏ ତାଙ୍କୁ ଭଗବତ ଗୀତା ପଢ଼ିବାପାଇଁ ଓ ଶ୍ରୀକୃଷ୍ଣଙ୍କୁ ଅନ୍ତର୍ନିହିତ ଐଶୀ ଶକ୍ତିର ପ୍ରତୀକ ରୂପେ ଗ୍ରହଣ କରିବାପାଇଁ କହିଲେ। ସେ ସମୟରେ ସେ ଗୀତାର ଏକ ଫ୍ରେଞ୍ଚ ଅନୁବାଦ ପଢିଲେ, ଯାହା ତାଙ୍କୁ ଗୀତାର ମର୍ମ ବୁଝିବାରେ ସହାୟତା କରିଥିଲା। ଧ୍ୟାନ ସମୟରେ ଅନେକ ଆଧ୍ୟାତ୍ମିକ ହସ୍ତୀଙ୍କୁ ଦେଖିଥିବାର ସେ କହୁଥିଲେ ଆଉ ଯେଉଁମାନେ ତାଙ୍କୁ କୌଣସି ନା କୌଣସି ଉପାୟରେ କିଛି ନା କିଛି ସାହାଯ୍ୟ କରୁଥିଲେ । ଥରେ ତାଙ୍କ ଧ୍ୟାନରେ ଜଣେ କୃଷ୍ଣକାୟ ଏସୀୟ ମୂର୍ତ୍ତି ଦୃଷ୍ଟିଗୋଚର ହୋଇଥିଲା, ଯାହାଙ୍କୁ ସେ କୃଷ୍ଣ କହୁଥିଲେ । ସେ କହୁଥିଲେ ଯେ, ସେହି କୃଷ୍ଣ ତାଙ୍କୁ ତାଙ୍କର ଆଧ୍ୟାତ୍ମିକ ଯାତ୍ରାରେ ସାହାଯ୍ୟ କରିଥିଲେ। କୃଷ୍ଣଙ୍କ ପ୍ରତି ତାଙ୍କର ସହଜ ଓ ସମ୍ପୂର୍ଣ୍ଣ ବିଶ୍ୱାସ ରହିଥିଲା ଓ ସେ ତାଙ୍କୁ ବାସ୍ତବ ଜୀବନରେ ଥରେ ଭେଟିବାକୁ ଆଶା ପୋଷଣ କରିଥିଲେ। ପରବର୍ତ୍ତୀ କାଳରେ ସେ ଶ୍ରୀମା ନାମରେ ପରିଚିତ ହେଲେ।

ଶ୍ରୀମାଙ୍କ ଜୀବନର ଶେଷ ତିରିଶି ବର୍ଷର ଅନୁଭବକୁ ତେର ଭାଗ ବିଶିଷ୍ଟ ଗୋଟିଏ ବହିରେ ସାଇତା ଯାଇଛି। ମୂଳ ଇଂରାଜୀ ବହିର ନାମ ହେଉଛି ଦ ଏଜେଣ୍ଡା (The Agenda)। ଏଇ ଦିନମାନଙ୍କରେ ସେ ନିଜ ସ୍ଥୂଳ ଶରୀରର ରୂପାନ୍ତରଣ କରି, ଉଚ୍ଚତମ ସତ୍ୟ ଚେତନା ପ୍ରତି ଉନ୍ମୁକ୍ତ ହୋଇ, ଶ୍ରୀଅରବିନ୍ଦଙ୍କ ବର୍ଣ୍ଣିତ ଅତି ମାନବ ହେବାକୁ ଚେଷ୍ଟା କରିଥିଲେ। ଶ୍ରୀ ଅରବିନ୍ଦ ତାଙ୍କୁ ଦିବ୍ୟ ଜନନୀଙ୍କର ଅବତାର ବୋଲି କହୁଥିଲେ ଓ ତାଙ୍କୁ ମା' (The Mother)ବୋଲି ସମ୍ବୋଧନ ମଧ କରୁଥିଲେ। ତାଙ୍କୁ ମା' ବୋଲି ଡାକିବାର କାରଣ କେହି ପଚାରିବାରୁ ଶ୍ରୀ ଅରବିନ୍ଦ ତାଙ୍କର ପ୍ରକୃତ ସତ୍ତାର ପରିଚୟ ଦେବାପାଇଁ 'ଦ ମଦର(The Mother)' ଶୀର୍ଷକରେ ଏକ ପ୍ରବନ୍ଧ ମଧ ଲେଖିଥିଲେ। ଅନେକ ଶ୍ରୀଅରବିନ୍ଦଙ୍କ ସାଧକ ଜୀବନରେ ଶ୍ରୀମାଙ୍କ ଭୂମିକା କ'ଣ, ସେ ବିଷୟରେ ଅନୁସଂଧିତ୍ସା ପ୍ରକାଶ କରିଥାନ୍ତି। କେହି କେହି ଶ୍ରୀମାଙ୍କୁ ଶ୍ରୀଅରବିନ୍ଦଙ୍କ ଶିଷ୍ୟା ବୋଲି ମଧ ମନେ କରନ୍ତି। କିନ୍ତୁ, ଶ୍ରୀଅରବିନ୍ଦ ଅନେକ ସ୍ଥାନରେ ସ୍ପଷ୍ଟ କରିଛନ୍ତି ଯେ ଶ୍ରୀମା ତାଙ୍କର ଶିଷ୍ୟା ନୁହନ୍ତି। ସେ ତାଙ୍କର ସହଯୋଗୀ ଏବଂ ସେ ଏକ ସ୍ୱତନ୍ତ୍ର ଦିବ୍ୟ ସତ୍ତା। ଶ୍ରୀମା ପଣ୍ଡିଚେରୀ ଆଶ୍ରମରେ ଅବସ୍ଥାନ କରିବା ପୂର୍ବରୁ ଶ୍ରୀଅରବିନ୍ଦ ଏକାକୀ ତାଙ୍କ ସାଧନା ପଥରେ ଅଗ୍ରସର ହେଉଥିଲେ। ସାଥିରେ ଅନ୍ୟ ସହଯୋଗୀ-ସାଧକମାନେ ଥିଲେ ହେଁ, ତାହା ଶ୍ରୀଅରବିନ୍ଦଙ୍କ ସାଧନାର ପୂର୍ଣ୍ଣତା ପାଇଁ ପର୍ଯ୍ୟାପ୍ତ ନ ଥିଲା। ଏ ବିଷୟରେ ନିଜେ ଶ୍ରୀଅରବିନ୍ଦ ଠାଏଁ କହିଛନ୍ତି - 'ଶ୍ରୀମାଙ୍କ ଆଗମନ ପୂର୍ବରୁ ମୁଁ ନିଜେ ହୁଏତ ସାଧନା ପଥରେ କେତେକାଂଶରେ ଅଗ୍ରଗତି କରିଥିଲି । କିନ୍ତୁ, ଏହି ଉନ୍ନତି କେବଳ ମୋ ଠାରେ ସୀମିତ ଥିଲା । ଅନ୍ୟମାନଙ୍କ ଚେତନାର ଉତ୍ତରଣ ପାଇଁ ବା ସେମାନଙ୍କ ସାଧନାରେ ପ୍ରଗତି ପାଇଁ ମୁଁ କିଛି ଉଲ୍ଲେଖଯୋଗ୍ୟ ଅବଦାନ କରିପାରୁ ନଥିଲି । ମାତ୍ର ଶ୍ରୀମାଙ୍କର ଆଶ୍ରମରେ ପଦାର୍ପଣ ପରେ ମୋର ସାଧନା ଦ୍ରୁତତର ଓ ଉନ୍ନତତର ହେଲା ଓ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ମୁଁ ଅଧିକ ସକ୍ଷମ ହେଲି ।'


+ ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦


### କବିତା କୋଣାର୍କ

## ପ୍ରେମ ଆଜି ରଙ୍ଗହୀନ



**ରାହାସ କୁମାର ବେହେରା**

ପାନ୍ଥଶାଳା ଆଜି ନୀରବି ଯାଇଛି
ଜୀବନଟା ରଙ୍ଗହୀନ
ସମୟ ଗାଉଛି ଅସହାୟ ଗୀତ
ହୃଦୟଟା ହୀନିମାନ ।
ଅଢେଇ ଅକ୍ଷର ପ୍ରେମରେ ଯେବେଠୁ
ଲାଗିଛି କଳଙ୍କ ଦାଗ
ପ୍ରେମର ସଂଜ୍ଞା ବଦଳି ଯାଇଛି
ପ୍ରେମ ହୁଏ ଶହେ ଭାଗ ।
ବିଶ୍ୱାସ ହରାଇ ପ୍ରେମ ଭଙ୍ଗା ତୁଟା
ଲହୁଲୁହାଣ ଅସାର
ପାଶ୍ଚାତ୍ୟ ଢଙ୍ଗରେ ରଙ୍ଗ ବଦଳାଇ
ବଦନାମ ଓ ବେକାର ।
ଆଜି କାହିଁ ସେହି ଐଶ୍ୱରିକ ପ୍ରେମ
ରାଧା କୃଷ୍ଣ ମୀରା ଭାବ
କେଦାର ଗୌରୀ ,ଶକୁନ୍ତଳା ସହ
ଦୁସୁମନ୍ତଙ୍କ ସେ ତ୍ୟାଗ ।

ପ୍ରେମର ନାମରେ ବାଜେ ଅପନିନ୍ଦା
କିଏ ଖେଳେ କାହା ସହ
ମାନ ମରଯାଦା ବେଖାତିରି ଭାବେ
ବଂଚିବା ହୁଏ ଅସହ୍ୟ ।
ବ୍ୟବହାର ସାଥେ ସମ୍ପର୍କ ବଦଳେ
ଭାବନାରେ ମିଳେ ବିଷ
ନିଷ୍ପାପ ଜୀବନ ହୁଏ ନାରଖାର
ମିଛେ ହୁଏ ସର୍ବ ନାଶ ।
ଆଧୁନିକ ନାମେ ପ୍ରେମ ମୂଲ୍ୟହୀନ
ନିଜ ସ୍ୱାର୍ଥ ତୃପ୍ତି ପାଇଁ
ବଦଳି ଗଲାଣି ମୂଲ୍ୟ ବୋଧ ସବୁ
କାହାକୁ କହିବା ଭାଇ ।
ପ୍ରେମତ ଈଶ୍ୱର ପରମ ପ୍ରାପ୍ତିର
ଦିଅ ସନମାନ ଗର୍ବେ
ସୃଷ୍ଟି ଯାଇ ହେବ ମଙ୍ଗଳ କାରକ
ବଞ୍ଚିଯିବା ସୁଖେ ସର୍ବେ ।


ବାଲ୍ୟମ୍ଯା, ଭାପୁର
ଢେଙ୍କାନାଳ: ୭୫୯୦୧୫
ମୋ : ୯୪୩୮୧୧୪୩୬୮


## ପ୍ରିୟ ମାତୃଭାଷା

**ସୁଭାଷ ଚନ୍ଦ୍ର ଭୂତିଆ**



ଜନ୍ମଭୂମିର ମନକଥା
ଇତିହାସର ପୂଣ୍ୟ ଗାଥା
ସବୁରି ଅନ୍ତର ପଢିବା ପାଇଁ
ଥାଏ ଯେ କେହି
ମାତୃଭାଷା ଆମର ସେହି ।

ସ୍ନେହ ପ୍ରେମ ଭରା ଆସର
ପାପ ପୁଣ୍ୟ ଭାବ ବିଚାର
ସମ୍ପର୍କ ସଜାଡି ରଖିବା ପାଇଁ
ହୁଏ ସେ ଦାୟୀ
ମାତୃଭାଷା ଆମର ସେହି ।

ଏକତାର ସେ ସୂତ୍ରଧର
ଦେଶ ପ୍ରଦେଶ ଉପଚାର
ସବୁ ସମ୍ମାନ ର ଉତ୍ତରଦାୟୀ
ସେ କାଳ ଜୟୀ
ମାତୃଭାଷା ଆମର ସେହି ।

ଗର୍ବ ଦମ୍ଭ ଅବା ସାହସ
କଳା ସଂସ୍କୃତି ର ଉଆସ
ବିସ୍ତାରି ରଖିଛି ଦେହର ଛାଇ
ପ୍ରାଣକୁ ମୋହି
ମାତୃଭାଷା ଆମର ସେହି ।

ରଖିବା ତାହାରି ସମ୍ମାନ
ଉତ୍କଳର ଯେତେ ସନ୍ତାନ
ଶପଥ ନେବାରେ ଏ ମାଟି ଛୁଇଁ
ଜୀବନ ଦେଇ
ମାତୃଭାଷା ଆମର ସେହି ।


ଡିହଡୋଳ, ଢେଙ୍କାନାଳ


## ଦୁଇଟି ଅକ୍ଷର ପ୍ରେମ

**ସୁଧାଂଶୁ ଶେଖର ଦ୍ୱିବେଦୀ**



ପ୍ରେମର ପୂର୍ଣ୍ଣତା ହୁଏନା କେବେ
ସ୍ନେହ ବି ଅଧୁରା ରହିଥାଏ
ଭଲପାଇବା ଅଧାଅଧିରେ
ଦୁଇଟି ଅକ୍ଷର ଲୋଡ଼ା ହୁଏ।

ଶକୁନ୍ତଳାଙ୍କ କାହାଣୀ ହେଉ
କିବା ରାଧାଙ୍କ ଅଂଶରେ ଥାଉ
ପ୍ରେମ ଭକ୍ତିରେ ଡୁବିଛନ୍ତି ମୀରା
ଦୁଇଟି ଅକ୍ଷରେ ବନ୍ଧା ହୋଇ।

ପ୍ରେମ ତ ମନକୁ ଜିତିଛି
ପ୍ରେମ ବି ତନକୁ ବାନ୍ଧିଛି
ରୂପକୁ ସୌନ୍ଦର୍ଯ୍ୟ ଦେଇଛି
ଦୁଇଟି ଅକ୍ଷର ଯୋଡି ହୋଇ।

ଦୁଇଟି ଅକ୍ଷର ପ୍ରେମକୁ
ହୃଦୟ ସ୍ୱୀକାର କରିଛି
ମରିବା ପରେ ବି ଦୁନିଆରେ
ସ୍ମୃତି ହୋଇ ରହି ଯାଇଛି।


ବିସି-୭୪, ସଲଟ ଲେକ,
କଲକାତା-୬୪
ମୋ-୯୬୮୧୩୭୩୫୧୨


## ଜୀବନ ଯାତ୍ରା

**ଡିସମ୍ବର ମେହେର**



ହଜିବାକୁ ହେବ ଏ ମାୟା ସଂସାରରେ
ଖୋଜିବାକୁ ହେବ ଜୀବନର ମୂଳ ମନ୍ତ୍ର
କରିବାକୁ ହେବ ଭିନ୍ନ ଚରିତ୍ରେ ଅଭିନୟ
କେବେ ଜୀବନ୍ତ ପୁଣି କେବେ କେବେ ଯନ୍ତ୍ର ।

ହାରିବାର ଭୟକୁ ଦୁରେଇ ଦେଇ ମନୁ
ଜାଗ୍ରତ ରହିବାକୁ ହେବ ଆୟୁଧ ତିଖିକରି
ସାଜିବାକୁ ହେବ କେବେ ରାମ କେବେ ପର୍ଶୁରାମ
ଅମୃତ ପ୍ରାପ୍ତି ଆଶାରେ ଲହୁଲୁହାଣ ଲଢ଼େଇ କରି ।

ବିଶ୍ୱାସ ବଳିପଡେ ଏଠି ପଇସାର ମାୟାଜାଲେ
ଛିନ୍ନ କରେ ସଂପର୍କ ଭାଙ୍ଗିଦିଏ ଧର୍ମ ପରମ୍ପରା
ଚିହ୍ନିବାକୁ ହେବ ଅବିଶ୍ୱାସୀର ? ବିଷ ମନ୍ତ୍ରଣା
କରିବାକୁ ହେବ ପଥର ହୃଦୟ ,ନହୋଇ ଧର୍ଯ୍ୟହରା ।

ଆଗେଇବାକୁ ହେବ ସମୟ ସହ ତାଲ ମେଳାଇ
ଚାଲିବାକୁ ହେବ କେତେ ବନ୍ଧୁର କଣ୍ଟକିତ ପଥ ଦେଇ
କଣ୍ଟାର ଆଘାତେ ଆହା କି ରକ୍ତ ଜର୍ଜରିତ ପାଦ କଷ୍ଟ
ତଥାପି ଆଗେଇବାକୁ ହେବ ପୁଷ୍ପ ବାଟ ଆଶାନେଇ ।


ଗଣ୍ଡାବାହାଲି,
ନୂଆପଡା

# ବିଦୂଷୀ ବିଦେଶିନୀ ନର୍ଗିସ ଫାଖରି



ବିଦେଶିନୀ ହୋଇ ସୁଦ୍ଧା ଆମେରିକୀୟ ମଡେଲ ତଥା ଅଭିନେତ୍ରୀ ନର୍ଗିସ ଫାଖରିଙ୍କର ଭାରତୀୟ ସିନେମାରୁ ହାସଲ କରିଥିବା ଉପଲବ୍‌ଧି ଅନ୍ୟମାନଙ୍କ ପାଇଁ ଉଦାହରଣୀୟ। ମାତ୍ର ୧୦ ବର୍ଷର ଅଭିନୟ ଜୀବନ ଭିତରେ ୧୫ଟି ସିନେମା ଓ ୩ଟି ସଂଗୀତ ଭିଡିଓ ମାଧ୍ୟମରେ ନିଜର ଦକ୍ଷତା ପ୍ରଦର୍ଶନ କରି ଦୁଇ ଥର ଜାତୀୟ ସ୍ତରର ପୁରସ୍କାର ହାସଲ କରିବା ଏବଂ ଅନୁରୂପ ପୁରସ୍କାର ପାଇଁ ତାଙ୍କ ନାମକୁ ୬ ଥର ସୁପାରିସ କରାଯିବା କିଛି କମ୍ କଥା ନୁହେଁ। ଆମେରିକାର ନ୍ୟୁୟର୍କ ସହରସ୍ଥିତ କ୍ୱିନ୍‌ସ ଠାରେ ୧୯୭୯ ଅକ୍ଟୋବର ୨୦ ତାରିଖରେ ଜନ୍ମିତା ନର୍ଗିସଙ୍କର ପିତା ଜଣେ ପାକିସ୍ତାନୀ ଏବଂ ମାଆ ହେଉଛନ୍ତି ଚେକୀୟ। ତେଣୁ ସେ ନିଜକୁ ଜଣେ ବୈଶ୍ୱିକ ନାଗରିକ ଭାବେ ବିବେଚନା କରନ୍ତି। ଦୁଃଖର କଥା, ନର୍ଗିସଙ୍କୁ ମାତ୍ର ୬ ବର୍ଷ ହୋଇଥିବା ବେଳେ ତାଙ୍କ ପିତାମାତାଙ୍କର ବିବାହ ବିଚ୍ଛେଦ ଘଟିଥିଲା ଏବଂ କିଛି ବର୍ଷ ପରେ ତାଙ୍କ ପିତାଙ୍କର ପରଲୋକ ଘଟିଥିଲା।

ମାଆଙ୍କ ପାଖରେ ପ୍ରତିପାଳିତ ନର୍ଗିସ ୧୬ ବର୍ଷ ବେଳୁ ମଡେଲିଂ କରିବା ଆରମ୍ଭ କରି ଦେଇଥିଲେ। ତେବେ ୨୦୦୯ରେ ଭାରତୀୟ କମ୍ପାନି କିଙ୍ଗ୍‌ଫିସର କ୍ୟାଲେଣ୍ଡରରେ ସ୍ଥାନ ପାଇଲା ପରେ ସେ ବିଶେଷ ଭାବରେ ଲୋକଲୋଚନକୁ ଆସିଥିଲେ। ତାହା ହିଁ ଭାରତୀୟ ଚଳଚ୍ଚିତ୍ର ନିର୍ମାତା ଇମତିଆଜ୍ ଅଲିଙ୍କୁ ଆକର୍ଷିତ କରିଥିଲା। ଫଳସ୍ୱରୂପ, ୨୦୧୧ରେ ପ୍ରଣୟଭିତ୍ତିକ ହିନ୍ଦୀ ସିନେମା 'ରକ୍‌ଷ୍ଟାର' ପାଇଁ ନର୍ଗିସ ମନୋନୀତ ହୋଇଥିଲେ। ଏହି ପ୍ରଥମ ଫିଲ୍ମ ଅଜସ୍ର ଲୋକପ୍ରିୟତା ସହ ସମୀକ୍ଷକମାନଙ୍କର ମିଶ୍ର ପ୍ରତିକ୍ରିୟା ଆଣିଥିଲା। ଏଥିପାଇଁ ଶ୍ରେଷ୍ଠ ନବାଗତା ନାୟିକା ଭାବେ ତାଙ୍କୁ ଫିଲ୍ମଫେଆର ପୁରସ୍କାର ପାଇଁ ସୁପାରିସ କରାଯାଇଥିବା ବେଳେ ରଣବୀର କପୁରଙ୍କ ସହ ସେ ଶ୍ରେଷ୍ଠ ଉତ୍ତେଜକ ଯୋଡ଼ି ଭାବେ 'ଆଇଫା' ସମ୍ମାନ ଲାଭ କରିଥିଲେ। ଭାରତୀୟ ଭାଷାରେ ଭଲରେ କଥାବାର୍ତ୍ତା କରିପାରୁନଥିବା ବିଦୂଷୀ ନର୍ଗିସ୍ ୨୦୧୩ରେ ତାଙ୍କର ପରବର୍ତ୍ତୀ ଫିଲ୍ମ 'ମାଡ୍ରାସ କ୍ୟାଫେ'ରେ ମଧ୍ୟ ଅନୁରୂପ ଦର୍ଶକୀୟ ସ୍ୱୀକୃତି ସାଉଁଟିଥିଲେ।

ସେହି ବର୍ଷ ଶେଷ ଆଡ଼କୁ ହାସ୍ୟରସାତ୍ମକ ସିନେମା 'ଫଟା ପୋଷ୍ଟର ନିକ୍‌ଲା ହିରୋ'ର ଆଇଟମ ଗୀତ 'ଧାଟିଂ ନାଚ୍'ରେ ସହିଦ କପୁରଙ୍କ ସହ ନର୍ଗିସଙ୍କର ନୃତ୍ୟାଭିନୟକୁ ମଧ୍ୟ ଦର୍ଶକ ମନଭରି ଉପଭୋଗ କରିଥିଲେ। ଏହାପରେ 'ମେଁ ତେରା ହିରୋ'ରେ ନର୍ଗିସଙ୍କର ଅଭିନୟ ମଧ୍ୟ ମନମୋହକ ରହିଥିଲା ଏବଂ ସେଥିପାଇଁ ତାଙ୍କୁ ଫିଲ୍ମଫେଆର ଗ୍ଲାମର ଓ ଷ୍ଟାଇଲ ସମ୍ମାନ ମିଳିଥିଲା। ଏହି ଅବସରରେ ହଲିଉଡ୍‌ରେ ତାଙ୍କର ପ୍ରଥମ ଆବିର୍ଭାବ ହୋଇଥିଲା 'ସ୍ପାଏ' ଫିଲ୍ମରେ। ସେହିପରି ସେ ୨୦୧୬ରେ ତାମିଲ ଫିଲ୍ମ 'ସାଗାସମ୍'ରେ ଦେଖାଦେଇଥିଲେ ଏକ ସ୍ୱତନ୍ତ୍ର ଭୂମିକାରେ। ଏହାପରେ କ୍ରିକେଟର ମହମ୍ମଦ ଆଝାରୁଦ୍ଦିନ୍‌ଙ୍କ ଜୀବନୀ ଉପରେ ଆଧାରିତ 'ଆଜହର' ଫିଲ୍ମରେ ନର୍ଗିସ ଅଭିନୀତ ଆଜହରଙ୍କ ପତ୍ନୀ ସଙ୍ଗୀତା ବିଜଲାନି ଚରିତ୍ରକୁ ମିଶ୍ର ପ୍ରତିକ୍ରିୟା ମିଳିଥିଲା। ପରବର୍ତ୍ତୀ ସିନେମା 'ହାଉସ୍‌ଫୁଲ୍-୩' ଓ 'ବେଞ୍ଜୋ'ରେ ମଧ୍ୟ ନର୍ଗିସଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ସେହିପରି 'ଅମାବାସ' ଓ 'ଟୋରବାଜ' ଆଦି ସିନେମାରେ ତାଙ୍କ ଉପସ୍ଥିତି, ଚରିତ୍ରକୁ ଖାପ ଖାଇଲା ଭଳି ହୋଇଥିବା ଦର୍ଶକମାନଙ୍କ ମତ। ଚଳିତବର୍ଷ ମୁକ୍ତିଲାଭ କରିବାକୁ ଥିବା ତାଙ୍କର ପ୍ରଥମ ତେଲୁଗୁ ଫିଲ୍ମ 'ହରି ହର ବୀର ମଲ୍ଲୁ'କୁ ସେ ଏବଂ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି।

# ଉର୍ବଶୀ ରୌତେଲା ନିକଟରେ ଚାରି ପିଲାଙ୍କ ବାପାର ବିବାହ ପ୍ରସ୍ତାବ !



ଅଭିନେତ୍ରୀ ତଥା ମଡେଲ୍ ଉର୍ବଶୀ ରୌତେଲା ନିକଟରେ ଏକ ସାକ୍ଷାତକାର ଦେଇ ତାଙ୍କୁ କିଭଳି ଅନେକ ଲୋକ ନିୟମିତ ବିବାହ କରିବାକୁ ପ୍ରସ୍ତାବ ଦେଇଥାନ୍ତି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏତେ ସବୁ ପ୍ରସ୍ତାବ ମଧ୍ୟରୁ ସେ ଏକ ଅଖାଡୁଆ ପ୍ରେମ ନିବେଦନ କଥା ମନେ ପକାଇଥିଲେ। ଇଜିପ୍ଟର ଜଣେ ପ୍ରସିଦ୍ଧ ଗାୟକଙ୍କ ସହିତ ଦୁବାଇରେ ତାଙ୍କର ସାକ୍ଷାତ ହୋଇଥିଲା। ସେ ତାଙ୍କୁ ବିବାହ ପାଇଁ ନିବେଦନ କରିଥିଲେ। ସମସ୍ୟା ହେଲା, ଗାୟକ ଜଣକ ପୂର୍ବରୁ ବିବାହିତ ଥିଲେ ଏବଂ ସେ ଚାରିଟି ଛୁଆଙ୍କ ପିତା ହୋଇସାରିଥିଲେ। ଏଭଳି ବ୍ୟକ୍ତିଙ୍କ ପ୍ରସ୍ତାବକୁ ସିଧାସଳଖ ପ୍ରତ୍ୟାଖ୍ୟାନ କଲେ କାଳେ ସମସ୍ୟା ସୃଷ୍ଟି ହେବ ଆଶଙ୍କା କରି ଉର୍ବଶୀ ସାଂସ୍କୃତିକ ଭିନ୍ନତାକୁ ଆଳ କରି ତାଙ୍କୁ ନା କହିଥିଲେ। ସେ ଗାୟକ ଜଣଙ୍କ କିଏ ତାହା ଉର୍ବଶୀ ପ୍ରକାଶ କରି ନ ଥିଲେ ହେଁ ଜଣେ ପ୍ରଶଂସକ ଖୋଳତାଡ଼ କରି ତାଙ୍କ ନାମ 'ମହମଦ ରମଦାନ' ବୋଲି ପ୍ରଘଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ମହମଦଙ୍କ 'ଭର୍ସାଚେ ବେବି' ଶୀର୍ଷକ ଗୀତ ଭିଡିଓ ମାଧ୍ୟମରେ ଉର୍ବଶୀ ଅନ୍ତର୍ଜାତୀୟ ମନୋରଂଜନ ଶିଳ୍ପରେ ପାଦ ରଖିଥିଲେ। ୨୦୨୧ ମସିହାରେ ମୁକ୍ତିଲାଭ କରିଥିବା ଏହି ଗୀତଟି ଉର୍ବଶୀଙ୍କ ପାଇଁ ଆଉ ଏକ କାରଣରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା। ଏଥିରେ ବିଶ୍ୱପ୍ରସିଦ୍ଧ ଫ୍ୟାସନ୍ ଡିଜାଇନର ଡୋନାଟେଲା ଭର୍ସାଚେ ତାଙ୍କର ରୂପସଜ୍ଜା କରିଥିଲେ। ସେ ପିନ୍ଧିଥିବା ପୋଷାକର ମୂଲ୍ୟ ଥିଲା ପ୍ରାୟ ୧୫ କୋଟି ! ତାହା ଗତ ବର୍ଷର ସବୁଠାରୁ ବ୍ୟୟବହୁଳ ଗୀତ ଭିଡିଓମାନଙ୍କ ତାଲିକାରେ ସାମିଲ ହୋଇଥିଲା। ନିକଟରେ ଆବୁ ଧାବିରେ ଆୟୋଜିତ 'ଆଇଫା' ପୁରସ୍କାର ଉତ୍ସବରେ ଉର୍ବଶୀଙ୍କୁ ଦେଖିବାକୁ ମିଳିଥିଲା। ସେ ଗତ ମେ' ମାସରେ କାନ୍ ଫିଲ୍ମ ଫେଷ୍ଟିଭାଲ୍‌ର ରେଡ୍ କାର୍ପେଟ୍‌ରେ ମଧ୍ୟ ଚାଲିଥିଲେ। ଆଗକୁ 'ଇନ୍‌ସ୍ପେକ୍ଟର ଅବିନାଶ' ନାମକ ୱେବ ଧାରାବାହିକରେ ଉର୍ବଶୀ ଦେଖାଦେବେ। ତାଙ୍କ ହାତରେ ଏବେ ଦ୍ୱିଭାଷୀ ଚଳଚ୍ଚିତ୍ର 'ବ୍ଲାକ ରୋଜ୍' ଏବଂ ତାମିଲ ଚଳଚ୍ଚିତ୍ର 'ଥିରୁଟ୍ଟୁ ପାୟଲେ ୨'ର ହିନ୍ଦୀ ରିମେକ୍ ଆଦିର କାମ ରହିଛି।

# ଗୋଟିଏ ସିନେମାରେ ଏକାଠି କାମ କରିଥିଲେ ବର୍ଷା ଓ ଅର୍ପିତା ମୁଖାର୍ଜୀ





ଓଲିଉଡର ଲୋକପ୍ରିୟ ନାୟିକା ବର୍ଷା ପ୍ରିୟଦର୍ଶିନୀ ୨୦୦୩ରେ ରିଲିଜ୍ ହୋଇଥିବା 'ଏଯୁଗର କୃଷ୍ଣ ସୁଦାମା' ସିନେମାରୁ କ୍ୟାରିଅର୍ ଆରମ୍ଭ କରିଥିଲେ। ଏଥିରେ ବର୍ଷାଙ୍କ ବିପକ୍ଷରେ ଅଭିନୟ କରିଥିଲେ ସୂରଜ କୁମାର। ଏହାପରେ ଓଲିଉଡ଼ର ଚୁଲବୁଲି ନାୟିକା ବର୍ଷା ପ୍ରିୟଦର୍ଶିନୀଙ୍କୁ ଦର୍ଶକ କେତେବେଳ ରୋମାଣ୍ଟିକ୍ ତ ପୁଣି କେବେ କମିକ୍ ରୋଲରେ ଦେଖିବାକୁ ପାଇଛନ୍ତି। ବର୍ଷା ଓଲିଉଡର ଲୋକପ୍ରିୟ ନାୟିକା ଅନୁ ଚୌଧୁରୀ ଓ ଅର୍ଚ୍ଚିତା ପ୍ରମୁଖଙ୍କ ସହ ପରଦାରେ ନଜର ଆସିଛନ୍ତି। ଏଣେ ବଙ୍ଗୀୟ ସୁନ୍ଦରୀ ଅର୍ପିତା ମୁଖାର୍ଜୀ ଓଲିଉଡରେ ବି ଜଣେ ପରିଚିତା ନାୟିକା। ସେ ବଙ୍ଗୀୟ ନାୟିକା ଅର୍ପିତାଙ୍କୁ ଶୁଭେନ୍ଦୁ ସ୍ୱାଇଁଙ୍କ ନିର୍ଦ୍ଦେଶିତ ଶେଷ ଓଡ଼ିଆ ଛବି 'ବନ୍ଦେ ଉତ୍କଳ ଜନନୀ 'ରେ ଜଣେ ସବ୍ୟସାଚୀଙ୍କ ବିପକ୍ଷରେ ଦେଖିବାକୁ ମିଳିଥିଲା। ଏହି ସିନେମାରେ ଜବରଦସ୍ତ ଅଙ୍ଗପ୍ରଦର୍ଶନ କରି ଚର୍ଚ୍ଚାକୁ ଆସିଥିଲେ ଅର୍ପିତା ମୁଖାର୍ଜୀ। ଏହାପରେ ସେ ଅନୁଭବଙ୍କ ବିପକ୍ଷରେ 'ମୁଁ କଣ ଏତେ ଖରାପ 'ରେ ସେ ନାୟିକା ବନିଥିଲେ। ତାପରେ ସେ ବୁଦ୍ଧାଦିତ୍ୟଙ୍କ ସହ 'ପ୍ରେମରୋଗୀ ', ସବ୍ୟସାଚୀଙ୍କ ସହ ' ତୋର ମୋର ଯୋଡ଼ି ସୁନ୍ଦର ' ଏବଂ ଆକାଶଙ୍କ ବିପକ୍ଷରେ ' ରାଜୁ ଆୱାରା ' ଆଦି ଓଡ଼ିଆ ସିନେମାରେ ଅଭିନୟ କରି ଓଲିଉଡରେ ବେଶ୍ ଲୋକପ୍ରିୟ ହୋଇଥିଲେ। ଏହି ନାୟିକା କେବଳ ସବ୍ୟସାଚୀଙ୍କ ସହ ଦୁଇଟି ସିନେମାରେ କାମ କରିଛନ୍ତି। କିନ୍ତୁ ତାଙ୍କୁ କିଛି ବର୍ଷ ହେଲା କୌଣସି ଓଡ଼ିଆ ଛବିରେ ଦେଖିବାକୁ ମିଳି ନାହିଁ। ଅର୍ପିତା ଯେ କେବଳ ଓଡ଼ିଆ ଛବିରେ ଅଭିନୟ କରିଛନ୍ତି ତା' ନୁହେଁ ,ବରଂ ' ଜୋର ଯାର୍ ମୁଲକ୍ ତାର୍ ', ' ପାର୍ଟନର୍ ' ଏବଂ ' ମାମା ଭାଗନେ ' ଆଦି ବଙ୍ଗଳା ଫିଲ୍ମରେ ବି କାମ କରିଛନ୍ତି। ହେଲେ ଆପଣ କଣ ଜାଣନ୍ତି ଯେ କେବଳ ଗୋଟିଏ ଛବିରେ ବର୍ଷା ଓ ଅର୍ପିତା ଏକାଠି ଆସିଛନ୍ତି। ହଁ, ଏଦୁହେଁ ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ପ୍ରେମରୋଗୀ'ରେ ଏକାଠି ନଜର ଆସିଥିଲେ। ଏହି ଓଡ଼ିଆ ଛବିରେ ଦୁହେଁ ବୁଦ୍ଧାଦିତ୍ୟଙ୍କ ବିପକ୍ଷରେ ଅଭିନୟ କରିଥିଲେ।

# ତାପସୀ କହିଲେ- ମୋ ଫିଲ୍ମକୁ ବୟକଟ୍ କରିଦିଅ

ସୋଶାଲ ମିଡିଆରେ ଏବେ ଚାଲିଛି 'ବୟକଟ୍' ଟ୍ରେଣ୍ଡ। ବଲିଉଡର ଅଧିକାଂଶ ଫିଲ୍ମକୁ ଏବେ ବୟକଟ୍ କରାଯାଉଛି। କିଛି ସୋଶାଲ ମିଡିଆ ୟୁଜର୍ସ ଆମୀର ଖାନ୍‌ଙ୍କ ଠାରୁ ଆରମ୍ଭ କରି ଅକ୍ଷୟ କୁମାର ଓ ରଣବୀର କପୁରଙ୍କ ଫିଲ୍ମକୁ ବୟକଟ କରିବା ପାଇଁ ଦାବି କରୁଛନ୍ତି। ତେବେ ଏହି ତାଲିକାରେ ଏବେ ସାମିଲ ହେବାକୁ ନିଜ ଆଡୁ ମନ ବଳାଇଛନ୍ତି ଅଭିନେତ୍ରୀ ତାପସୀ ପନ୍ନୁ। ତାଙ୍କ ଫିଲ୍ମକୁ ମଧ୍ୟ ଏହି ବୟକଟ୍ ଟ୍ରେଣ୍ଡରେ ସାମିଲ କରିବାକୁ ସେ କରିଛନ୍ତି ଅପିଲ୍। ଆସୁଛି ଅପ୍‌କମିଂ ଫିଲ୍ମ 'ଦୋବାରା'। ଆସନ୍ତା ୧୯ ତାରିଖରେ ଫିଲ୍ମଟି ପରଦାକୁ ଆସିବ। ତେବେ ଏହା ପୂର୍ବରୁ ଫିଲ୍ମର ଜୋରସୋରେ ପ୍ରମୋସନ ଚଳାଇଛନ୍ତି ଅଭିନେତ୍ରୀ ତପସୀ ଓ ନିର୍ଦ୍ଦେଶକ ଅନୁରାଗ କଶ୍ୟପ। ଦୁହେଁ ଫିଲ୍ମର ପ୍ରମୋସନରେ ବ୍ୟସ୍ତ ଅଛନ୍ତି। ତେବେ ଏହି ଫିଲ୍ମଟି କିଭଳି ଟ୍ରେଣ୍ଡିଂରେ ରହିବେ ସେ ନେଇ ଦୁହେଁ ଚିନ୍ତିତ ହୋଇପଡିଛନ୍ତି। ଆଉ ଏଥିପାଇଁ କରୁଛନ୍ତି ପ୍ଲାନିଂ। ନିକଟରେ ଫିଲ୍ମର ଏକ ପ୍ରମୋସନ ବେଳେ ଅନୁରାଗ କଶ୍ୟପ ଓ ତାପସୀ ପନ୍ନୁ କ୍ୟାନ୍‌ସେଲ କଲଚର ଓ ସୋଶାଲ ମିଡିଆରେ ଭାଇରାଲ ହେଉଥିବା ବୟକଟ୍ ଟ୍ରେଣ୍ଡିଂ ଉପରେ ଆଲୋଚନା କରିଥିଲେ। ଏହି ସମୟରେ ଅନୁରାଗ ଦୟାକରି ମୋ ଫିଲ୍ମକୁ ବୟକଟ୍ କରି ଟ୍ୱିଟରରେ ଟ୍ରେଣ୍ଡ୍ କରନ୍ତୁ ବୋଲି ମଜାଳିଆ ଢ଼ଙ୍ଗରେ କହିଥିଲେ। ଅନୁରାଗ୍‌ଙ୍କ କଥା ଶୁଣି ତପସୀ ପନ୍ନୁ ମଧ୍ୟ ହଁ, ପ୍ଲିଜ୍ 'ବୟକଟ୍ ଦୋବାରା' ଟ୍ରେଣ୍ଡ୍ କରିଦିଅନ୍ତୁ। ଆମେ ବି ଟ୍ୱିଟରରେ ଟ୍ରେଣ୍ଡିଂରେ ରହିବାକୁ ଚାହୁଁଛୁ। ଯଦି ଅମୀର ଖାନ୍ ଓ ଅକ୍ଷୟ କୁମାର ବୟକଟ୍ ହୋଇପାରୁଛନ୍ତି, ତେବେ ମୁଁ ମଧ୍ୟ ଏହି ତାଲିକାରେ ସାମିଲ୍ ହେବାକୁ ଚାହୁଁଛି ବୋଲି କହିଥିଲେ।' ଏହା ପରେ ଅନୁରାଗ କଶ୍ୟପ ଓ ତାପସୀ ପନ୍ନୁ ଉଭୟ ମିଳିତ ଭାବରେ 'ଫିଲ୍ମ ଦେଖନ୍ତୁ କି ନ ଦେଖନ୍ତୁ କିନ୍ତୁ ବୟକଟ୍ କରିଦିଅନ୍ତୁ' କହିଥିଲେ। ଦୁହିଁଙ୍କ ଅପିଲ୍‌କୁ ଦୃଷ୍ଟିରେ ରଖିଲେ ପବ୍ଲିସିଟ୍ ଉୟଭ ଏଭଳି ବାଟ ଆପଣାଇ ଥିବା ଆଶଙ୍କା କରାଯାଉଛି।





# ଅମିର ଖାନ୍‌ଙ୍କ କ୍ଷମା ପ୍ରାର୍ଥନା: 'ମୋତେ କ୍ଷମା କରନ୍ତୁ, ଲାଲ୍ ସିଂହ ଚଡ୍ଢାକୁ ବୟକଟ୍ କରନ୍ତୁନି'

ବଲିଉଡ୍ ଅଭିନେତା ଅମିର ଖାନ୍‌ଙ୍କର କେତେକ ପୁରୁଣା ହିନ୍ଦୁବିରୋଧୀ ମନ୍ତବ୍ୟ ପାଇଁ ବର୍ତ୍ତମାନ ତାଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଲାଲ୍ ସିଂହ ଚଢ଼ା'କୁ ଲୋକମାନେ ବୟକଟ୍ କରିବା ପାଇଁ ସୋସିଆଲ ମିଡ଼ିଆରେ ଅଭିଯାନ ଚଳାଇଛନ୍ତି। ବୟକଟ-ଲାଲ୍‌ସିଂହ-ଚଢ଼ା ହାସ୍‌ଟ୍ୟାଗ୍ ଭାଇରାଲ ହୋଇଛି। ଗୁରୁବାର ରିଲିଜ୍ ହେବାକୁ ଥିବା ଫିଲ୍ମକୁ ପ୍ରମୋଟ କରିବା ପାଇଁ ଅମିର ଖାନ୍ ଲାଗିପଡ଼ିଛନ୍ତି। ମଙ୍ଗଳବାର ସେ ଦିଲ୍ଲୀ ଯାଇଥିଲେ ଏବଂ ବୟକଟ୍ ଟ୍ରେଣ୍ଡ୍‌ର ନିରସନ ପାଇଁ ଉଦ୍ୟମ କରିଥିଲେ। ଏହି ଅବସରରେ ସାମ୍ବାଦିକମାନଙ୍କ ଆଗରେ ସେ କହିଥିଲେ- ଯଦି ମୁଁ କାହା ମନରେ କୌଣସି ପ୍ରକାରେ କଷ୍ଟ ଦେଇଥାଏ, ତେବେ ସେଥିପାଇଁ ମୁଁ କ୍ଷମା ମାଗୁଛି। କାହା ମନରେ ଆଘାତ ଦେବାକୁ ମୁଁ ଚାହେ ନାହିଁ। ଯଦି କିଏ ଫିଲ୍ମ ଦେଖିବାକୁ ନ ଚାହାନ୍ତି, ମୁଁ ତାଙ୍କ ଭାବନାକୁ ସମ୍ମାନ ଦେଉଛି। କିନ୍ତୁ ଯଦି ସେମାନେ ଫିଲ୍ମ ଦେଖିବାକୁ ଯିବେ ତେବେ ମୁଁ ଖୁସି ହେବି ଏବଂ ଆମର ଶ୍ରମ ସାର୍ଥକ ହେବ। ବହୁ ଲୋକ ଏଥିପାଇଁ କଠିନ ପରିଶ୍ରମ କରିଛନ୍ତି। ମୁଁ ଆଶା କରୁଛି ଲୋକଙ୍କୁ ଏହା ଭଲ ଲାଗିବ। କିଛି ଲୋକ ଆମିରଙ୍କ ପୁରୁଣା ମନ୍ତବ୍ୟ 'ଭାରତରେ ଅସହିଷ୍ଣୁତା ବଢୁଛି', 'କ୍ଷୀର ଶିବଲିଙ୍ଗରେ ନ ଢାଳି ପିଲାଙ୍କୁ ଦିଅ' ଇତ୍ୟାଦିକୁ ଉଖାରି ତାଙ୍କ ଦ୍ୱାରା ଅଭିନୀତ ଫିଲ୍ମକୁ ବର୍ଜନ କରିବା ପାଇଁ ସୋସିଆଲ ମିଡ଼ିଆରେ ଅଭିଯାନ ଚଳାଇଛନ୍ତି।




# ବଦଳିଗଲା ବ୍ରହ୍ମାଣ୍ଡ ସୁନ୍ଦରୀଙ୍କ ଚେହେରା



ପୁଣି ଚର୍ଚ୍ଚାରେ ବ୍ରହ୍ମାଣ୍ଡ ସୁନ୍ଦରୀ ହରନାଜ ସାନ୍ଧୁ। ବଦଳିଗଲା ପୁଣି ତାଙ୍କ ଚେହେରା। ତାଙ୍କୁ ଚିହ୍ନିବା ହେଲା ମୁସ୍‌କିଲ୍। କେତେବେଳେ ନିଜ ବଢୁଥିବା ଓଜନକୁ ନେଇ ଆଉ କେତେବେଳେ ଆଇନ୍ ମାମଲାରେ ଫସି ଚର୍ଚ୍ଚାରେ ରହୁଥିବା ହରନାଜ ଏବେ ପୁଣି ଚର୍ଚ୍ଚା ପରିସରକୁ ଆସିଛନ୍ତି। ତାଙ୍କର ଏକ ନୂଆ ଲୁକ୍ ସାମ୍ନାକୁ ଆସିଛି, ଯେଉଁଥିରେ ତାଙ୍କୁ ଚିହ୍ନିବା କଷ୍ଟକର ହୋଇପଡିଛି। ବାସ୍ତବରେ ମିସ୍ ୟୁନିଭର୍ସ ହରନାଜ ସାନ୍ଧୁ ଗ୍ଲାମରସ୍ ଅବତାରରେ ନିଜର ନୂଆ ଫଟୋସୁଟ୍ କରିଛନ୍ତି। ତାଙ୍କର ଫଟୋସୁଟ୍‌ର ବେଳର ଭିଡିଓ ଓ ଫଟୋ ଏବେ ସୋଶାଲ ମିଡିଆରେ ଛାଇ ଯାଇଛି। ହରନାଜଙ୍କ ଲୁକ୍‌କୁ ଦେଖି ଅନେକ ଚକିତ ହୋଇପଡିଛନ୍ତି। ସେହିପରି ଆଉ କେତେକଙ୍କୁ ବ୍ରହ୍ମାଣ୍ଡ ସୁନ୍ଦରୀଙ୍କ ଅନ୍ଦାଜ ବେଶ୍ ପସନ୍ଦ ଆସିଛି। ସାମ୍ନାକୁ ଆସିଥିବା ଫଟୋରେ ହରନାଜ ବ୍ଲଣ୍ଡ ହେୟାରରେ ନଜର ଆସିଛନ୍ତି। ହରନାଜଙ୍କ ବ୍ଲଣ୍ଡ ହେୟାରକୁ ସଫ୍ଟ କର୍ଲି ଲୁକ୍ ଦିଆଯାଇଛି। ତା'ସହିତ ହରନାଜ କେବଳ ନୀଳ ରଙ୍ଗର ସାର୍ଟିନ୍ ଶାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ଶାର୍ଟକୁ ମ୍ୟାଚ୍ କରି ସେ ଆଇସ୍ୟାଡୋ ଲଗାଇ ସ୍ମୋକି ଆଉ ଲୁକ୍ କ୍ରିଏଟ୍ କରିଛନ୍ତି ।ହରନାଜ ଏହି ଲୁକ୍‌ରେ ବେଶ୍ ଷ୍ଟନିଂ ଦେଖାଯାଉଥିବା ବେଳେ ପ୍ରତିଟି ଫଟୋରେ ସେ କିଲର ପୋଜ୍ ଦେଇଛନ୍ତି। ହରନାଜଙ୍କ ଏଭଳି ବଦଳି ଥିବା ଲୁକ୍ ଫ୍ୟାନ୍‌ମାନଙ୍କୁ ବେଶ୍ ପସନ୍ଦ ଆସିଛି। ଯେକୌଣସି ଲୁକ୍‌ରେ ମଧ୍ୟ ହରନାଜ ଧମାଲ କରନ୍ତି ବୋଲି ଫ୍ୟାନ୍‌ମାନେ କହିଛନ୍ତି। ସେହିପରି କିଛି ୟୁଜର୍ସ କହିଛନ୍ତି, ସେ ଏହି ଲୁକ୍‌ରେ ବେଶ୍ ଅଗଲା ଦେଖାଯାଉଛନ୍ତି। ତାଙ୍କୁ ଚିହ୍ନିବା ମୁସକିଲ୍ ହୋଇଛି। ୨୦୨୧ ମିସ୍ ୟୁନିଭର୍ସ ମୁକୁଟ ହାତେଇ ହରନାଜ ଭାରତ ପାଇଁ ଆଣିଥିଲେ ଗର୍ବ ଆଉ ଗୌରବ। ସେ ମିସ୍ ୟୁନିଭର୍ସ ହେବା ପରେ ତାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଥିଲା। ସ୍ଲିମ ଫିଗର ଓ ତାଙ୍କ ସୁନ୍ଦର ଚେହେରା ସମସ୍ତଙ୍କୁ ଆଟ୍ରାକ୍ଟ କରିଥିଲା। ତେବେ କିଛି ଦିନ ତଳେ ହଠାତ ଏକ ଅଗଲା ଲୁକରେ ସାମ୍ନାକୁ ଆସିଥିଲେ ହରନାଜ। ସେ ଫିଟ୍‌ରୁ ହୋଇଯାଇଥିଲେ ଫ୍ୟାଟ୍। ବଢ଼ିଯାଇଥିଲା ତାଙ୍କ ଓଜନ। ଏଥିପାଇଁ ସେ ସୋଶାଲ ମିଡିଆରେ ଟ୍ରୋଲ ଶିକାର ହୋଇଥିଲେ।



# ରାଜ୍ୟ ସରକାରମାନଙ୍କୁ ଦୁଇଟି କିସ୍ତିରେ ୧,୧୬,୬୬୫.୭୫ କୋଟି ଟଙ୍କାର ଟିକସ ଦେଲେ କେନ୍ଦ୍ର ସରକାର

ଭୁବନେଶ୍ୱର,୧୧/୦୮ (ନି.ପ୍ର): ରାଜ୍ୟ ସରକାରମାନଙ୍କୁ ଟିକସ ହସ୍ତାନ୍ତର (ଡିଭୋଲ୍ୟୁସନ)ର ଦୁଇଟି କିସ୍ତି ଜାରି କରିଛନ୍ତି କେନ୍ଦ୍ର ସରକାର। ସ୍ୱାଭାବିକ ମାସିକ ଟିକସ ହସ୍ତାନ୍ତର ପରିମାଣ ୫୮,୩୩୨.୮୬ କୋଟି ଟଙ୍କା ତୁଳନାରେ ୧୦ ଅଗଷ୍ଟ, ୨୦୨୨ରେ କେନ୍ଦ୍ର ସରକାର ୧,୧୬,୬୬୫.୭୫ କୋଟି ଟଙ୍କାର କେନ୍ଦ୍ରୀୟ ଟିକସ ଭାଗ ରାଜ୍ୟମାନଙ୍କୁ ଯୋଗାଇ ଦେଇଛନ୍ତି । ଓଡ଼ିଶାକୁ କେନ୍ଦ୍ର ସରକାରଙ୍କ ଠାରୁ ୫,୨୮୨.୮୬ କୋଟି ଟଙ୍କାର ଟିକସ ଭାଗ ମିଳିଛି । ପୁଞ୍ଜି ଏବଂ ବିକାଶମୂଳକ ବ୍ୟୟକୁ ତ୍ୱରାନ୍ୱିତ କରିବା ଲାଗି ରାଜ୍ୟମାନଙ୍କର କ୍ଷମତା ବୃଦ୍ଧି ସକାଶେ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ଅନୁରୂପ ଅଧିକ ପରିମାଣର ଟିକସ ଡିଭୋଲ୍ୟୁସନ ରାଜ୍ୟମାନଙ୍କୁ ଜାରି କରାଯାଇଛି । ୨୦୨୨ ଅଗଷ୍ଟ ମାସ ପାଇଁ କେନ୍ଦ୍ରୀୟ ଟିକସ ଏବଂ ଶୁଳ୍କର ମୋଟ୍ ପ୍ରାପ୍ତି ବା ନିଟ୍ ପ୍ରୋସିଡ୍ସର ରାଜ୍ୟୱାରୀ ବିତରଣ। ଆନ୍ଧ୍ର ପ୍ରଦେଶକୁ ୪,୭୨୧.୪୪ କୋଟି , ଅରୁଣାଚଳ ପ୍ରଦେଶ ୨,୦୪୯.୮୨ କୋଟି, ଆସାମ ୩,୬୪୯.୩୦ କୋଟି , ବିହାର ୧୧,୭୩୪.୨୨, ଛତିଶଗଡ଼ ୩,୯୭୪.୮୨ କୋଟି, ଗୋଆ ୪୫୦.୩୨କୋଟି , ଗୁଜରାଟ୪,୦୫୭.୬୪ କୋଟି , ହରିୟାଣା ୧,୨୭୫.୧୪ କୋଟି, ହିମାଚଳ ପ୍ରଦେଶ ୯୬୮.୩୨ କୋଟି , ଝାଡ଼ଖଣ୍ଡ ୩,୮୫୮.୧୨ କୋଟି , କର୍ଣ୍ଣାଟକ ୪,୨୫୪.୮୨ କୋଟି, କେରଳ ୨,୨୪୫.୮୪ କୋଟି , ମଧ୍ୟପ୍ରଦେଶ ୯,୧୫୮.୨୪ କୋଟି , ମହାରାଷ୍ଟ୍ର ୭,୩୬୯.୭୬ କୋଟି, ମଣିପୁର ୮୩୫.୩୪ କୋଟି , ମେଘାଳୟ ୮୯୪.୮୪ କୋଟି, ମିଜୋରାମ ୫୮୩.୩୪ କୋଟି, ନାଗାଲାଣ୍ଡ ୬୬୩.୮୨ କୋଟି , ଓଡ଼ିଶା ୫,୨୮୨.୬୨ କୋଟି, ପଞ୍ଜାବ ୨,୧୦୮.୧୬ କୋଟି, ରାଜସ୍ଥାନ ୭,୦୩୦.୨୮ କୋଟି, ସିକ୍କିମ ୪୫୨.୬୮ କୋଟି, ତାମିଲନାଡୁ ୪,୭୫୮.୭୮ କୋଟି, ତେଲଙ୍ଗାନା ୨,୪୫୨.୩୨ କୋଟି, ତ୍ରିପୁରା ୮୨୬ କୋଟି, ଉତର ପ୍ରଦେଶ ୨୦,୯୨୮.୬୨ କୋଟି, ଉତରାଖଣ୍ଡ ୧,୩୦୪. ୩୬ କୋଟି ଏବଂ ପଶ୍ଚିମବଙ୍ଗ ୮,୭୭୬.୭୬ କୋଟି ଏଭଳି ମୋଟ ୧,୧୬, ୬୬୫. ୭୨ କୋଟି ଟଙ୍କା ପ୍ରଦାନ କରାଯାଇଛି।

# ଯୁକ୍ତ ୨ ନାମଲେଖା : ୪.୭୬ ଲକ୍ଷ ଆବେଦନପତ୍ର, ୧୭ରେ ପ୍ରଥମ ମେଧା ତାଲିକା



ଭୁବନେଶ୍ୱର ,୧୧/୦୮ (ନି.ପ୍ର): ୨୦୨୨-୨୩ ଶିକ୍ଷାବର୍ଷରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ(+୨ ପ୍ରଥମ ବର୍ଷ) ଶ୍ରେଣୀରେ ନାମଲେଖା ଲାଗି ବୁଧବାର ଦିନ ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ୨ ହଜାର ୬୫ କଲେଜର ୫ ଲକ୍ଷ ୭ ହଜାର ୫୦୨ ସିଟ୍ ପାଇଁ ୫ ଲକ୍ଷ ୭ ହଜାର ୯୩୫ ଜଣ ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ୪ ଲକ୍ଷ ୭୫ ହଜାର ୯୯୦ ଜଣ ଅନ୍‌ଲାଇନ୍‌ରେ ଆବେଦନ କରିଥିବା ବେଳେ ୪ ଲକ୍ଷ ୭୧ ହଜାର ୩୨୪ ଜଣ ଅନ୍‌ଲାଇନ୍ ଫି' ଦାଖଲ କରିଥିବା ସାମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୧୭ ତାରିଖରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ ଏବଂ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ନାମଲେଖା ୧୯ରୁ ୨୫ ତାରିଖ ମଧ୍ୟରେ ହେବ । ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ଯଦି ଅପ୍ସନ ଦେଇଥିବା ଅନ୍ୟ କଲେଜରେ ନାମ ଲେଖାଇବାକୁ ଚାହୁଁଥିବେ ତେବେ ୧୯ରୁ ୨୭ ତାରିଖ ମଧ୍ୟରେ ସ୍ଲାଇଡ୍ ଅପ୍ ଅନୁରୋଧ ଦେଇପାରିବେ। ସେପ୍ଟେମ୍ବର ୨ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ସେପ୍ଟେମ୍ବର ୫ରୁ ୭ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କର ନାମଲେଖା ହେବ। ସେପ୍ଟେମ୍ବର ୧୩ରେ ସ୍ପଟ୍ ସିଲେକ୍ସନ ତାଲିକା ପ୍ରକାଶ ପାଇବ ଏବଂ ୧୩ ଓ ୧୪ ତାରିଖରେ ଏହି ଛାତ୍ରଛାତ୍ରୀ ଚୟନ ହୋଇଥିବା ସ୍କୁଲରେ ନାମ ପଞ୍ଜୀକରଣ କରିବେ। ସେପ୍ଟେମ୍ବର ୧୫ ପୂର୍ବାହ୍ନ ୧୧ଟାରେ ସ୍କୁଲରେ ନାମ ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ସେହିଦିନ ମଧ୍ୟାହ୍ନ ୧୨ଟାରୁ ୧୬ତାରିଖ ଅପରାହ୍ନ ୫ଟା ମଧ୍ୟରେ ସ୍ପଟ୍ ସିଲେକ୍ସନ୍ ଛାତ୍ରଛାତ୍ରୀଙ୍କ ନାମଲେଖା ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# ପୁଣି ରାଜ୍ୟରେ କମିଲା ଦୈନିକ କରୋନା ସଂକ୍ରମଣ: ୧୨୩ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୧୧/୦୮ (ନି.ପ୍ର): ଆଜି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ କମିଛି। ତେବେ ଏହା ୫ ଶହ ଉପରେ ରହିଛି। ଗତକାଲି ୬୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୫୩୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୧୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୨୧୯ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୧୨୩ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୭ଟି ଜିଲ୍ଲାରୁ ୫୩୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୬୫ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୦ ଜଣ, ବରଗଡ଼ରୁ ୧୯, ଭଦ୍ରକରୁ ୧ ଜଣ, ବଲାଙ୍ଗୀରରୁ ୨୮ ଜଣ, ବୌଦ୍ଧରୁ ୩୪ ଜଣ, କଟକରୁ ୧୪ ଜଣ, ଦେବଗଡ଼ରୁ ୪ ଜଣ, ଢେଙ୍କାନାଳରୁ ୧, ଗଜପତିରୁ ୮ ଜଣ, ଜଗତସିଂହପୁରରୁ ୩, ଯାଜପୁରରୁ ୧୩ ଜଣ, ଝାରସୁଗୁଡ଼ାରୁ ୫ ଜଣ, କଳାହାଣ୍ଡି ଜିଲ୍ଲାରୁ ୭ ଜଣ, କନ୍ଧମାଳରୁ ୪ ଜଣ, କେନ୍ଦ୍ରାପଡ଼ାରୁ ୨ ଜଣ, କେଉଁଝରରୁ ୭, ଖୋର୍ଦ୍ଧା ଜିଲ୍ଲାରୁ ୬୫, କୋରାପୁଟ ଜିଲ୍ଲାରୁ ୧୦ ଜଣ, ମୟୂରଭଞ୍ଜରୁ ୨୧ ଜଣ, ନବରଙ୍ଗପୁରରୁ ୮ ଜଣ, ନୟାଗଡ଼ ଜିଲ୍ଲାରୁ ୧୭ ଜଣ, ପୁରୀରୁ ୪ ଜଣ, ରାୟଗଡ଼ାରୁ ୮ ଜଣ, ସମ୍ବଲପୁରରୁ ୪୪ ଜଣ, ସୋନପୁରରୁ ୧୧ ଜଣ, ସୁନ୍ଦରଗଡ଼ରୁ ୧୬୫ ଜଣ ଓ ଷ୍ଟେଟପୁଲରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ୬ଷ୍ଠ ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର,୧୧/୦୮ (ନି.ପ୍ର): ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ପୂର୍ବାହ୍ନରେ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଷଷ୍ଠତମ ସାଧାରଣ ପରିଷଦ ବୈଠକରେ ଅଧ୍ୟକ୍ଷତା କରି କହିଲେ ଯେ, ଶିକ୍ଷା ଗୋଟିଏ ଜାତିର ଭାଗ୍ୟ ପରିବର୍ତ୍ତନ କରିଦେଇପାରେ । ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ହେଉଛି ମୁଖ୍ୟମନ୍ତ୍ରୀଙ୍କର ମାନସ ସନ୍ତାନ। ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଶିକ୍ଷକମାନଙ୍କୁ ବିଭିନ୍ନ ବିଷୟଭିତିକ ପ୍ରଶିକ୍ଷଣ ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ମାନଙ୍କର ଶୈକ୍ଷିକ ବିକାଶ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ଦାଶ ପରାମର୍ଶ ଦେଇଥିଲେ। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ଯୋଗଦାନ କରି କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ୧୦ସୂତ୍ରୀ କାର୍ଯ୍ୟକ୍ରମ ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସଂପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ଏଗୁଡ଼ିକର ସଫଳ ରୂପାୟନ ପାଇଁ ନିୟମିତ ଭାବରେ ସଂଗଠନ ତରଫରୁ ନିରୀକ୍ଷଣ କରାଯିବା ସହିତ ଯାଂଚ ପ୍ରକ୍ରିୟା ଚାଲୁରହିବା ଉଚିତ ଏବଂ ନିୟମିତ ଭାବରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ବିଷୟଭିତିକ ତାଲିମ ଦେବା ପାଇଁ ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ସମସ୍ତ ଶୈକ୍ଷିକ ଏବଂ ଅଣଶୈକ୍ଷିକ କାର୍ଯ୍ୟକ୍ରମକୁ ଠିକ୍ ଭାବରେ ପରିଚାଳନା କରିବା ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଅନୁଷ୍ଠାନମାନଙ୍କ ସହାୟତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ବିକାଶ ନିମନ୍ତେ ଆବଶ୍ୟକତୀୟ ତାଲିମ ପ୍ରଦାନର ପ୍ରଚେଷ୍ଟା କରିବା ଉଚିତ ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏସ୍. ଅଶ୍ୱସ୍ଥୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକର ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱାରୋପ କରି ସମସ୍ତ ଅଧିକାରୀମାନଙ୍କୁ ସଠିକ୍ ଭାବରେ କାର୍ଯ୍ୟକ୍ରମର ସୁପରିଚାଳନା କରବାକୁ ପରାମର୍ଶ ଦେଇଥିଲେ । ଏହି ପରିଷଦ ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ଓସେପା) ଅନୁପମ ଶାହାଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ଅଗ୍ନିଶମ ସେବା ଅଧିକାରୀମାନଙ୍କ ବାର୍ଷିକ ଅଧିବେଶନ

ଭୁବନେଶ୍ୱର,୧୧/୦୮ (ନି.ପ୍ର): ଓଡିଶା ଅଗ୍ନିଶମ ନିର୍ଦ୍ଦେଶାଳୟ ଦ୍ୱାରା ଓଡିଶା ଅଗ୍ନିଶମ ଓ ବିପତି ନିସ୍ତାର ପ୍ରତିଷ୍ଠାନ, ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ବରିଷ୍ଠ ଅଗ୍ନିଶମ ସେବା ଅଧିକାରୀମାନଙ୍କ ବାର୍ଷିକ ଅଧିବେଶନ-୨୦୨୨ ଉଦ୍‌ଘାଟିତ ହୋଇଯାଇଛି। ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଗୃହରାଜ୍ୟ ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ ଯେ ବର୍ଦ୍ଧିତ ଜନସଂଖ୍ୟା, ଦୃତ ସହରୀକରଣ, ଶିଳ୍ପାୟନ ଓ ଆଗାମୀ ଦିନମାନଙ୍କରେ ପ୍ରତି କ୍ଷେତ୍ରରେ ଅଟୋମେସନ ଓ କୃତ୍ରିମ ବୁଦ୍ଧିମତା ଭଳି ବୈଷୟିକ ଜ୍ଞାନର ଅନୁପ୍ରବେଶ ଜନସାଧାରଣଙ୍କୁ ଜଟିଳ ପରିସ୍ଥିତିରେ ପକାଇବ । ତେଣୁ ଆଗାମୀ ଦିନରେ ରାଜ୍ୟରେ ଅଗ୍ନିକାଣ୍ଡ ଓ ବିପତିର ତ୍ୱରିତ ମୁକାବିଲା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଅନ୍ତର୍ଜାତୀୟ ମାନର ପ୍ରଶିକ୍ଷଣ, ସୁବିଧାସମ୍ପନ୍ନ ଭିତିଭୂମି ବିକାଶର ଆବଶ୍ୟକତା ଉପରେ ସେ ଗୁରତ୍ୱାରୋପ କରିଥିଲେ । ବର୍ତମାନ ଅତି ଉଚ୍ଚ ଅଟ୍ଟାଳିକା ତଥା ଉଚ୍ଚ ନିର୍ମାଣ ଲାଗି ଅଗ୍ନିସୁରକ୍ଷା କୋଡ ଅନୁପାଳନର ତଦାରଖ କରିବା ଅପରିହାର୍ଯ୍ୟ ବୋଲି ସେ ମତ ଦେଇଛନ୍ତି । ସମ୍ମାନୀୟ ଅତିଥି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ବିପର୍ଯ୍ୟୟ ସମୟରେ ଓଡ଼ିଶା ସରକାରଙ୍କ 'ଜିରୋ କାଜୁଆଲିଟି'ର ପ୍ରତିବଦ୍ଧତାକୁ ଅଗ୍ନିଶମ ସେବା ଆହୁରି ଦୃଢ଼ କରି ପାରିଥିବାରୁ ସାଧୁବାଦ ଜଣାଇ ଥିଲେ । ଅଗ୍ନିଶମ ସେବାର ଅତ୍ୟାଧୁନିକୀକରଣ ଲାଗି ଅର୍ଥ କେବେ ବି ବାଧକ ସାଜିବ ନାହିଁ ବୋଲି ଆଶ୍ୱାସନା ଦେଇଥିଲେ । ଏହି ଅବସରେ ଅଗ୍ନିଶମ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟୟ ଅନ୍ୟ ଶିଳ୍ପାଂଚଳ ସହ ତୈଳ ଓ ରାସାୟନିକ ଶିଳ୍ପଗୁଡିକର ଅଗ୍ନି ବିପତି ନିରୋଧ କ୍ଷମତା ବୃଦ୍ଧି କରିବା ଜରୁରୀ ବୋଲି ମନ୍ତବ୍ୟ ରଖିଥିଲେ । ଏହା ବ୍ୟତୀତ ଭବିଷ୍ୟତରେ ଅତିଉଚ୍ଚ ନିର୍ମାଣର ସୁରକ୍ଷା, ରେଳ ଓ ମେଟ୍ରୋ ଅଘଟଣ, ସାମୁଦ୍ରିକ ତୈଳ ବିସ୍ଫୁରଣ ମୁକାବିଲା କ୍ଷେତ୍ରରେ ପାରଦର୍ଶୀ ହେବାକୁ ପଡ଼ିବ ବୋଲି ଅଗ୍ନିଶମ ଅଧୀକାରୀଙ୍କୁ ଉପଦେଶ ଦେଇଥିଲେ । ଅଧିବେଶନରେ ଅଗ୍ନି, ବିପତି ଓ ମଣିଷ ଉପରେ ତା'ର ମନୋବୈଜ୍ଞାନିକ ପ୍ରଭାବ ବିଷୟରେ ଆଲୋଚନା କରାଯାଇଥିଲା । ବନ୍ୟଜନ୍ତୁ ସୁରକ୍ଷା ଓ ଜଂଗଲ ନିଆଁ ପ୍ରତିରୋଧ ଲାଗି ମୁକାବିଲା ଓ ଜନସଚେତନତାର ଆବଶ୍ୟକତା ବିଷୟରେ ମଧ୍ୟ ଚର୍ଚ୍ଚା କରାଯାଇଥିଲା। ଏହି ଅବସରରେ ଅତିଥିମାନେ ଫାୟାର ସର୍ଭିସ ନିଉଜ ବୁଲିଟିନ୍ ଓ ଟେଲିଫୋନ ଡିରେକ୍ଟୋରୀ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଅଗ୍ନିଶମ ମହାନିର୍ଦ୍ଦେଶକ ଡ. ସୌମ୍ୟା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ମୁଖ୍ୟ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶବାସୀ ଜାତୀୟ ପତାକାକୁ ସର୍ବାଗ୍ରେ ସ୍ଥାନ ଦେବାକୁ ନିବେଦନ : ସମୀର ମହାନ୍ତି

ଭୁବନେଶ୍ୱର,୧୧/୦୮ (ନି.ପ୍ର): ଆଜିଦିକା ଅମୃତ ମହୋତ୍ସବକୁ ସ୍ମରଣୀୟ ରଖିବା ଓ ଜାତୀୟ ପତାକାକୁ ସର୍ବାଗ୍ରେରେ ରଖିବା ପାଇଁ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ସମୀର ମହାନ୍ତି ଆଜି କଟକ ଜିଲ୍ଲା ବାଙ୍କୀ ଏନଏସିରେ 'ଘର ଘର ତ୍ରିରଙ୍ଗା' ପଦଯାତ୍ରା କରି ସାଧାରଣ ଜନତା ଘରେ ଘରେ ତ୍ରିରଙ୍ଗା ପତାକା ଉଡାଇବାକୁ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସ୍ୱାଧୀନତା ୭୫ ବର୍ଷ ପୂର୍ତି ଅବସରରେ ଦେଶ ଆଜି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି । ଆଦିବାସୀ, ହରିଜନ, ଦଳିତ ଓ ବୃଦ୍ଧ/ବୃଦ୍ଧାଙ୍କୁ ବିଶେଷଙ୍କୁ ତ୍ରିରଙ୍ଗା ପତାକା ଓ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଚିତ୍ର ଦେବା ସହ ଘରେ ଘରେ ତ୍ରିରଙ୍ଗା ଉଡାଇବାକୁ ଶ୍ରୀ ମହାନ୍ତି ନିବେଦନ କରିଛନ୍ତି। କଟକର ଜିଲ୍ଲା ଏନଏସି ଅଂଚଳରେ ପଦଯାତ୍ରା ବେଳେ 'ଉଡ୍‌ରେ ତ୍ରିରଙ୍ଗା ଉଡ୍' ସଙ୍ଗୀତ ବାଜିବା, ସାଧାରଣ ଜନତା ବାଦ୍ୟ ଓ ନୃତ୍ୟ କରିବା ସହ ତ୍ରିରଙ୍ଗା ଯାତ୍ରାକୁ ସଫଳ କରିବା ଲାଗି ହଜାର ହଜାର ସଂଖ୍ୟାରେ ସାଧାରଣ ଜନତା ସାମିଲ ହୋଇଥିଲେ। ତ୍ରିରଙ୍ଗା ଯାତ୍ରାରେ ଦେଶ ବିକାଶର ଅବଦାନ ରଖି ଯାଇଥିବା ମହାପୁରୁଷ ଓ ରାଷ୍ଟ୍ରନାୟକଙ୍କ ପ୍ରେରଣାକୁ ମନେ ପକାଇ ଆତ୍ମନିର୍ଭର ଭାରତ ଗଠନ ପାଇଁ ସଂକଳ୍ପ ଅମୃତ ମହୋତ୍ସବର ମୂଳ ଲକ୍ଷ୍ୟ । ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଆହ୍ୱାନକ୍ରମେ 'ହର୍ ଘର୍ ତ୍ରିରଙ୍ଗା' ବା 'ଘର ଘର ତ୍ରିରଙ୍ଗା' ଅଭିଯାନ ଅଗଷ୍ଟ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ପାଳନ କରାଯିବ। ଏହି ଅବସରରେ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବାଙ୍କୀ ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ ପ୍ରମୁଖଙ୍କ ସହ ଅନେକ କାର୍ଯ୍ୟକର୍ତା ସାମିଲ ହୋଇଥିଲେ।

# ସିଏସଆଇଆର- ଆଇଏମଏମଟି ପରିଦର୍ଶନ କଲେ ବଧିର ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୧/୦୮ (ନି.ପ୍ର): ସିଏସଆଇଆର-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି ପରିଦର୍ଶନ କରିଛନ୍ତି ବିପିନ୍ ବିହାରୀ ଚୌଧୁରୀ ସରକାରୀ ବଧିର ଉଚ୍ଚ ବିଦ୍ୟାଳୟର ଷାଠିଏ ବଧିର ଛାତ୍ର ଛାତ୍ରୀ ଏବଂ ଦଶ ଜଣ ଶିକ୍ଷକ ଶିକ୍ଷୟିତ୍ରୀ । ଅନୁଷ୍ଠାନର ବୈଜ୍ଞାନିକମାନେ ବିଭିନ୍ନ ଗବେଷଣା ସୁବିଧା ଏବଂ ଅନେକ ବାସ୍ତବ ପରୀକ୍ଷଣ ପ୍ରଦର୍ଶନ କରିଥିଲେ। ବିବିସି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସାଙ୍କେତିକ ଭାଷାରେ ବ୍ୟାଖ୍ୟା କରିବାରେ ସାହାଯ୍ୟ କରିଥିଲେ । ଖଣିଜ ପଦାର୍ଥ ପ୍ରକ୍ରିୟାକରଣ, ଗୁଣ୍ଡ ଧାତୁରୁ ମିଶ୍ରଧାତୁ ତିଆରି କରିବାର ପ୍ରକ୍ରିୟା, ମାଇକ୍ରୋଷ୍ଟ୍ରକ୍ଚର୍ ପାଇଁ ମାଇକ୍ରୋସ୍କୋପି, ହାଇ ସ୍ପିଡ୍ କ୍ୟାମେରା, ପଦାର୍ଥ ବିଜ୍ଞାନ ଏବଂ ଇଲେକ୍ଟ୍ରୋନିକ୍ସ ପରୀକ୍ଷଣ, ଡିଏନଏ ନାନୋ ଟେକ୍ନୋଲୋଜି, ଇଲେକ୍ଟ୍ରୋ କେମିକାଲ୍ ଡିଭାଇସ୍ ତିଆରି ପ୍ରକ୍ରିୟା, ପାଣିରୁ କ୍ରୋମିୟମ୍ ଫିଲଟ୍ରେସନ୍ ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା। ସେମାନେ ଆଇଏମଏମଟି କ୍ୟାମ୍ପସ ଭିତରେ ସ୍କୁଲ ପିଲାମାନଙ୍କ ପାଇଁ ବିଶେଷ ଭାବରେ ବିକଶିତ ଜିଜ୍ଞାସା ଔଷଧୀୟ, ସୁଗନ୍ଧିତ ଏବଂ ଫୁଲଚାଷ ବଗିଚା ମଧ୍ୟ ପରିଦର୍ଶନ କରିଥିଲେ। ସିଏସଆଇଆର-ଆଇଏମଏମଟିର ଜିଜ୍ଞାସା ନାମକ ବୈଜ୍ଞାନିକ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅଧୀନରେ ଏହା ଆୟୋଜିତ ହୋଇଥିଲା । ଜିଜ୍ଞାସା ନୋଡାଲ୍ ବୈଜ୍ଞାନିକ ଡଃ ଦେବୀ ପ୍ରସାଦ ଦାସ କହିଛନ୍ତି ଯେ ଭିନ୍ନକ୍ଷମ ଛାତ୍ରମାନେ ସାଧାରଣତଃ ଏହିପରି କାର୍ଯ୍ୟକ୍ରମରୁ ବଞ୍ଚିତ ହୁଅନ୍ତି, ତଥାପି ଯେହେତୁ ସେମାନେ ବିଦ୍ୟାଳୟରେ ଏକ ବିଷୟ ଭାବରେ ବିଜ୍ଞାନ ଅଧ୍ୟୟନ କରୁଛନ୍ତି, ସେମାନଙ୍କ ପାଇଁ ବିଜ୍ଞାନ ପରୀକ୍ଷାଗାରର ଅଭିଜ୍ଞତା ଅତ୍ୟନ୍ତ ଆବଶ୍ୟକ । ସେ ଏହା ମଧ୍ୟ କହିଛନ୍ତି ଯେ, ବିଶ୍ୱରେ ଅନେକ ବଧିର ବୈଜ୍ଞାନିକଙ୍କୁ ଦେଖିବାକୁ ମିଳିଛି ଯେଉଁମାନେ ଅସାଧାରଣ ରୁପେ ଜ୍ଞାନୀ, ଉଦାହରଣ ସ୍ୱରୂପ ସାର୍ ଜନ୍ ୱାର୍କପ୍ କର୍ଣ୍ଣଫୋର୍ଥ, ଯିଏ ଏନଜାଇମ୍-କ୍ୟାଟାଲିସ୍ ପ୍ରତିକ୍ରିୟାର ଷ୍ଟେରିଓକେମିଷ୍ଟ୍ରି ଉପରେ ତାଙ୍କର କାର୍ଯ୍ୟ ପାଇଁ ୧୯୭୫ ରେ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ଗ୍ରହଣ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଏସ ବସୁ ଛାତ୍ର ଛାତ୍ରୀ ମାନଙ୍କୁ ସିଏସଆଇଆର-ଆଇଏମଏମଟିକୁ ଆଣିବା ଏବଂ ଗବେଷଣା ପରୀକ୍ଷାଗାର ଦେଖିବାପାଇଁ ସୁଯୋଗ ଦେଇଥିବାରୁ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ।

# ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ନେଲେ ବିଷ୍ଣୁପଦ ସେଠୀ

ଭୁବନେଶ୍ୱର,୧୧/୦୮ (ନି.ପ୍ର): ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ବିଷ୍ଣୁପଦ ସେଠୀ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ଉଚ୍ଚଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା ଆଦି ସଂପର୍କରେ ସେ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ବିଭାଗକୁ ଅଧିକ କ୍ରିୟାଶୀଳ କରିବା ତଥା ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ।

# ଜଳ ସମ୍ପଦ ବିଭାଗ ଏବଂ ରାଷ୍ଟ୍ରୀୟ ସାମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୧୧/୦୮ (ନି.ପ୍ର): ଓଡିଶାରେ ସମୁଦ୍ର ତଟ ସୁରକ୍ଷା ଓ ଲୁଣିବନ୍ଧ ସୁଦୃଢୀକରଣ ପରିପ୍ରେକ୍ଷୀରେ ରାଜ୍ୟ ଜଳ ସମ୍ପଦ ବିଭାଗ ଏବଂ ରାଷ୍ଟ୍ରୀୟ ସାମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ ମଧ୍ୟରେ ଏକ ବୁଝାମଣା ପତ୍ର ବୁଧବାର ଅପରାହ୍ନରେ ସ୍ୱାକ୍ଷରିତ ହୋଇଯାଇଛି । ବିଭାଗର ସମ୍ମିଳନୀ କକ୍ଷରେ ରାଜ୍ୟ ଜଳ ସଂପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସଂପଦ ବିଭାଗ ଶ୍ରୀମତୀ ଅନୁ ଗର୍ଗଙ୍କ ଉପସ୍ଥିତିରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ରାଜ୍ୟ ଜଳ ସଂପଦ ବିଭାଗ ତରଫରୁ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ବିଜୟ କୁମାର ମିଶ୍ର ଏବଂ ରାଷ୍ଟ୍ରୀୟ ସମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ (ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଓସେନ୍ ଟେକ୍ନୋଲୋଜି)ର ନିର୍ଦ୍ଦେଶକ ଡଃ. ଜି.ଏ. ରାମଦାସଙ୍କ ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ , ଜଳ ସଂପଦ ବିଭାଗ ଶ୍ରୀମତୀ ଗର୍ଗ ବିଶଦ୍ କହିଲେ ଯେ, ଏହି ଚୁକ୍ତିନାମା ଅନୁସାରେ ଉକ୍ତ ଅନୁଷ୍ଠାନ ଓଡିଶା ରାଜ୍ୟର ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ସମୁଦ୍ର ତଟ ସୁରକ୍ଷା ଓ ଲୁଣିବନ୍ଧ ଗୁଡିକର ସୁଦୃଢୀକରଣ ନିମନ୍ତେ ଆବଶ୍ୟକ ହେଉଥିବା ବୈଷୟିକ ଜ୍ଞାନ କୌଶଳ, ଡିଜାଇନ, ପ୍ରଦାନ କରିବା ସହିତ କାର୍ଯ୍ୟ ସମ୍ପାଦନ, ବିଭାଗୀୟ ଯନ୍ତ୍ରୀମାନଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶରେ ସହାୟତା ଯୋଗାଇଦେବେ । ସରକାରଙ୍କ ଏହି ଚୁକ୍ତିନାମା ଫଳରେ ରାଜ୍ୟର ଛଅ ଗୋଟି ଉପକୂଳବର୍ତ୍ତୀ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମର ଲୋକମାନେ ଉପକୃତ ହେବେ । ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାକୃତିକ ଦୁର୍ବିପାକ ଜନିତ କ୍ଷୟକ୍ଷତିର ଆଶଙ୍କା ହ୍ରାସ କରିବା ଦିଗରେ ଏହି ଚୁକ୍ତିନାମା ଭବିଷ୍ୟତରେ ଏକ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶ୍ରୀମତୀ ଗର୍ଗ ଆଶା ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଳ ସଂପଦ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ଅର୍ଚ୍ଚନା ପଟ୍ଟନାୟକଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ ଏନ୍‌ଆଇଓଟିର ଅନ୍ୟ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ । ଉପକୂଳବର୍ତ୍ତୀ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଜଳସଂପଦ ବିଭାଗର ଯନ୍ତ୍ରୀମାନେ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ମୁଖ୍ୟତଃ ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକ ପ୍ରାକୃତିକ ଦୁର୍ବିପାକର ସମ୍ମୁଖୀନ ହୋଇଥାଏ । ଓଡିଶାରେ ପ୍ରାୟ ୪୮୦କି.ମି. ଦୈର୍ଘ୍ୟ ବିଶିଷ୍ଟ ବଙ୍ଗୋପସାଗର ତଟ ଅବସ୍ଥିତ । ବାତ୍ୟା ସମୟରେ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ସୁଉଚ୍ଚ ଲହଡି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳକୁ ଦୃତ ବେଗରେ ପ୍ରବେଶ କରିବା ଫଳରେ ଅନେକ ଧନ ଜୀବନ କ୍ଷୟକ୍ଷତି ହେବାର ଆଶଙ୍କା ସୃଷ୍ଟି ହୋଇଥାଏ । ବିଗତ କିଛି ବର୍ଷ ମଧ୍ୟରେ ଅନେକ ସ୍ଥାନରେ ସମୁଦ୍ର ତଟ କ୍ଷୟ ହେବାର ପରିଲକ୍ଷିତ ହୋଇଥିବା ଦୃଷ୍ଟିରୁ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ରାଜ୍ୟ ସରକାର ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ସମୁଦ୍ର ତଟ ସୁରକ୍ଷା ଓ ସମୁଦ୍ର ନିକଟସ୍ଥ ଲୁଣିବନ୍ଧ ଗୁଡିକର ସୁଦୃଢୀକରଣ ପାଇଁ ଯୋଜନା କରିଛନ୍ତି।

# ଏମ୍ସ ଭୁବନେଶ୍ୱରରେ ଓପିଓଏଡ୍ ସବଷ୍ଟିଚ୍ୟୁସନ ଥେରାପୀ (ଓଏସଟି) କେନ୍ଦ୍ର ଆରମ୍ଭ

ଭୁବନେଶ୍ୱର,୧୧/୦୮ (ନି.ପ୍ର): ରାଜ୍ୟରେ ବ୍ରାଉନସୁଗାର, ଅଫିମ, ହେରାଇନ ଏବଂ ଇଂଜେକସନ ଜରିଆରେ ବିଭିନ୍ନ ନିଶା ନେଉଥିବା ରୋଗୀଙ୍କ ପାଇଁ ଦୃଢ଼ ହୋଇଛି ଚିକିତ୍ସା ବ୍ୟବସ୍ଥା। ଏପରି ରୋଗୀଙ୍କୁ ଚିକିତ୍ସା କରି ସମାଜର ମୁଖ୍ୟସ୍ରୋତକୁ ଆଣିବାକୁ ଏମ୍ସ ଭୁବନେଶ୍ୱର ମାନସିକ ରୋଗ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ନିଜର ଓପିଓଏଡ୍ ସବଷ୍ଟିଚ୍ୟୁସନ ଥେରାପୀ (ଓଏସଟି) କେନ୍ଦ୍ର। ସେହିଭଳି ଗୁରୁତର ଅସୁସ୍ଥ ମାନସିକ ରୋଗୀଙ୍କ ଚିକିତ୍ସା ସେବାକୁ ତ୍ୱରାନ୍ୱିତ କରିବା ପାଇଁ ଏମ୍ସ ମାନସିକ ରୋଗ ବିଭାଗ ପକ୍ଷରୁ ଏକ ଆପତକାଳୀନ ବ୍ୟବସ୍ଥା (ଆକ୍ୟୁଟ କେୟାର ୟୁନିଟ)ର ଶୁଭାରମ୍ଭ କରାଯାଇଛି। ଏଥିସହିତ ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ କ୍ଲିନିକାଲ୍ ସେବା ଆରମ୍ଭ କରାଯାଇଛି। ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ଅନୁଷ୍ଠାନ (ଏସଆଇଇପି) ଓଡ଼ିଶାରୁ ରେଫର ହୋଇ ଆସୁଥିବା ଏପରି ଦିବ୍ୟାଙ୍ଗ ଶିଶୁଙ୍କୁ ଏମ୍ସରେ ଏହି ସେବା ଯୋଗାଇଦିଆଯିବ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ ମାନସିକ ରୋଗ ବିଭାଗରେ ଏହି ସମସ୍ତ ବ୍ୟବସ୍ଥାକୁ ଉଦ୍ଘାଟନ କରିଥିଲେ। ଏମ୍ସରେ ଏହି ଚିକିତ୍ସା ବ୍ୟବସ୍ଥା ରାଜ୍ୟ ତଥା ପଡୋଶୀ ରାଜ୍ୟରୁ ଆସୁଥିବା ନିଶା ରୋଗୀ ଏବଂ ଗୁରୁତର ମାନସିକ ରୋଗୀଙ୍କ ପାଇଁ ବେଶ ଫଳପ୍ରଦ ହେବ। ଏହି ଅବସରରେ ଓଡିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସୋସାଇଟି (ଓଏସଏସିଏସ)ର ପ୍ରକଳ୍ପ ନିର୍ଦ୍ଦେଶିକା ଡ. ଉର୍ମିଳା ମିଶ୍ର ଏବଂ ଏମ୍ସ ଭୁବନେଶ୍ୱରର ମେଡିକାଲ୍ ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। 'ଭାରତରେ ବର୍ତ୍ତମାନ ପ୍ରାୟ ୮ ଲକ୍ଷରୁ ଅଧିକ ଇଞ୍ଜେକ୍ସନ ଡ୍ରଗ୍ ବ୍ୟବହାରକାରୀ (ଆଇଡିୟୁ) ଥିବା ପ୍ରକାଶ। ତେବେ ବିଭିନ୍ନ କାରଣରୁ ଏମାନଙ୍କ ମଧ୍ୟରୁ ଅଧିକାଂଶ ନିଶାମୁକ୍ତ ଜୀବନଯାପନ କରିବାରେ ଅସମର୍ଥ ହୋଇଥାଆନ୍ତି। ଏପରିକି ସେମାନେ ଦୁରାରୋଗ୍ୟ ଏଡ୍ସ ଭଳି ମାରାତ୍ମକ ରୋଗର ଶିକାର ହୋଇଥାଆନ୍ତି ବୋଲି ଏମ୍ସ ମାନସିକ ରୋଗ ବିଭାଗ ମୁଖ୍ୟ ଡ. ବିଶ୍ୱରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଓଏସଟି ସହିତ ସାମଗ୍ରିକ ମାନସିକ ଚିକିତ୍ସା ସାହାଯ୍ୟରେ ଏପରି ନିଶାରେ ପୀଡ଼ିତ ରୋଗୀମାନେ ଡ୍ରଗ୍ ମୁକ୍ତ ଜୀବନଯାପନ କରିବାରେ ସକ୍ଷମ ହୋଇଥାଆନ୍ତି। ଏପରିକି ଏମାନେ ଡ୍ରଗ୍ସ ଇଞ୍ଜେକ୍ସନ ମଧ୍ୟ ବନ୍ଦ କରିଦିଅନ୍ତି ଯାହାକି ଶେଷରେ ଏଚ୍‌ଆଇଭି, ହେପାଟାଇଟିସ୍ ଏବଂ ଇଞ୍ଜେକ୍ସନ ମାଧ୍ୟମରେ ସଂକ୍ରମିତ ଅନ୍ୟ ରୋଗର ସମ୍ଭାବ୍ୟ କ୍ଷତିକୁ ରୋକିଥାଏ ବୋଲି ଓଏସ୍ଟି ସେଂଟରର ନୋଡାଲ ଅଫିସର ତଥା ମନସ୍ତତ୍ୱ ବିଭାଗର ସହକାରୀ ପ୍ରଫେସର ଡ. ଅର୍ପିତ ପରମାର ପ୍ରକାଶ କରିଛନ୍ତି। ଏମ୍ସର ଏହି ଥେରାପୀ କେନ୍ଦ୍ର ଦୈନିକ ୧୫୦-୨୦୦ ରୋଗୀଙ୍କୁ ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି। ଏହି କେନ୍ଦ୍ର ଦୈନିକ କାର୍ଯ୍ୟ କରିବ। ତେବେ ଏସଆଇଇପିରୁ ଆସୁଥିବା ପିଲାମାନଙ୍କୁ ସପ୍ତାହରେ ପ୍ରତି ମଙ୍ଗଳବାର ଏବଂ ବୁଧବାର ଦିନ ସାଇକିଆଟ୍ରିକ ଓପିଡ଼ିରେ ସେବା ଯୋଗାଇ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ମନସ୍ତତ୍ୱ ବିଭାଗର ଡ. ଏସ୍ କେ ପାଢ଼ୀ, ଡ. ସୁରଭି ପାତ୍ର, ଡ. ଶ୍ରୀ ମିଶ୍ର ଏବଂ ଡ. ଦେବଦତା ମହାପାତ୍ରଙ୍କ ସମେତ ଏସଆଇଇପିର ପ୍ରକଳ୍ପ ସଂଯୋଜକ ଡ. ପାମ୍ପା ଦେ, ଓଏସଟି କେନ୍ଦ୍ରର କର୍ମଚାରୀ ଏବଂ ଓସାକ୍ସର ଅନ୍ୟ ପ୍ରତିନିଧୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ରାହାମାରେ ମାଟ୍ରିକ ଓ ଯୁକ୍ତ ଦୁଇ ମେଧାବୀ ବିଦ୍ୟାର୍ଥୀଙ୍କ ନିମନ୍ତେ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ

ପାରାଦ୍ୱୀପ, ୧୦/୦୮ (ନି.ପ୍ର): କୁଜଙ୍ଗ ବ୍ଲକ ଅଧୀନ ରାହାମାରେ ଥିବା ବିଜୁ କଲ୍ୟାଣ ମଣ୍ଡପ ପରିସରରେ 'ଜାତୀୟ ମଦର ଟେରେସା ଫାଉଣ୍ଡେସନ' ଓଡିଶା ଶାଖା ତରଫରୁ 'ଆଜାଦୀ କା ଅମୃତ ମହୋତ୍ସବ ସହ ଏକ ଜିଲ୍ଲା ସ୍ତରୀୟ ମେଧ୍ୱି ଛାତ୍ର /ଛାତ୍ରୀ ପ୍ରତିଭା ସମାରୋହ ୨୦୨୨' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ଏହି ସମ୍ବର୍ଦ୍ଧନା ସମାରୋହକୁ ମଦର ଟେରେସା ଫାଉଣ୍ଡେସନର ରାଜ୍ୟ ଅଧ୍ୟକ୍ଷ ଡ଼ଃ ସୁନାକର ବେହେରା ସଂଯୋଜନା କରିଥିଲେ । ଉକ୍ତ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର ମହାନ ସନ୍ଥ ପଦ୍ମଶ୍ରୀ ପୂଜ୍ୟ ପୂଜକ ଶ୍ରୀମଦ ବାବା ବଳିଆ ଉପସ୍ଥିତ ହୋଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ସମାଜ ଗଠନରେ ନିଜକୁ ସମର୍ପିତ କରିବାସହ ରାଜ୍ୟ ଓ ଦେଶର ଜଣେ ଜଣେ ସୁନାଗରିକ ହେବା ପାଇଁ ମାର୍ଗଦର୍ଶନ କରିଥିଲେ । ଏହି ସମାରୋହରେ କୁଜଙ୍ଗ ବ୍ଲକ ଜୋନ-୨ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଯୁକ୍ତ ରବିନାରାୟଣ ସାହୁ ସଭାପତିତ୍ୱ କରିବା ସହିତ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ନିରଞ୍ଜନ ବେହେରା ଯୋଗଦେଇ କୃତି ବିଦ୍ୟାର୍ଥୀ ମାନଙ୍କୁ ନିଜର ସୃଜନ ଶକ୍ତି ବଳରେ ନିଜ ଭବିଷ୍ୟତ ଗଠନ ସହିତ ବିଦ୍ୟାଳୟର ଓ ବାପା ମାଆଙ୍କ ନାମକୁ ଟେକ ରଖିବାକୁ ପରାମର୍ଶ ସହିତ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ ଏବଂ ସଂମ୍ମାନିତ ଅତିଥିଭାବେ ପାରାଦ୍ୱୀପର ମାନ୍ୟବର ବିଧାୟକ ଇଂ ସମ୍ବିତ ରାଉତରାୟ, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ନୀନା ରାଣୀ ସାହୁ, ମଣ୍ଡଳ ଉନ୍ନୟନ ଅଧିକାରୀ କୁଜଙ୍ଗ ଶ୍ରୀ ସୌମ୍ୟଶ୍ରୀ ପାଣିଗ୍ରାହୀ, ଜବାହର ନବୋଦୟ ବିଦ୍ୟାଳୟ,ସାଇଲୋର ଅଧ୍ୟକ୍ଷ ଶ୍ରୀକ୍ରୀଷ୍ଣା ମହାପାତ୍ର, ଡ଼ଃ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଓ ନିମନ୍ତ୍ରିତ ଅତିଥିଭାବେ ତାଳପଡା ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀମତୀ ଦମୟନ୍ତୀ ଲେଙ୍କା, ପୂର୍ବତନ ଜିଲ୍ଲା ପରିଷଦ ଶ୍ରୀ ଅଜୟ କୁମାର ସାହୁ, ପୂର୍ବତନ ସରପଞ୍ଚ, ତାଳପଡା ନିହାର ରଞ୍ଜନ ଲେଙ୍କା,ନାରାୟଣୀ ପଣ୍ଡିତ ଅଭୟ ଦାଶ, ବଜାର କମିଟି ରାହାମା ଉପସଭାପତି ମନୋଜ କୁମାର ସାହୁ, ବ୍ୟାସ ଫାଉଣ୍ଡେସନ ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ସାରଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଅଦ୍ୱୈତ ପ୍ରସାଦ ସାହୁ,ସରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶତପଥୀ, ଓସ୍ତା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ବରିଷ୍ଠ ଶିକ୍ଷକ ସରୋଜ ବେହେରା,ବିନୋଦ ବିହାରୀ ମୁଦୁଲି, ୟୁନିକ ସାଇନ୍ସ ଏକାଡେମୀ ଅଧ୍ୟକ୍ଷ ନଳିନୀ କାନ୍ତ ବରାଳ, ସେଣ୍ଟ ଜାଭିଅର ହାଇସ୍କୁଲ ପଙ୍କପାଳର ସୁଶାନ୍ତ କୁମାର ସ୍ୱାଇଁ ଇତ୍ୟାଦି ଯୋଗଦେବା ସହିତ ଜଗତସିଂହପୁର ଜିଲ୍ଲାର ଆଠଗୋଟି ବ୍ଲକ ମଧ୍ୟରେ କୁଜଙ୍ଗ ବ୍ଲକର ୪୫ ଗୋଟି ବିଦ୍ୟାଳୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖିଥିବା ସ୍କୁଲ ଟପର ଏବଂ ଅନ୍ୟ ସାତ ଗୋଟି ବ୍ଲକରୁ ତିନିଜଣ ଲେଖାଏ ବ୍ଲକ ଟପର ଓ ଛଅଜଣ ଜିଲ୍ଲା ଟପରଙ୍କ ସହିତ ସିବିଏସଇ ବିଦ୍ୟାଳୟ ମାନଙ୍କ ମଧ୍ୟରେ ଆଠଜଣ ଓ ସରସ୍ୱତୀ ବିଦ୍ୟା ମନ୍ଦିର ତାଳପଡାର ଏ ୱାନ -୨୧ଜଣଙ୍କୁ ନେଇ ଜିଲ୍ଲାର ୧୨୮ ଜଣ କୃତି ମେଧାବୀ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀ ମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ସହିତ ପ୍ରତିଭା ସଂମ୍ମାନ ପତ୍ର ଦ୍ୱାରା ସଂମ୍ମାନିତ କରାଯିବ ସହ ପରିବେଶ ସୁରକ୍ଷା ନିମନ୍ତେ ଫଳବୃକ୍ଷ ମାନ ପ୍ରଦାନ କରାଯାଇଥିଲା । ଜିଲ୍ଲାର ଛଅଜଣ ଟପର ଙ୍କୁ ଅର୍ଥରାଶି ଓ ପ୍ରତିଭା ସଂମ୍ମାନରେ ସଂମ୍ମାନିତ କରାଯାଇ ଥିଲା । ପୂଜ୍ୟ ପୂଜକ ପଦ୍ମଶ୍ରୀ ଶ୍ରୀମଦ ବାବା ବଳିଆଙ୍କ ହସ୍ତରେ ସମସ୍ତ ଅତିଥିମାନଙ୍କୁ ଉପଢୌକନ ସହିତ ମାନପତ୍ର ସହିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ଓ ଜିଲ୍ଲାର ବିଭିନ୍ନ ସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, କୃତି ଛାତ୍ର ଛାତ୍ରୀ ଓ ଜିଲ୍ଲାର ବହୁ ବୁଦ୍ଧିଜୀବୀ ମାନେ ଯୋଗଦେଇ ସମାରୋହଟିକୁ ଅଧିକ ସରସ ଓ ସୁନ୍ଦର କରି ମହା ମହୋତ୍ସବରେ ପରିଣତ କରିଥିଲେ । ଏହି ପ୍ରତିଭା ସଂମ୍ମାନ ସମାରୋହ ଆୟୋଜନ ନିମନ୍ତେ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ରବିନାରାୟଣ ସାହୁଙ୍କର ପୂର୍ଣ୍ଣ ସହଯୋଗ ଓ ସମାଜସେବୀ ଶ୍ରୀ ନିହାର ରଞ୍ଜନ ଲେଙ୍କା, ଗଜଲକ୍ଷ୍ମୀ କ୍ଲଥ ଷ୍ଟୋର, ଇଉନିକ ସାଇନ୍ସ ଏକାଡେମୀଙ୍କ ପାଇଁ ଏହି ମହାନ କାର୍ଯ୍ୟ ସମ୍ଭବ ହୋଇ ପାରିଛି ବୋଲି ଡ଼ଃ ବେହେରା ମତବ୍ୟକ୍ତ କରି ଧନ୍ୟବାଦ ପ୍ରଦାନ କରିଥିଲେ ।

## ରାଜ୍ୟପାଳଙ୍କୁ ରାକ୍ଷୀ ବାନ୍ଧିଲେ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା

ଭୁବନେଶ୍ୱର, ୧୧/୦୮ (ନି.ପ୍ର): ପବିତ୍ର ରକ୍ଷାବନ୍ଧନ ଉପଲକ୍ଷେ ବିଜେପି ମହିଳା ମୋର୍ଚ୍ଚା ତରଫରୁ ରାଜ୍ୟପାଳ ଶ୍ରୀ ଗଣେଶୀ ଲାଲଙ୍କୁ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇଛନ୍ତି। ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପବିତ୍ର ରକ୍ଷାବନ୍ଧନରେ ଉପସଭାନେତ୍ରୀ ଶ୍ରୀମତୀ କାନନବାଳା ପଟ୍ଟନାୟକ, ଶ୍ରୀମତୀ ନିଅତି ଗିରି, ଶ୍ରୀମତୀ କସ୍ତୁରୀ ମିଶ୍ର, ସଂପାଦିକା ଶ୍ରୀମତୀ ରଶ୍ମିରେଖା ଦାସ, ଶ୍ରୀମତୀ ଇତିଶ୍ରୀ ଜେନା, ଭୁବନେଶ୍ୱର ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ମନ୍ଦାକିନି ପାତ୍ର, ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମତୀ ସୁଭାଷିନି ପୃଷ୍ଟି, ମହିଳା ମୋର୍ଚ୍ଚା ଗଣମାଧ୍ୟମ ସଂଯୋଜିକା ସୁଚରିତା ଜେନାମଣି ପ୍ରମୁଖ ରାକ୍ଷୀ ବାନ୍ଧି ଉତ୍ସବ ମନାଇଥିଲେ ।

## କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାକ୍ଷୀ ପୂର୍ଣିମାରେ ଜଣାଇଲେ ଶୁଭେଚ୍ଛା

ଭୁବନେଶ୍ୱର, ୧୧/୦୮ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାକ୍ଷୀ ପୂର୍ଣିମା ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କହି କହିଛନ୍ତି ଯେ - ସମସ୍ତଙ୍କୁ ପବିତ୍ର 'ରାକ୍ଷୀ ପୂର୍ଣ୍ଣିମା'ର ହାର୍ଦ୍ଦିକ ଶୁଭକାମନା।

## ସ୍ୱର୍ଗତ ପ୍ରଫେସର ଜୟନ୍ତ ଦାସ ଥିଲେ ସମାଜର ଆଦର୍ଶ ବ୍ୟକ୍ତିତ୍ୱ



ଜଳେଶ୍ୱର, ୧୦/୮(ନି.ପ୍ର): ଆଦର୍ଶ ଓ ଆଦର୍ଶବାଦ କେବେ ହେଲେ ମୃତ୍ୟୁ ହୁଏନା । ସ୍ୱର୍ଗତ ପ୍ରଫେସର ଜୟନ୍ତ ଦାସ ଥିଲେ ସେପରି ଜଣେ ବ୍ୟକ୍ତିତ୍ୱ ଯାହା ତାଙ୍କର ମୃତ୍ୟୁପରେ ଜଳେଶ୍ୱର ଅଂଚଳର ଆବାଳ ବୃଦ୍ଧ ବନିତା ତାଙ୍କୁ ଝୁରୁଥିବା ସଂପର୍କରେ ତାଙ୍କର୨ୟ ବାର୍ଷିକୀ ସ୍ମୃତିଚାରଣ ସଭାରେ ବକ୍ତାମାନେ କହିଛନ୍ତି । ଜଳେଶ୍ୱର ବ୍ଲକ ଗୋପା ଗ୍ରାମରେ ନିଜର ପ୍ରତିଭା ଓ ବ୍ୟକ୍ତିତ୍ୱରେ ସମସ୍ତଙ୍କୁ ବିମୁହିତ କରିଥିବା ବେଳେ ଜଣେ ଆଦର୍ଶ ଅର୍ଥନିତୀ ବିଭାଗର ଅଧ୍ୟାପକ ଭାବେ ବେଶ ଆଦୃତ ହୋଇପାରିଥିବା ସଂପର୍କରେ ସ୍ମୃତିଚାରଣ ସଭାରେ ଉପସ୍ଥିତ ଛାତ୍ରଛାତ୍ରୀମାନେ ବକ୍ତବ୍ୟ ରଖିଥଲେ। ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ସ୍ମୃତିଚାରଣ ସଭାରେ ସଭାପତିତ୍ୱ କରି ନିଜର ସରଳତା, ସାଧାରଣ ଚଳଣୀ, ସମସ୍ତଙ୍କୁ ଭଲପାଇବା ଓ ଅସାଧାରଣ ଜ୍ଞାନରେ ଅନ୍ୟମାନଙ୍କ ନିକଟରେ ଆଦରଣୀୟ ହୋଇପାରିଥିବା ସଂପର୍କରେ କହିଛନ୍ତି । ଜୟନ୍ତ ଦାସ ସ୍ମୃତି ପରିଷଦ ପକ୍ଷରୁ ଦିଗମ୍ବରୀଦେବୀ +୨ ବିଜ୍ଞାନ ମହାବିଦ୍ୟାଳୟରେ ଏହି ସ୍ମୃତିସଭା ଅନୁଷ୍ଠିତ ହୋଇଥିବା ବେଳେ ମଧୁଛନ୍ଦା ମହାନ୍ତି ସ୍ୱର୍ଗତ ଦାସଙ୍କ ସଂପର୍କରେ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନ୍‌ଜିବୀ ଚିନ୍ମୟ ଦାସ, ବରିଷ୍ଠ ବିଜେପି ନେତା ଅରୁଣ ବେଜ, ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର, ଡ. ରମାକାନ୍ତ ଭଂଜ, ବରିଷ୍ଠ ସିପିଏମ୍ ନେତା ଦିଲ୍ଲିପ କୁମାର ଗିରି, ପୂର୍ବତନ ପ୍ରଶାସନୀକ ଅଧିକାରୀ ଶରତ ଚନ୍ଦ୍ର ପରିଡା, ପ୍ରବୋଧ କୁମାର ପାତ୍ର, ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ, ତାପସ କୁମାର ଶ୍ୟାମଳ, ମମତା ଶ୍ୟାମଳ, ପ୍ରଧାନ ଶିକ୍ଷକ କାର୍ତ୍ତିକ ଚରଣ ବାରିକ, ଅଧ୍ୟାପକ ଅନନ୍ତ ଦାସ, ଅଧ୍ୟାପିକା ଇନ୍ଦୁମତି ଗିରି, ସୁକୁମାର ରଣା, ରାଜେଶ କୁମାର ପ୍ରଧାନ ଓ ରବିନାରାୟଣ ପାତ୍ର ପ୍ରମୁଖ ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଫୋଟ ଚିତ୍ର ମାଧ୍ୟମରେ ସଚେତନ

ଭଦ୍ରକ, ୧୧/୦୮ (ନି.ପ୍ର): ଫୋଟ ଚିତ୍ର ମାଧ୍ୟମ ରେ କାନାରା ବ୍ୟାଙ୍କ ପକ୍ଷରୁ ଲୋକଙ୍କୁ ସଚେତନ ବାର୍ତ୍ତା । ଭାରତ ବିଭାଜନ ସମୟ ରେ ଭାରତରୁ ପାକିସ୍ତାନ ଯାଇଥିବା ଭାରତୀୟ ମାନେ ଅତ୍ୟାଚାରିତ ହେବା ସହିତ କିଭଳି ପରିସ୍ଥିତି ର ସାମ୍ନା କରୁଥିଲେ ତାହାର ଫୋଟୋ ଚିତ୍ର ସରକାର ଙ୍କ ନିର୍ଦ୍ଦେଶ ଅନୁଯାଇ କାନାରା ବ୍ୟାଙ୍କ ପକ୍ଷରୁ ପ୍ରଦର୍ଶନ କରା ଯାଇଛି । ଏହି ଫୋଟୋ ଚିତ୍ର ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସର୍ବ ସାଧାରଣ ଙ୍କ ପାଇଁ ପ୍ରଦର୍ଶନ କରା ଜିବ ବୋଲି କହିଛନ୍ତି ବ୍ୟାଙ୍କ ଅଧିକାରୀ ମାନେ । ଏହି ଫୋଟୋ ଚିତ୍ର ପ୍ରଦର୍ଶନ ସମୟ ରେ କାନାରା ବ୍ୟାଙ୍କ ର ରିଜିନାଲ ମୁଖ୍ୟ ପି ମଧୁସୁଦନ ରାଓ ଙ୍କ ସହିତ ଦୁଇ ଡିଭିଜିନାଲ ମ୍ୟାନେଜର ନିଶାନ୍ତ ସାହୁ, ସୁବାସ ଚନ୍ଦ୍ର ମଲ ଏବଂ ଭଦ୍ରକ ବ୍ରାଞ୍ଚ ଅଧିକାରୀ ଅମିତ କୁମାର ଦେବବ୍ରତ ଙ୍କ ସହିତ ବହୁ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବିଜେପି ନୂତନ ରାଜ୍ୟ ପ୍ରଭାରୀ ସୁନୀଲ ବନସଲଙ୍କୁ ଭେଟିଲେ ବୈଜୟନ୍ତ ପଣ୍ଡା

ଭୁବନେଶ୍ୱର, ୧୧/୦୮ (ନି.ପ୍ର): ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଗୁରୁବାର ଦିନ ନୂଆ ଦିଲ୍ଲୀ ଠାରେ ନବ ନିଯୁକ୍ତ ବିଜେପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଓଡିଶାର ନୂତନ ପ୍ରଭାରୀ ସୁନୀଲ ବନସଲଙ୍କୁ ସାକ୍ଷାତ କରିଛନ୍ତି । ନୂଆ ଦାୟିତ୍ୱ ପାଇଁ ସେ ଶ୍ରୀ ବନସଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ପୂଜ୍ୟପୂଜା ସଂସଦ ପକ୍ଷରୁ ଡା.କବିପ୍ରସାଦ ମିଶ୍ରଙ୍କ ଜୟନ୍ତୀ

ବାଲିଆପାଳ, ୧୧/୦୮ (ନି.ପ୍ର): ବାଲିଆପାଳର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ବାଲିଆପାଳ ପୂଜ୍ୟପୂଜା ସଂସଦ ତରଫରୁ ଦିବ୍ୟ ପୁରୁଷ ଡା.କବି ପ୍ରସାଦ ମିଶ୍ରଙ୍କ ଜୟନ୍ତୀ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ଓଡିଶା ଲେଖକ ସାମ୍ମୁଖ୍ୟର ସଦସ୍ୟ ଝାଡେଶ୍ୱର ପ୍ରଧାନ ପୌରହିତ୍ୟ କରିଥିଲା ବେଳେ ସଙ୍ଗୀତଜ୍ଞ ରମାନାଥ କର, କବି ସରୋଜ କୁମାର ଦାସ,କବି ସନ୍ୟାସୀ ବେହେରା,କବି ନଳିନୀକାନ୍ତ ପାଢୀ, ନାରୀ କବି ସୁଜାତା ରଣା, ପ୍ରକାଶ



ଚନ୍ଦ୍ର ପ୍ରଧାନ ,ସାଗର ପଟ୍ଟନାୟକ,ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ଅଞ୍ଜଳୀ ଶତପଥୀ,ଗୀତାରାଣୀ ସାହୁ,ଡ.କୃଷ୍ଣାକୁମାରୀ ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସ୍ୱର୍ଗତ ମିଶ୍ରଙ୍କ ଉଦ୍ଦେଶ୍ୟରେ କବିତା ପାଠ କରିଥିଲେ । ସଭାପତି ଶ୍ରୀ ପ୍ରଧାନ ଡା. କବି ପ୍ରସାଦ ମିଶ୍ରଙ୍କ ଜୀବନାଦର୍ଶ ଏବଂ ତାଙ୍କ କାଳଜୟୀ ସୃଷ୍ଟି ବାଇଶି ପାହାଚ ଏବଂ ୩ଟି ପୃଥିବୀ ପୁସ୍ତକ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ । ପୂଜ୍ୟ ପୂଜା ସଂସଦର ଆବାହକ ସନ୍ୟାସୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଆଜାଦି କି ଅମୃତ ମହୋତ୍ସବ : ହର ଘର ତ୍ରିରଙ୍ଗା ପାଇଁ ମାଗଣାରେ ମଳିବ ପତାକା

ଭଦ୍ରକ, ୧୧/୦୮ (ନି.ପ୍ର): ଭାରତୀୟ ସ୍ୱାଧୀନତା ପ୍ରାପ୍ତିର ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦିକି ଅମୃତ ମହୋତ୍ସବ ପାଳନ ଆଧାରରେ ଏବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ବିଭିନ୍ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଏଥିରେ ସାମିଲ କରାଯାଇଛି। ହର୍ ଘର ତ୍ରିରଙ୍ଗା ର ସଫଳତା ପାଇଁ ଜିଲ୍ଲା ପ୍ରଶାସନକୁ ପ୍ରାୟ ୧ ଲକ୍ଷ ପତାକାକୁ ସହରାଞ୍ଚଳ ବିଶେଷ କରି ଜାତୀୟ ରାଜପଥ ମୁଖ୍ୟରାସ୍ତା ପାର୍ଶ୍ୱ ଗ୍ରାମ ଏବଂ ଗ୍ରାମାଞ୍ଚଳରେ ମଧ୍ୟ ମାଗଣାରେ ବଣ୍ଟନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଗତ କାଲି ଅଗଷ୍ଟ ୧୦ ବୁଧବାର ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଆହୁତ ଆଭାସି ବୈଠକରେ ସ୍ୱାଧୀନତା ଦିବସ ପାଳନ ଅବସରରେ ସରକାରଙ୍କ ଦ୍ୱାରା ହାତକୁ ନିଆଯାଇଥିବା ଏହି ଯୋଜନା ସବୁର କାର୍ଯ୍ୟକାରୀତା ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସୂଚନା ଯୋଗ୍ୟ କି ୨୨ଟି ଜିଲ୍ଲାରେ ମିଶନ୍ ଶକ୍ତି ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପତାକାକୁ ହର ଘର ତ୍ରିରଙ୍ଗା ଉଦ୍ଦେଶ୍ୟରେ ୩୦ଟି ଜିଲ୍ଲା ମଧ୍ୟରେ ବଣ୍ଟନ କରାଯିବ। ଲୋକମାନେ ନିଜ ନିଜ ଘର ଉପରେ ସମ୍ମାନର ସହ ଏହି ପତାକା କୁ ଦିନରାତି ଉଡ଼ାଇ ପାରିବେ। ୧୩ ଅଗଷ୍ଟ ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ପତାକା ଉଡ଼ାଇ ସାରିଲା ପରେ ଏହାକୁ ଏଣେ ତେଣେ ନ ପକାଇ ସମ୍ମାନର ସହ ସଠିକ୍ ଢଙ୍ଗରେ ନଷ୍ଟ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ମାଗଣାରେ ପତାକା ପାଇପାରୁ ନଥିବା ଲୋକେ ଦୋକାନରୁ, ଡାକ ବିଭାଗରୁ କିଣି ବ୍ୟବହାର କରି ପାରିବେ। ସମସ୍ତ ସରକାରୀ କାର୍ଯ୍ୟାଳୟ କୋଠା ମାନଙ୍କରେ ମଧ୍ୟ ଜାତୀୟ ପତାକା ଉଡ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପତାକା ବଣ୍ଟନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ଭଦ୍ରକର ପୌର ଓ ଏନ୍.ଏ.ସି. ପ୍ରଶାସନ, ମିଶନ ଶକ୍ତିକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିପାଇଁ ଆବଶ୍ୟକ ହେଲେ ଅଙ୍ଗନବାଡ଼ି କର୍ମୀ, ଗ୍ରାମପଞ୍ଚାୟତକୁ ମଧ୍ୟ ନିୟୋଜିତ କରିବା ପାଇଁ କହିଛନ୍ତି। ଦୁଇଦିନ ମଧ୍ୟରେ ପତାକା ବଣ୍ଟନ ପାଇଁ ସଂପୃକ୍ତ ଅଧିକାରୀ ମାନଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟକି ଭଦ୍ରକ ଜିଲ୍ଲାର ମିଶନ ଶକ୍ତି ଦ୍ୱାରା ଦୁଇଲକ୍ଷ ପତାକା ତିଆରି କରାଯାଇ ଥିବାବେଳେ ୧ ଲକ୍ଷ ପତାକା ବରଗଡ଼ ଜିଲ୍ଲାକୁ ଯୋଗାଇ ଦେବାପାଇଁ ସହକାରୀ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆଜାଦି କି ଅମୃତ ମହୋତ୍ସବ ପାଳନ ଆଧାରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା, ସ୍ୱାଧୀନତା ସଂଗ୍ରାମ କାହାଣୀ ସମ୍ବଳିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନେଇ ୧୬ ଅଗଷ୍ଟ ରୁ ଗାନ୍ଧିଜୟନ୍ତୀ ପର୍ଯ୍ୟନ୍ତ ୪୫ ଦିନ ଧରି ଓଡ଼ିଶାର ସମସ୍ତ ଜିଲ୍ଲାରେ ଭିଡ଼ିଓ ଭ୍ୟାନ ପରିକ୍ରମା କରିବ। ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ସହିଦ ପୀଠ, ଗାନ୍ଧି ସ୍ମାରକୀ ସ୍ଥଳ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଜନ୍ମପୀଠ, ସ୍କୁଲ, ହାଟ ଆଦି ଜାଗାରେ ସିମିତ ସମୟ ନେଇ ସାଂସ୍କୃତିକ, ସାହିତ୍ୟିକ, ପ୍ରତିଯୋଗିତା ଆଜି କାର୍ଯ୍ୟକ୍ରମ ସହିତ ସେପ୍ଟେମ୍ବର ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଏହି ପରିକ୍ରମା ଅନୁଷ୍ଠିତ ହେବ। ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଦର୍ଶନୀ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ନେଇ ସଂପୃକ୍ତ ବିଭାଗୀୟ ଶାସନ ସଚିବମାନେ ଏହି ବୈଠକରେ ସୂଚନା ପ୍ରଦାନ କରିଥିଲେ। ସ୍ୱଚ୍ଛତା ପାଇଁ ଅକ୍ଟୋବର ୨ ଗାନ୍ଧିଜୟନ୍ତୀ ସୁଦ୍ଧା ଭଦ୍ରକ ଜିଲ୍ଲାର ୪ଟି ପୌରାଞ୍ଚଳ ଶୂନ ଗାର୍ବେଜ୍ ବା ପରିମଳ ମୁକ୍ତ ପୌରାଞ୍ଚଳ ପାଇଁ ଜିଲ୍ଲାପାଳ ସଂପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଆଭାସି ବୈଠକରେ ଭଦ୍ରକ ଜିଲ୍ଲା ସ୍ତରରୁ ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡ୍ଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, କାର୍ଯ୍ୟନିର୍ବାହୀ ଅଧିକାରୀ ପୌର ପରିଷଦ ଭଦ୍ରକ, ଦେବୀ ପ୍ରସାଦ ରାଉତ ପ୍ରମୁଖଙ୍କ ସହ ଜିଲ୍ଲାର ଅନ୍ୟ ପୌର ଓ ଏନ୍.ଏ.ସିର ନିର୍ବାହୀ ଅଧିକାରୀ ମାନେ ଯୋଡ଼ି ହୋଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୧୩ରେ ଲଘୁଚାପ....

ସମସ୍ୟା ଉପୁଜିପାରେ। ସେହିପରି ୧୩ ରୁ ୧୫ ଅଗଷ୍ଟ ଯାଏଁ ବର୍ଷା ସହ ଘଂଟା ପ୍ରତି ୪୫ ରୁ ୫୫ କିମି ସର୍ବାଧିକ ୬୫ କିମି ବେଗରେ ପବନ ବହିପାରେ। ସମୁଦ୍ର ଅଶାନ୍ତ ରହୁଥିବାରୁ ୧୩ ରୁ ୧୫ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଗତକାଲି ଛତିଶଗଡ଼ର ଅନେକ ଅଂଚଳରେ ପ୍ରବଳ ବର୍ଷା ହୋଇଛି। ଉପର ମୁଣ୍ଡରେ ବର୍ଷା ହୋଇଛି, ତଳ ମୁଣ୍ଡରେ ବି ବର୍ଷା ହେଉଛି। ଉପର ଏବଂ ତଳ ମୁଣ୍ଡରେ ବର୍ଷା ବନ୍ୟା ଆଶଙ୍କାକୁ ଦୃଢ଼ୀଭୂତ କରୁଛି। ଲଗାଣ ବର୍ଷା ଯୋଗୁ ଅନେକ ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ସମ୍ଭାବନା ରହିଛି ବୋଲି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ବରଗଡ଼, ଦେବଗଡ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୧୨ରୁ ୧୩ ତାରିଖ ମଧ୍ୟରେ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ଅନୁଗୁଳ,କଟକ, ଖୋର୍ଦ୍ଧା, ଢେଙ୍କାନାଳ, ସମ୍ବଲପୁର ଓ ବରଗଡ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ୧୪ ତମ ଉପରାଷ୍ଟ୍ରପତି ଭାବେ....

ମହାରାଜା କଲେଜରେ ଯୋଗଦେଇ ପଦାର୍ଥ ବିଜ୍ଞାନ ସମ୍ମାନ ସହ ବିଏସସି ଉତୀର୍ଣ୍ଣ ହେଲେ। ତା'ପରେ ସେ ରାଜସ୍ଥାନ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ହେଲେ । ଶ୍ରୀ ଜଗଦୀପ ଧନଖଡ଼ ଜଣେ ଆଇନଜୀବୀ ଭାବେ ନିଜର ବୃତିଗତ ଜୀବନ ଆରମ୍ଭ କରିଥିଲେ । ତାଙ୍କ ବଂଶର ପ୍ରଥମ ବୃତିଧାରୀ ହେବା ସତ୍ୱେ ସେ ଦେଶର ଜଣେ ବିଶିଷ୍ଟ ଆଇନ ବିଶାରଦ ଭାବେ ଖ୍ୟାତି ଅର୍ଜନ କରିଥିଲେ । ୧୯୯୦ ମସିହାରେ ସେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବରିଷ୍ଠ ଆଡଭୋକେଟ ମାନ୍ୟତା ପାଇଥିଲେ । ତା' ପରଠାରୁ ଶ୍ରୀ ଜଗଦୀପ ଧନଖଡ଼ ସୁପ୍ରିମକୋର୍ଟରେ ପ୍ରାଥମିକ ଆଇନ ବ୍ୟବସାୟ କରୁଥିଲେ । ଇସ୍ପାତ, କୋଇଲା, ଖଣିଜ ଓ ଅନ୍ତର୍ଜାତୀୟ ବାଣିଜ୍ୟିକ ମଧ୍ୟସ୍ଥତା ଇତ୍ୟାଦି ତାଙ୍କର ପ୍ରମୁଖ କ୍ଷେତ୍ର ଥିଲା । ସେ ଦେଶର ବିଭିନ୍ନ ଉଚ୍ଚ ନ୍ୟାୟାଳୟରେ ନ୍ୟାୟିକ ସେବା କରିବା ସହ ଜୁଲାଇ ୩୦, ୨୦୧୯ରେ ପଶ୍ଚିମବଙ୍ଗର ରାଜ୍ୟପାଳ ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ରାଜ୍ୟର ବରିଷ୍ଠତମ ଆଡଭୋକେଟ ଭାବେ କାର୍ଯ୍ୟ କରିଥିଲେ । ଆଇନ ବୃତ୍ତି କାଳରେ ଶ୍ରୀ ଧନଖଡ଼ ରାଜସ୍ଥାନ ହାଇକୋର୍ଟ ବାର ଆସୋସିଏସନ ଜୟପୁରର ସର୍ବକନିଷ୍ଠ ସଭାପତି ଭାବେ ୧୯୮୭ ମସିହାରେ ନିର୍ବାଚିତ ହୋଇଥିଲେ । ବର୍ଷକ ପରେ ସେ ୧୯୮୮ରେ ରାଜସ୍ଥାନ ବାର କାଉନସିଲର ଜଣେ ସଦସ୍ୟ ମଧ୍ୟ ହୋଇ ପାରିଥିଲେ । ଶ୍ରୀ ଜଗଦୀପ ଧନଖଡ଼ ୧୯୮୯ରେ ଝୁନଝୁନ ସଂସଦୀୟ କ୍ଷେତ୍ରରୁ ସଂସଦକୁ ନିର୍ବାଚିତ ହୋଇଥିଲେ । ପରେ ସେ ୧୯୯୦ ମସିହାରେ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ ନିର୍ବାହ କରିଥିଲେ । ୧୯୯୩ ମସିହାରେ ସେ ଆଜମେର ଜିଲ୍ଲା କିଶନଗଡ଼ ନିର୍ବାଚନ ମଣ୍ଡଳୀରୁ ରାଜସ୍ଥାନ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ବିଧାୟକ ଭାବେ ଶ୍ରୀ ଧନଖଡ଼ ଲୋକସଭା ଓ ରାଜସ୍ଥାନ ବିଧାନସଭାର ଅନେକ ଗୁରୁତ୍ୱପୂର୍ଣ୍ଣ କମିଟିର ସଦସ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ । କେନ୍ଦ୍ରମନ୍ତ୍ରୀ ଭାବେ ସେ ସଂସଦୀୟ ପ୍ରତିନିଧି ଦଳର ଉପନେତା ଭାବେ ୟୁରୋପୀୟ ସଂସଦକୁ ଯାଇଥିଲେ । ଜୁଲାଇ ୨୦୧୯ରେ ଶ୍ରୀ ଧନଖଡ଼ ପଶ୍ଚିମବଙ୍ଗ ରାଜ୍ୟପାଳ ନିଯୁକ୍ତ ହୋଇଥିଲେ ।

## ବରଯାତ୍ରୀ ବେଶରେ ଆସି ....

ଅଧିକାରୀମାନେ ଏକାସହ ୫ଟି ସ୍ଥାନରେ ଚଢାଉ କରି ପ୍ରାୟ ୩୯୦କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ କରିଛନ୍ତି । ଯାହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି । ହେଲେ ସବୁଠାରୁ ବଡ କଥା ହେଉଛି ଜବତ ସଂପତିରେ ଅଛି ନଗଦ ୫୮ କୋଟି ଟଙ୍କା । ଆଉ ଜବତ ୩୨ କିଲୋ ସୁନାର ଦାମ ୧୭ କୋଟି ଟଙ୍କା ହେବ । ଅଗଷ୍ଟ ୧ରୁ ୮ ଯାଏଁ ହୋଇଥିବା ଏହି ଚଢାଉରେ ୨୬୦ ଜଣ ଅଧିକାରୀ ସାମଲ ହୋଇଥିଲେ । ଜବତ ଟଙ୍କାକୁ ୧୩ ଘଂଟା ଧରି ଗଣି ଗଣି ନୟାନ୍ତ ହୋଇଯାଇଥିଲେ କର୍ମଚାରୀ । ଶେଷରେ ଟଙ୍କା ଗଣିବା ପାଇଁ ମେସିନ୍ ଅଣାଯାଇଥିଲା । ଏହି ଚଢାଉ ପାଇଁ ଆୟକର ବିଭାଗର ପ୍ରାୟ ୨୬୦ଜଣ ଅଧିକାରୀ ସାମିଲ ଥିଲେ । ୧୨୦ଟି ଗାଡି ବ୍ୟବହାର କରାଯାଇଥିଲା । ରେଡ୍ ପାଇଁ ୫ଟି ଟିମ ଗଠନ କରାଯାଇଥିଲା ।

## ଦିଲ୍ଲୀରେ କରୋନା କଟକଣା....

ଯାତାୟତ କରୁଥିବା ଲୋକଙ୍କ ପାଇଁ ମାସ୍କ କଟକଣା ବାଧ୍ୟତାମୂଳକ କରାଯାଇ ନାହିଁ । କହିରଖୁ କି ଦିଲ୍ଲୀରେ ଗତ ୨୪ ଘଂଟା ମଧ୍ୟରେ ୨୧୪୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୮ ଜଣ ଲୋକ କରୋନା ସଂକ୍ରମଣ କାରଣରୁ ମୃତ୍ୟୁ ହୋଇଛି । କୁହାଯାଇଛି କି ପୂର୍ବ ୧୮୦ ଦିନ ମଧ୍ୟରେ ଦିଲ୍ଲୀରେ ଏହା ସର୍ବାଧିକ କରୋନା ସଂକ୍ରମଣ । ଏହା ପୂର୍ବ;ରୁ ଫେବୃଆରୀ ୧୩ ତାରିଖରେ କରୋନା ସଂକ୍ରମଣରେ ସର୍ବାଧିକ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା । ସେପଟେ ଦିଲ୍ଲୀରେ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନର ବିଏ୪, ବିଏ ୫ ଭାରିଆଣ୍ଟ ଚିହ୍ନଟ ହୋଇଛି । ଏହି ଭାରିଆଣ୍ଟ ଅନ୍ୟ ଭାରିଆଣ୍ଟ ଠାରୁ ଅଧିକ ସଂକ୍ରମିତ ବୋଲି କୁହାଯାଉଛି ।

# ରାଜଧାନୀରେ ୫୯ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୧୧/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଗୁରୁବାର ମୋଟ ୫୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୮୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୪ ହଜାର ୫୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୧ ହଜାର ୭୬୩ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୫ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୦୮୦ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୮୪ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ଷ୍ଟାଡ଼ିୟମ୍ ନୁହେଁ ଭଦ୍ରକ କଲେଜ ପଡ଼ିଆରେ ପାଳିତ ହେବ ସ୍ୱାଧୀନତା ଦିବସ

ଭଦ୍ରକ, ୧୧/୦୮ (ନି.ପ୍ର): ୭୬ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ୨୦୨୨ ପାଳନ ପାଇଁ ନେହେରୁ ଷ୍ଟାଡ଼ିୟମ ପଡ଼ିଆରେ ପ୍ରସ୍ତୁତି ଆରମ୍ଭ କରାଯାଇଥିଲେ ବି ଚଳିତ ଲଘୁଚପ ଜନିତ ଅବିରାମ ପ୍ରବଳ ବର୍ଷା ଯୋଗୁଁ ପଡ଼ିଆରେ ପାଣି ଜମି ଥିବାରୁ ସେଠାରେ ଉତ୍ସବ ପାଳନ କରିବା ସମ୍ଭବ ନ ହେବା ଆଶଙ୍କା ଥିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ସ୍ଥାନ ପରିବର୍ତ୍ତନ କରାଯାଇଛି। ଭଦ୍ରକ କଲେଜର ଖେଳ ପଡ଼ିଆରେ ଅସ୍ଥାୟୀ ପତାକା ମଞ୍ଚ ନିର୍ମାଣ ପୂର୍ବକ ଏହି ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ସୂଚନା ଯୋଗ୍ୟ କି ରାଜ୍ୟ ସ୍ୱରାଷ୍ଟ୍ର ବିଭାଗ ଦ୍ୱାରା ଜାରି ନିର୍ଦ୍ଦେଶ ମତେ ବିନା ପ୍ୟାରେଡ଼ ଓ ବିନା ଜନ ସମାବେଶରେ କୋଭିଡ଼ ମାର୍ଗ ଦର୍ଶିକା ଅନୁପାଳନ ଆଧାରରେ ଏ ବର୍ଷ ସ୍ୱାଧୀନତା ଦିବସ ପାଳନ କରାଯିବ।

## ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ବ୍ଲକ କର୍ମଚାରୀ ମଡକ

ଖୋର୍ଦ୍ଧା, ୧୧/୦୮ (ନି.ପ୍ର): ଜିଲ୍ଲା ଖୋର୍ଦ୍ଧା ବ୍ଲକ କର୍ମଚାରୀ ମଡକ । ଖୋର୍ଦ୍ଧା ବ୍ଲକ୍ ମହିଳା ଅଧ୍ୟକ୍ଷା ଏତି ପାଇଁ ଦୁଃଖିତ। ବହୁବାର ଖୋର୍ଦ୍ଧା ଉଚ୍ଚ କର୍ତ୍ତୃପକ୍ଷ ପ୍ରଶାସନକୁ ଜଣାଇ ସାରିଲିଣି । ଆମ୍ ଖୋର୍ଦ୍ଧା ବିଧାୟକ ବରିଷ୍ଟ ନେତା ଓ ସରଳ ଦକ୍ଷ ବହୁବାର ପଞ୍ଚାୟତ ରାଜ୍ୟ ମନ୍ତ୍ରୀ , ସଚିବଙ୍କୁ ଜଣାଇ ଥିଲେ ମଧ ତାହା ପୂରଣ କରାଯାଉ ନାହିଁ। ଆଜି କାଲି ଯେଉଁ ଅଧିକାରୀ ଭଲ କାମ କରିବ, ତାକୁ କାମ ଦିନରେ ବଦଳି କରାଯିବ ଯେଉଁଠି ଭଲ କାମ ହୋଇନାହିଁ। ଏବେ ଖୋରଧା ବ୍ଲକ୍ ଉନ୍ନତି ମୂଳକ କାମ ଠପ । ଖୋର୍ଦ୍ଧା ବ୍ଲକ ଚତୁର୍ଥ କର୍ମଚାରୀ ପ୍ରାୟେ ନାହାଁନ୍ତି। ଖୋର୍ଦ୍ଧା ବ୍ଲକ କନିଷ୍ଠ ଯନ୍ତ୍ରୀ ବହୁ କମ। ଖୋର୍ଦ୍ଧା ବ୍ଲକ ୨୨ ଟି ପଞ୍ଚାୟତରୁ ବିଜେଡି ନେତା ବହୂ ଭୋଟ ପାଇଛନ୍ତି । ଏହି ଅବସ୍ଥା ଦୁର କରିବା ପାଇଁ ଖୋର୍ଦ୍ଧା ବ୍ଲକ ସରପଞ୍ଚ, ସମିତି ସଭ୍ୟ, ଦାବି କରୁଛନ୍ତି।

## ଜାତୀୟ ପତାକା ଯୋଗାଇଦେବାକୁ ଏକଲ ଅଭିଯାନର ଅନୁରୋଧ

ଉଦଳା, ୧୧/୦୮ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନ ବାରିପଦା ଅଞ୍ଚଳ (ଉଦଳା କେନ୍ଦ୍ର) ତରଫରୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ (ଅମୃତ ମହୋତ୍ସବ) ପାଳନ ପାଇଁ ଜାତୀୟ ପତାକା ଯୋଗାଇଦେବାକୁ ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କୁ ଦରଖାସ୍ତ ପ୍ରଦାନ କରାଯାଇଛି । ଉକ୍ତ ଦରଖାସ୍ତ ପ୍ରଦାନ ସମୟରେ ଅଞ୍ଚଳ ଅଭିଯାନ ପ୍ରମୁଖ ମହେନ୍ଦ୍ର ମାର୍ଣ୍ଣି, ଗତିବିଧି ପ୍ରମୁଖ ଗୌରଚନ୍ଦ୍ର ଜେନା, କାର୍ଯ୍ୟାଳୟ ପ୍ରମୁଖ ସ୍ମୃତି ରଂଜନ ଶତପଥୀ, ସଂଚ ପ୍ରମୁଖ ଅଜୟ ବେହେରା ଉପସ୍ଥିତ ଥିଲେ ।


## ଦକ୍ଷିଣ ପୂର୍ବ ରେଳପଥ ଟେଣ୍ଡର

**ଟେଣ୍ଡର ନୋଟିସ୍ ନମ୍ବର :** TRD-KGP-W-2022- 23-17, **ତାରିଖ** ୧୧.୦୮.୨୦୨୨ । ଇ-ଟେଣ୍ଡରକୁ ସିନିଅର୍ ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ନିମନ୍ତ୍ରଣ କରିଛନ୍ତି । TRD / Kharagpur-721301 ଏବଂ ଉଲ୍ଲିଖିତ ଆଇଟମ୍ ଗୁଡ଼ିକ ପାଇଁ ୧୫.୦୦ ଘଣ୍ଟା ପୂର୍ବରୁ ଟେଣ୍ଡର ଆହ୍ୱାନ କରାଯାଉଛି ଏବଂ ତାହା ୧୫.୩୦ ଘଣ୍ଟାରେ ଖୋଲାଯିବ । **କାର୍ଯ୍ୟଗୁଡ଼ିକର ବର୍ଣ୍ଣନା:** ୦୨ ବର୍ଷ ପାଇଁ S.E.Railway ର ADEE / TRD / ବାଲେଶ୍ୱର ଅଧୀନରେ ଥିବା ବିଭିନ୍ନ TRD କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ୪୨,୮୪,୫୫୧/- EMD: ୮୫,୭୦୦/- । **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ଶୂନ୍ୟ । **ସମାପ୍ତି ସମୟ:** ୨୪ (ଚବିଶ) ମାସ । **ଦାଖଲ ତାରିଖ:** ୦୧.୦୯.୨୦୨୨ ର ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । **ଖୋଲିବାର ତାରିଖ** ୦୧.୦୯.୨୦୨୨ । ଇଚ୍ଛୁକ ଟେଣ୍ଡରର୍ ମାନେ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ସ୍ପେସିଫିକେସନ୍ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବିଶେଷ ଦ୍ରଷ୍ଟବ୍ୟ:** ଟେଣ୍ଡରରେ ଭାଗ ନେବାକୁ ଆଶାୟୀମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରିବେ ।

(PR-467)

## ଆନନ୍ଦ ଉଲ୍ଲାସର ସହ ରାକ୍ଷୀବନ୍ଧନ ଉତ୍ସବ ପାଳିତ

ପୁରୀ, ୧୧/୦୮ (ନି.ପ୍ର): ରକ୍ଷାବନ୍ଧନ ହେଉଛି ସୁରକ୍ଷା ବନ୍ଧନ। ଭଉଣୀ ପ୍ରଭୁଙ୍କ ପାଖରେ ଭାଇର ଶୁଭ ମନାସୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ। ଘରେ ଘରେ ପିଠା ପଣା ସହ ପୂଜାପର୍ବ କରାଯାଇଥାଏ । ପୂଜା ଥାଳିରେ ଭଉଣୀ ଦୀପ, ଫୁଲ, ଦୁବ, ଚାଉଳ, ସିନ୍ଦୁର, ଚନ୍ଦନ, ମିଠା ଓ ରାକ୍ଷୀ ରଖି ପୂଜା କରିବା ପରେ ଭାଇ ହାତରେ ବାନ୍ଧିବା ପରମ୍ପରା ରହିଆସିଛି। ଭାଇ ହାତରେ ରାକ୍ଷୀ ବାନ୍ଧିବା ପୂର୍ବରୁ ଭାଇକୁ ବନ୍ଦାପନା, ସିନ୍ଦୁର ଚନ୍ଦନ ଓ ବିଜୟ ଟୀକା ଲଗାଇଥାଏ। ଭାଇ ହାତରେ ରାକ୍ଷୀ ବାନ୍ଧିବା ପରେ ମିଠା ଖୁଆଇଥାଏ ଭଉଣୀ। ଭାଇକୁ ସୁରକ୍ଷିତ ରଖିବା ପାଇଁ ଭଉଣୀ ଆଜି ଦିନରେ ଭାଇ ହାତରେ ରାକ୍ଷୀ ବାନ୍ଧିବା ପରମ୍ପରା ଚଳିଆସୁଛି। ଭାଇ ସୁରକ୍ଷିତ ରହିଲେ ଭଉଣୀକୁ ମଧ ସୁରକ୍ଷା ଯୋଗାଇଦେବ। ରାକ୍ଷୀ ବାନ୍ଧିବା ଅବସରରେ ଭଉଣୀମାନଙ୍କର ଆଜିର ଆନନ୍ଦ ଉତ୍ସବ ଭାଇକୁ ଉତ୍ସାହିତ କରିଛି। ରେଶମ ରାକ୍ଷୀର ସୂତା ଭାଇର ସୁରକ୍ଷା ପାଇଁ ଯଥେଷ୍ଟ। ଭାରତୀୟ ଓ ଉତ୍କଳୀୟ ପରମ୍ପରା ଭାଇ ଭଉଣୀର ସମ୍ପର୍କକୁ ବଜାୟ ରଖିଛି। ଆଜି ପୁରୀ ସହରର ବିଭିନ୍ନ ସ୍ଥାନରେ ରାକ୍ଷୀ ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଦୋଳମଣ୍ଡପ ସାହିରେ ଭାଇ ବଦ୍ରିନାରାୟଣ ମହାପାତ୍ରଙ୍କୁ ତାଙ୍କର ସାତ ଭଉଣୀ ୭ଟି ରାକ୍ଷୀ ବାନ୍ଧିବା ସହ ଉତ୍ସବ ପାଳନ କରିଛନ୍ତି। ଏ ସମ୍ପର୍କରେ ଭଉଣୀମାନେ ଅତି ଆନନ୍ଦିତ ବୋଲି କହିଛନ୍ତି। ରାକ୍ଷୀ ବନ୍ଧନ ପାଇଁ ଭଉଣୀମାନେ ଶାଶୁଘରୁ ଭାଇ ଘରକୁ ଆସିଛନ୍ତି। ସବୁଠୁ ସାନଭଉଣୀ ରୂପଶ୍ରୀ ମହାପାତ୍ର ଯିଏ ମାହାରୀ ନୃତ୍ୟ ପାଇଁ ବିଶ୍ୱ ବିଖ୍ୟାତ। ସାତ ଭଉଣୀ ମଧ୍ୟରୁ ବଡ଼ ଭଉଣୀ ଗଙ୍ଗୋତ୍ରୀ ଦେବୀ, ଗାୟତ୍ରୀ ନାୟକ, ରାଜଶ୍ରୀ ତ୍ରିପାଠୀ, ଜୟଶ୍ରୀ ମହାପାତ୍ର, ଇତିଶ୍ରୀ ମହାପାତ୍ର, ରୂପଶ୍ରୀ ମହାପାତ୍ର ଓ ସାବିତ୍ରୀ ମହାପାତ୍ର ଭାଇଙ୍କୁ ସାତଟି ରାକ୍ଷୀ ପିନ୍ଧାଇବା ବେଶ ଆକର୍ଷଣ ହୋଇଛି। ସେହିପରି ସହରର ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି।

## ବାଲେଶ୍ୱରରେ ଆୟୁଷ ହସପିଟାଲ ପ୍ରତଷ୍ଠା ଦାବି



ବାଲେଶ୍ୱର,୧୧/୦୮ (ନି.ପ୍ର): ବାଲେଶ୍ୱର ଗସ୍ତ ଅବସରରେ ଓଡ଼ିଶା ଆୟୁଷ ନିର୍ଦ୍ଦେଶକ ଭୂପେଶ ଚନ୍ଦ୍ର ବେହେରାଙ୍କୁ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପ୍ରତିନିଧି ଦଳ ତାଙ୍କୁ ସ୍ଥାନୀୟ ସର୍କିଟ୍ ହାଉସ୍ ଠାରେ ସାକ୍ଷାତ କରି ରେମୁଣାଠାରେ ପ୍ରସ୍ତାବିତ ଆୟୁଷ ହସପିଟାଲ ନିର୍ମାଣ ସମ୍ପର୍କରେ ଆଲୋଚନା କରିଛନ୍ତି। ହସପିଟାଲ ନିର୍ମାଣ ପାଇଁ ଟେଣ୍ଡର ହୋଇଥିବା ବେଳେ ବାଲେଶ୍ୱର ମୁଖ୍ୟ ହସପିଟାଲ୍‌ରେ ଆୟୁଷର ଏକ ଓ.ପି.ଡି. ଖୋଲିବା, ବାଲେଶ୍ୱରରେ ଏକ ସରକାରୀ ଆୟୁର୍ବେଦିକ୍ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଦାବି ଉପରେ କମିଟି କର୍ମକର୍ତ୍ତାମାନେ ପ୍ରସ୍ତାବ ରଖିଥିଲେ। ୫୦ ଶଯ୍ୟା ବିଶିଷ୍ଟ ଆୟୁଷ ହସପିଟାଲ୍‌ର ନିର୍ମାଣ ପାଇଁ ପ୍ରଶାସନିକ ମଞ୍ଜୁରୀ ମିଳିସାରିଥିବାରୁ ଅବିଳମ୍ବେ ଟେଣ୍ଡର ପ୍ରକ୍ରିୟା କରାଯିବ ବୋଲି ନିର୍ଦ୍ଦେଶକ ଶ୍ରୀ ବେହେରା ପ୍ରତିନିଧିମାନଙ୍କୁ ଜଣାଇଥିଲେ। ରାଜ୍ୟର ସମସ୍ତ ଜିଲା ଚିକିତ୍ସାଳୟ ଆୟୁଷର ଓ.ପି.ଡି. କାର୍ଯ୍ୟକାରୀ କରିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିବା ସେ କହିଥିଲେ। ବାଲେଶ୍ୱରରେ ଏକ ସରକାରୀ ଆୟୁର୍ବେଦିକ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ ଜିଲାବାସୀଙ୍କ ଦାବି ଉପରେ ସରକାର ନିଷ୍ପତ୍ତି ନେଲେ ଏହା କାର୍ଯ୍ୟକାରୀ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଆୟୁଷ ନିର୍ଦ୍ଦେଶକଙ୍କ ସହ ସାକ୍ଷାତ ଆଲୋଚନା ବେଳେ ଏହି ପ୍ରତିନିଧି ଦଳରେ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ବରିଷ୍ଠ ସଦସ୍ୟ ଶଚୀନ୍ଦ୍ର ଦାସ, ରବି କୁମାର ପାଣିଗ୍ରାହୀ ଓ ଡା. ପ୍ରଭାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଉତ୍କଳ ସମ୍ମିଳନୀ ପକ୍ଷରୁ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭୁବନେଶ୍ୱର,୧୧/୦୮ (ନି.ପ୍ର): ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମଜୟନ୍ତୀରେ ଉତ୍କଳ ସମ୍ମିଳନୀ, ଭୁବନେଶ୍ୱର ଶାଖା ପକ୍ଷରୁ ସଭାପତି ଅଶୋକ ଦାସଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ନାଲ୍‌କୋ ଛକରେ ଥିବା ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଶାଖାର ଅକ୍ଷୟ ମହାପାତ୍ର, ନରେନ ସାହୁ, ଭରତ ଦାସ, ଶାନ୍ତିଲତା ସାହୁ, ନିରଞ୍ଜନ ପଣ୍ଡା, କେନ୍ଦ୍ରୀୟ ସଭାପତି ଅଦ୍ୱୈତ ପାତ୍ର, ସମ୍ପାଦକ ରବିନ୍ଦ୍ର ମିଶ୍ର ମୁଖ ବହୁ ସଭ୍ୟ ଯୋଗ ଦେଇ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଗଙ୍ଗାଧର ମେହେରଙ୍କ ତ୍ୟାଗ ଓ ଆଦର୍ଶ ବିଷୟରେ ଆଲୋକପାତ କରି ଆଜିର ଯୁବପିଢ଼ି ଗଙ୍ଗାଧର ମେହେରଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତବ୍ୟକ୍ତ କରିଥିଲେ।

## ପୂର୍ବତଟ ରେଳପଥରେ ଚାଲୁରହିଥିବା ପ୍ରକଳ୍ପ ଅଗ୍ରଗତି ସମ୍ବନ୍ଧରେ ମହାପ୍ରବନ୍ଧକଙ୍କ ସମୀକ୍ଷା

ଭୁବନେଶ୍ୱର,୧୧/୦୮ (ନି.ପ୍ର): ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ଆଜି ରେଳପଥର ମୁଖ୍ୟାଳୟ ରେଳସଦନଠାରେ ରେଳପଥର ପରିସୀମାମଧ୍ୟରେ ଚାଲୁରହିଥିବା ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିବା ସହ ଶୀଘ୍ର କାର୍ଯ୍ୟ ସମ୍ପାଦନ କରିବାକୁ ରେଳବାଇର ପ୍ରମୁଖ ଅଧିକାରୀମାନଙ୍କୁ କହିଛନ୍ତି। ଏହି ପ୍ରକଳ୍ପ ଗୁଡିକ ମଧ୍ୟରେ ଖୋର୍ଦ୍ଧା ରୋଡ଼ - ବଲାଙ୍ଗୀର, ଅନୁଗୁଳ-ସୁକିନ୍ଦା, ତାଳଚେର-ବିମଳାଗଡ଼, ହରିଦାସପୁର-ପାରାଦୀପ ନୂତନ ରେଳ ଲାଇନ; ସମ୍ବଲପୁର-ଟିଟିଲାଗଡ଼-ବିଜୟନଗରମ, କୋତ୍ତଭାଲାସା-କୋରାପୁଟ-କିରନ୍ଦୁଲ ଦୋହରି କାରଣ ଓ ଅନୁଗୁଳ-ସମ୍ବଲପୁର ମଧ୍ୟରେ ଦୋହରୀକରଣ ସହିତ ଅନ୍ୟାନ ନିର୍ମାଣ କାର୍ଯ୍ୟଗୁଡିକ ଦୋହରୀକରଣ, ତୃତୀୟ ଲାଇନ, ରାସ୍ତା ଉପର ପୋଲ, ଉପମାର୍ଗ ଅନ୍ତର୍ଭୁକ୍ତ। ପ୍ରକଳ୍ପ ଗୁଡିକର ସଫଳତା ପାଇଁ ଆବଶ୍ୟକ ପଦକ୍ଷେପ ଭାବେ ବିସ୍ତୃତ ଓ ସଠିକ ଯୋଜନା, କୁଶଳ ଟେଣ୍ଡର ପ୍ରକ୍ରିୟା ଏବଂ ନିର୍ମାଣ କାର୍ଯ୍ୟର ତଦାରଖ ପ୍ରତି ବିଶେଷ ଧ୍ୟାନଦେବାକୁ ଅଧିକାରୀମାନଙ୍କୁ ଶ୍ରୀ ଶ୍ରୀବାସ୍ତବ ପରାମର୍ଶ ଦେଇଥିଲେ। ତଳ ସ୍ତରରେ ରାଜ୍ୟ ସରକାରଙ୍କ ଅଧିକାରୀ ଓ କର୍ମଚାରୀ ମାନଙ୍କ ସହିତ ଉଚିତ ସମନ୍ୱୟ ରଖି କାର୍ଯ୍ୟକରିବାକୁ ମଧ୍ୟ ସେ ଅଧିକାରୀମାନଙ୍କୁ କହିଥିଲେ । ଏହି ସମୀକ୍ଷା ବୈଠକରେ ପୂର୍ବତଟ ରେଳପଥର ପ୍ରମୁଖ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ୱାଲଟିୟର, ସମ୍ବଲପୁର, ଖୋର୍ଦ୍ଧା ରୋଡ଼୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ରେଳ ବିକାଶ ନିଗମ ଲିମିଟେଡ଼ର ଅଧିକାରୀମାନେ ମଧ ଉପସ୍ଥିତ ଥିଲେ ।

### ରାଜ୍ୟପାଳଙ୍କୁ ରାକ୍ଷୀ ବାନ୍ଧିଲେ ବ୍ରହ୍ମକୁମାରୀ ଗୀତା

ଭୁବନେଶ୍ୱର,୧୧/୦୮ (ନି.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ସେବାକେନ୍ଦ୍ରର ସଂଚାଳିକା ବ୍ରହ୍ମାକୁମାରୀ ଗୀତା ଭଉଣୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଙ୍କୁ ରାଜଭବନରେ ରାକ୍ଷୀ ବାନ୍ଧିଥିଲେ। ତାଙ୍କ ସାଙ୍ଗରେ ଉପସ୍ଥିତ ଥିଲେ ବ୍ରହ୍ମାକୁମାରୀ ତ୍ରିପୁରା, ବ୍ରହ୍ମାକୁମାରୀ ସ୍ମୃତିଲାନା, ବ୍ରହ୍ମାକୁମାର ନିର୍ମଳ ଓ ବ୍ରହ୍ମାକୁମାର ଅରୁଣ । ଏତଦ୍‌ବ୍ୟତୀତ ମୁଖ୍ୟ ସେବାକେନ୍ଦ୍ରରେ ୫୦୦ ରୁ ଉର୍ଦ୍ଧ୍ୱ ଭାଇ ଭଉଣୀମାନଙ୍କୁ ରାକ୍ଷୀ ବନ୍ଧାଯାଇଥିଲା।

## ଜାତୀୟ ପତାକା ଅବମାନନାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୧୧/୦୮ (ନି.ପ୍ର): ଜାତୀୟ ପତାକାକୁ ସମ୍ମାନ କରିବା ଏବଂ ଜାତୀୟ ପତାକାର ମାନ ଓ ଗୌରବକୁ ରକ୍ଷା କରିବା ହେଉଛି ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ପରମ କର୍ତବ୍ୟ। ଗତ ୮ ତାରିଖ କଟକ ଇଣ୍ଡୋର ଷ୍ଟାଡିୟମରେ ପ୍ରଜାତନ୍ତ୍ରର ପ୍ରତିଷ୍ଠା ଉତ୍ସବରେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ସାଂସଦ ଓ ଉଭୟ ଦଳର ତୃଙ୍ଗ ନେତୃବୃନ୍ଦ ଉପସ୍ଥିତ ଥାଇ ମଧ ଭାରତର ଜାତୀୟ ପତାକାର ଅପବ୍ୟବହାର ହେବା ସହିତ ଜାତୀୟ ପତାକାକୁ ଅପମାନିତ କରାଯାଇଥିଲା। ଜାତୀୟ ପତାକାର ଅବମାନନାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ ଦାବି କରିଛନ୍ତି। ସେ କହିଛନ୍ତି ସ୍ୱାଧୀନତାର ୭୫ବର୍ଷ ପୂର୍ତିପାଳନ ଅବସରରେ ଖୋଦ ପ୍ରଧାନମନ୍ତ୍ରୀ ଘର ଘର ମେ ତ୍ରିରଙ୍ଗାର ଉଡ଼ିବାର ବାର୍ତା ଦେଉଥିଲା ବେଳେ ଖୋଦ କେନ୍ଦ୍ର ଗୃହମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀଙ୍କ ସମ୍ମୁଖରେ ଜାତୀୟ ପତାକା କୁ ବ୍ୟାଗ କରି ଖାଦ୍ୟ ପୁଡ଼ିଆ ବୁହାଯାଉଥିଲା। ସଭା ଗୃହରେ ବହୁ ସ୍ଥାନରେ ଜାତୀୟ ପତାକା ତଳେ ପଡ଼ିରହିଥିବାର ଚିତ୍ର ସମସ୍ତ ସାମାଜିକ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାରିତ ହୋଇଥିଲା। ପ୍ରଦେଶ କଂଗ୍ରେସ ରାଜ୍ୟ ସରକାରଙ୍କ ପାଖରେ ଦାବି କରୁଛି ଯେ ଯେଉଁମାନଙ୍କର ଫଟୋ ଜାତୀୟ ପତାକାକୁ ଅବମାନନା କରୁଥିବାର ଉତୋଳିତ ହୋଇଛି ଏବଂ ଯେଉଁ ପଦାଧିକାରୀ ଓ ନେତୃବୃନ୍ଦ ଜାତୀୟ ପତାକାକୁ ଖାଦ୍ୟ ପୁଡ଼ିଆ ବ୍ୟାଗ କରି ଦେଇଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଏବଂ ଗିରଫ କରି ଜେଲ ପଠାଯାଉ ତତ୍‌ସହିତ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି, ମନୋରଞ୍ଜନ ଦାଶ ଓ ସାମାଜିକ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଅଭିଷେକ ମହାନନ୍ଦ ଉପସ୍ଥିତ ଥିଲେ।

### ପୋଲିସ୍, ଟ୍ରାଫିକ୍ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧିଲେ ସ୍ୱେଚ୍ଛାସେବୀ

ଭୁବନେଶ୍ୱର,୧୧/୦୮ (ନି.ପ୍ର): ରକ୍ଷାବନ୍ଧନ ହେଉଛି ସ୍ନେହ ଓ ସମ୍ପର୍କର ପବିତ୍ର ବନ୍ଧନ। ସ୍ୱେଚ୍ଛାସେବୀ ସେବାକେନ୍ଦ୍ର ରକ୍ଷା ବନ୍ଧନକୁ ଏକ ନିଆରା ଢଙ୍ଗରେ ପାଳନ କରିଛି। ନିଜ ଜୀବନକୁ ବାଜି ଲଗାଇ ଖରା, ବର୍ଷା, ଶୀତ କାକରରେ ଲୋକମାନଙ୍କୁ ସବୁବେଳେ ସୁରକ୍ଷା ପ୍ରଦାନ କରୁଥିବା ଏବଂ ରାସ୍ତା ଦୁର୍ଘଟଣାରୁ ରକ୍ଷା କରିବା ପାଇଁ କାର୍ଯ୍ୟ କରୁଥିବା ଭୁବନେଶ୍ୱରର ବିଭିନ୍ନ ଟ୍ରାଫିକ ପୋଷ୍ଟର ଟ୍ରାଫିକ ପୋଲିସ୍ ଏବଂ ପୋଲିସ୍‌ମାନଙ୍କ ହାତରେ ସ୍ୱେଚ୍ଛାସେବୀ କେନ୍ଦ୍ରର ସଦସ୍ୟମାନେ ରାଖି ବାନ୍ଧିଥିଲେ। ରାଖି ବାନ୍ଧି ସାରିବା ପରେ ପୋଲିସ୍‌ମାନେ ପ୍ରତିଶ୍ରୁତି ଦେଇଥିଲେ ଯେ, ଆମେ ଏମିତି ଦେଶ ଓ ଜାତି ପାଇଁ କାର୍ଯ୍ୟ କରିଚାଲିବୁ। ଦିନ ହେଉ ବା ରାତି ଯେକୌଣସି ସମୟରେ, ସେକୌଣସି ସ୍ଥାନରେ ଯଦି କୌଣସି ବ୍ୟକ୍ତି ରାସ୍ତା ଦୁର୍ଘଟଣାର ସମ୍ମୁଖୀନ ହୋଇଥାଏ ଅବା ଅସୁବିଧାରେ ପଡ଼ିଥାଏ, ତେବେ ଖବର ପାଇବା ମାତ୍ରେ ଆମେ ସଙ୍ଗେ ସଙ୍ଗେ ସେଠାରେ ପହଂଚି ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବୁ। ଏହି କାର୍ଯ୍ୟକ୍ରମରେ ସେବାକେନ୍ଦ୍ରର ସମ୍ପାଦକ ବାପି ନାୟକ, ସନ୍ତୋଷ କୁମାର ସହୁ, ରୂପାଲି ଦଳାଇ, ଗୀତାଞ୍ଜଳି ଦଳାଇ ଓ ଦୀପା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱହିନ୍ଦୁ ପରିଷଦ ତରଫରୁ ରକ୍ଷା ବନ୍ଧନ ଉତ୍ସବ ପାଳିତ



ଉଦଳା, ୧୧/୦୮ (ନି.ପ୍ର): ବିଶ୍ୱ ହିନ୍ଦୁ ପରିଷଦ, ଉଦଳା ପ୍ରଖଣ୍ଡ ତରଫରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଉଦଳା ପଞ୍ଚାୟତ ସମିତିର ଖଲାଡ଼ି ଗ୍ରାମ ପଞ୍ଚାୟତ ଅର୍ନ୍ତଗତ ଛୋଟରାୟ ପୁର ଗ୍ରାମରେ ଥିବା ଶାଳ ଜଙ୍ଗଲ ମଧ୍ୟରେ ଗୋମାତା ପୂଜନ, ରକ୍ଷା ବନ୍ଧନ ଓ ଆଲୋଚନା ଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ ପରିଷଦର କର୍ମୀମାନେ ଏଠାରେ ଏକତ୍ରିତ ହୋଇ ବେଦମନ୍ତ୍ର ଉଚ୍ଚାରଣ କରିଥିଲେ। ଏହାପରେ ଧୂପ, ଦୀପ, ଅର୍ପଣ ପୂର୍ବକ ଗୋମାତାଙ୍କୁ ବନ୍ଦାପନା କରି ପୂଜାର୍ଚ୍ଚନା କରିଥିଲେ। ତତ୍‌ପରେ ଶାଳବୃକ୍ଷରେ ରାକ୍ଷୀ ବାନ୍ଧି ଶ୍ରଷ୍ଟାଙ୍ଗ ପ୍ରଣାମ ଜଣାଇଥିଲେ । ପରେ ପରିଷଦର ପ୍ରାନ୍ତ ଧର୍ମରକ୍ଷା ପ୍ରମୁଖ ହରିହର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା । ଏଥିରେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଜିର ଦିନର ମହାତ୍ମ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡା. ଖଗେଶ୍ୱର ସିଂହ, ଅମିତ୍ ପୃଷ୍ଟି, ସୁଶାନ୍ତ ବାରିକ୍, ପ୍ରଭାସ ଚନ୍ଦ୍ର ନାୟକ ଇତ୍ୟାଦି ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

## ଅଗ୍ନିପଥ ଯୋଜନା ସାମରିକ ବାହିନୀକୁ ଦୁର୍ବଳ କରିବ



ବାଲେଶ୍ୱର,୧୧/୦୮ (ନି.ପ୍ର): ପ୍ରତିରକ୍ଷା ବିଭାଗର ଅଗ୍ନିପଥ ଯୋଜନାରେ ଚାରିବର୍ଷିଆ ନିଯୁକ୍ତି ନିଷ୍ପତ୍ତିର ବିଭିନ୍ନ ଦିଗକ ନେଇ ଏକ ଆଲୋଚନାଚକ୍ର ସ୍ଥାନୀୟ ଉଠା ଜଳସେଚନ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଏଥିରେ ଅଧ୍ୟକ୍ଷତା ସହ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିର ଦୃଢ଼ ସମାଲୋଚନା କରିଛନ୍ତି। ବିଭିନ୍ନ ସାମାଜିକ ଓ ଗଣସଂଗଠନର ପ୍ରତିନିଧିଙ୍କ ସମେତ ସେନାବାହିନୀର ଅବସରପ୍ରାପ୍ତ କର୍ମଚାରୀ ଆସୋସିଏସନ୍‌ର ରାଜ୍ୟ ନେତା ମହେଶ୍ୱର ବେହେରା, ଧୀରେନ୍ଦ୍ର କୁମାର ପଣ୍ଡା ଓ ଚୌଧୁରୀ ୟୁ.କେ. ଦାସ ଯୋଗଦେଇ ପ୍ରତିରକ୍ଷା ବିଭାଗ ନିଷ୍ପତ୍ତି ପ୍ରତିଟି ଦିଗ ଉପରେ ଆଲୋଚନା କରିଥିଲେ। ମାତ୍ର ୪ବର୍ଷ ପାଇଁ ସେନାବାହିନୀରେ ନିଯୁକ୍ତି ଏକ ପ୍ରହସନ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ବେକାର ଯୁବଶକ୍ତିକୁ ଭ୍ରମିତ କରିବା ପାଇଁ ଏହା ଉଦ୍ଦିଷ୍ଟ ଓ ଏହା ଦ୍ୱାରା ଦେଶର ସାମରିକ ବାହିନୀ ଦୁର୍ବଳ ହେବ ବୋଲି ସେମାନେ କହିଥିଲେ। ସଂଯୁକ୍ତ କିଶାନ ମୋର୍ଚ୍ଚା ଓ ପୂର୍ବତନ ସାମରିକ କର୍ମଚାରୀ ସଂଘର ଆହ୍ୱାନରେ ଦେଶବ୍ୟାପୀ ଏହି ଯୋଜନାକୁ ବିରୋଧ କରାଯାଉଥିବା ବେଳେ ଏହାକୁ ସବୁ ମହଲରୁ ସମର୍ଥନ ଜଣାଇବାକୁ ବକ୍ତାମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ସଂଗଠନ ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ରାଜକିଶୋର ଲେଙ୍କା, ଇଂ. ହୃଷିକେଶ ସାହୁ, ଶାନ୍ତନୁ ଦାସ, ବାସନ୍ତୀ ସାମଲ, ଭରତଚନ୍ଦ୍ର ସେଠୀ, ନିର୍ମଳ ନାୟକ, ବନ୍ଦନା ବିଶ୍ୱାସ, ମନୋଜ ମାଝୀ, ଯତୀନ ପାତ୍ର, ଶରତ ଚନ୍ଦ୍ର ଦଳାଇ, ପ୍ରେମରଂଜନ ପାତ୍ର, ରମେଶ ଚନ୍ଦ୍ର ଜେନା ଓ ନିରଞ୍ଜନ ପରିଡ଼ା ପ୍ରମୁଖ ଏଥିରେ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ। ଏ ସମ୍ପର୍କରେ ଆସନ୍ତା ୨୦ ତାରିଖ ଶନିବାର ଦିନ ୧୦ଟାରେ ଷ୍ଟେସନ୍ କ୍ଲବ୍ ସଭାଗୃହରେ ଆୟୋଜିତ ହେବାକୁ ଥିବା ପରିବର୍ଦ୍ଧିତ ଆଲୋଚନାଚକ୍ର ଅଧିକରୁ ଅଧିକ ଲୋକ ଅଂଶଗ୍ରହଣ ପାଇଁ ଉପସ୍ଥିତ ବୁଦ୍ଧିଜୀବୀ ଓ ଶ୍ରମିକ ନେତାଙ୍କ ପକ୍ଷରୁ ନିବେଦନ କରାଯାଇଛି। ଶେଷରେ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## 'ସହାୟକ' ପକ୍ଷରୁ ବୃକ୍ଷରୋପଣ

ବାଲେଶ୍ୱର,୧୧/୦୮ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ତଥା ପବିତ୍ର ଗହ୍ମାପୂର୍ଣ୍ଣିମା ଅବସରରେ ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ' ପକ୍ଷରୁ ବାଲେଶ୍ୱର ସରକାରୀ ଆଇ.ଟି.ଆଇ. ସ୍କୁଲ୍ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ଇଂ. ସୁରେନ୍ଦ୍ରନାଥ ଦାସ ସଭାପତିତ୍ୱ କରିଥିଲେ। ବରିଷ୍ଠ ଉପଦେଷ୍ଟା ଇଂ. ବନମାଳି ନାୟକ, ବର୍ଷୀୟାନ୍ ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସ, ଦିବାକର ମହାପାତ୍ର, ଲୋକନାଥ ଆଚାର୍ଯ୍ୟ, ବାଲେଶ୍ୱର ସରକାରୀ ଆଇ.ଟି.ଆଇ.ର ଅଧ୍ୟକ୍ଷ ଇଂ. କୃଷ୍ଣଚନ୍ଦ୍ର ରାଉତ, ସମ୍ପାଦକ ବିଜୟ କୁମାର ଦାସଅଧିକାରୀ ପ୍ରମୁଖ ଏଥିରେ ଯୋଗଦେଇ ବୃକ୍ଷରୋପଣର ଉଦ୍ଦେଶ୍ୟ ଓ ଉପାଦେୟତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ପ୍ରାରମ୍ଭରେ 'ସହାୟକ'ର ଭଉଣୀମାନେ ସମସ୍ତଙ୍କୁ ରାକ୍ଷୀ ବାନ୍ଧିଥିଲେ। ଶିକ୍ଷାବିତ ତଥା ଉପ-ସଭାପତି କ୍ଷିତୀଶ୍ୱର ଦାଶ ଉପସ୍ଥିତମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଙ୍ଗଠନର ସଭ୍ୟ କାଳୀପଦ ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସହାୟକ ସାଥୀମାନଙ୍କ ସହଯୋଗରେ ବୃକ୍ଷରୋପଣ କରାଯାଇଥିଲା ଓ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲା। ଶଚୀନ୍ଦ୍ର ଦାସ, ପ୍ରଫୁଲ କୁମାର ଦାସ, ଶ୍ୟାମସୁନ୍ଦର ଜେନା, ଅକ୍ଷୟ କୁମାର କର, ରବିନାରାୟଣ ଭୋଳ, ଅଖିଳ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ, ବିଷ୍ଣୁ ଚରଣ ପାଢ଼ୀ, ସେକ୍ ଆଲାଉଦ୍ଦିନ୍, ଜ୍ଞାନେନ୍ଦ୍ର ନାଥ ସାହୁ, ଗଙ୍ଗାଧର ପୃଷ୍ଟି, ଯୁଧିଷ୍ଠିର ନନ୍ଦ, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ପଣ୍ଡା, ଗୁଣାକର ଦେ, ଗୋପବନ୍ଧୁ ସାହୁ, କେଶବ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର ପ୍ରସାଦ ନାୟକ, ଲକ୍ଷ୍ମୀପ୍ରିୟା ଜେନା, ପ୍ରଣିତା ମିଶ୍ର, ଜୟନ୍ତୀ ମହାପାତ୍ର, ପ୍ରତିମା ପଣ୍ଡା, ସାବିତ୍ରୀ ଦାସ, ଇଂ. ସୁରେନ୍ଦ୍ର ପ୍ରସାଦ ଧଳ, ଗୋବିନ୍ଦ ବଲ୍ଲଭ ଦଳେଇ, ଡ. ତାରାକାନ୍ତ ନନ୍ଦ, ଭବେଶ ଚନ୍ଦ୍ର ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ଦାମୋଦର ନାୟକ, ଇଂ. ଶ୍ରୀରାମ ପ୍ରସାଦ ଦାଶ, ପୁଷ୍ପଲତା ମହାନ୍ତି, ଇଂ. ହୃଷୀକେଶ ସାହୁ, ସୁଜିତ୍ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ବୃକ୍ଷଚାରା ରୋପଣରେ ସହଯୋଗ କରିଥିଲେ।

## ନୂତନ ଜିଲ୍ଲାପାଳଙ୍କ ପ୍ରଥମ ଜଳେଶ୍ୱର ଗସ୍ତ : ତୃତୀୟ ପର୍ଯ୍ୟାୟ ୫ଟି କାର୍ଯ୍ୟକୁ କଲେ ଶୁଭାରମ୍ଭ



ଜଳେଶ୍ୱର ୧୦/୮(ନି.ପ୍ର): ବାଲେଶ୍ୱର ଜିଲାର ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ନିଯୁକ୍ତ ହେବା ପରେ ଜଳେଶ୍ୱର ବ୍ଲକକୁ ଆଜି ପ୍ରଥମ ଥର ଲାଗି ଗସ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ୫ଟି ମାଧ୍ୟମରେ ମାଧ୍ୟମିକ ବିଦ୍ୟାଳୟ ମାନଙ୍କର ରୁପାନ୍ତରିତ କାର୍ଯ୍ୟ ଚାଲିଥିବା ବେଳେ ଜଳେଶ୍ୱର ବ୍ଲକରେ ତୃତୀୟ ପର୍ଯ୍ୟାୟରେ ୨୦ଟି ବିଦ୍ୟାଳୟକୁ ହାତକୁ ନିଆଯାଇଛି । ଏ ସଂପର୍କରେ ବିଦ୍ୟାଳୟ ମାନଙ୍କର ରୁପାନ୍ତରିତ କାର୍ଯ୍ୟକ୍ରମକୁ ସମୀକ୍ଷା କରିବା ସହିତ ଜିଲାପାଳ ଏହାର ଶୁଭାରମ୍ଭ କରିଥିଲେ । ଆରୁହା ପଂଚାୟତର ଆରୁହା ହରପ୍ରସାଦ ଏକାଡେମୀରେ ମୋ ସ୍କୁଲ ଅଭିଯାନରେ ୫୦ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା କାର୍ଯ୍ୟକୁ ସମୀକ୍ଷା କରିଥିଲେ। ୫ଟି କାର୍ଯ୍ୟରେ ହେବାକୁ ଥିବା ନିର୍ମାଣର ଶୁଭାରମ୍ଭ ମଧ୍ୟ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଡିଓ ସ୍ମୃତିରଂଜନ ମଲ୍ଲିକ, ସରପଂଚ ତପନୀ ଭୂୟାଁ, ବ୍ଲକ ନିର୍ବାହୀ ଯନ୍ତ୍ରୀ ବିକ୍ରମ କଶେରୀ ଯେନା, ଏବିଇଓ ସୁଶାନ୍ତ ଜେନା, କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର ପ୍ରଧାନ, ଦିନେଶ ଅଡା, ଶରତ ଉପାଧ୍ୟାୟ, ସୁଶାନ୍ତ ପାତ୍ର, ସମିତି ସଭ୍ୟା ପ୍ରତିନିଧି ଶ୍ରୀକଣ୍ଠ ମହାନ୍ତି, ପ୍ରଧାନ ଶିକ୍ଷକ ପ୍ରସନ୍ତ ଦାସ, ବିଦ୍ୟାଳୟ କମିଟି ସଭାପତି ଗୌରହରି ଦାସ, ମନୋଜ ଭୂୟାଁ, ମଧୁସୂଦନ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଜିଲାପାଳ ରାୟାଁ ରାମଚନ୍ଦ୍ରପୁର ପଂଚାୟତର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତପୋବନ ହାଇସ୍କୁଲ ପରିଦର୍ଶନ କରିବା ସହିତ ୫ଟି କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସରପଂଚ ପ୍ରତିନିଧି ପ୍ରବୀର ଦାସ, ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପାଳ ଉପସ୍ଥିତ ଥିଲେ। ସୁଗୋ ପଂଚୟତରେ ଥିବା ସୁଗୋ ହାଇସ୍କୁଲ ଓ ସୀମାନ୍ତ ଶିକ୍ଷାନିକେତନକୁ ପରିଦର୍ଶନ କରିବା ସହିତ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନରେ କାର୍ଯ୍ୟର ସମୀକ୍ଷା କରି କାର୍ଯ୍ୟର ଅଗ୍ରଗତିରେ ଅସନ୍ତୋଷ ପ୍ରକାଶ କରିଥିବା ସରପଂଚ ପ୍ରତିନୀଧି ଅରୁଣ ପରିଡା କହିଛନ୍ତି ।

### ୨୮ ଅଗଷ୍ଟକୁ ଦିଲ୍ଲୀରେ ଦରବୃଦ୍ଧିରେ ହଲ୍ଲାବୋଲ ର୍‍ୟାଲି କରିବ କଂଗ୍ରେସ

ନୂଆଦିଲ୍ଲୀ, ୧୧/୦୮ : କଂଗ୍ରେସ ଦରବୃଦ୍ଧି, ଜିଏସ୍‌ଟି ଏବଂ ବେରୋଜଗାରୀ ବିଷୟ ଉପରେ ଲଗାତାର କେନ୍ଦ୍ର ସରକାରଙ୍କ ଉପରେ ନିଶାନ ଲଗାଇଛି। ଏହି କ୍ରମରେ ପାର୍ଟି ୨୮ ଅଗଷ୍ଟକୁ ଦିଲ୍ଲୀରେ ଦରବୃଦ୍ଧି ଉପରେ ହଲ୍ଲା ବୋଲ ର୍‍ୟାଲି ବାହାରିବ। କଂଗ୍ରେସ ମହାସଚିବ ଜୟରାମ ରମେଶ ଗୁରୁବାର ଦିନ କହିଛନ୍ତି ଯେ କଂଗ୍ରେସ ପାର୍ଟି ଆସନ୍ତା ସପ୍ତାହରେ ଏହି ସଂଘର୍ଷକୁ ମୂଲ୍ୟବୃଦ୍ଧି ଏବଂ ବେରୋଜଗାରୀ ବିରୋଧରେ ପ୍ରଦର୍ଶନର ଶୃଙ୍ଖଳା ରୂପରେ ଆଗକୁ ନେଇଯିବ।

## ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳିତ



ବାଲେଶ୍ୱର,୧୧/୦୮ (ନି.ପ୍ର): ଆଜି ପୂର୍ବାହ୍ନରେ ସଦର ବ୍ଲକ ଅନ୍ତର୍ଗତ ରସାଳପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ସଂପାଦକ ଶମ୍ଭୁନାଥ ଯାଦବ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ଯୁବ ସମାଜସେବୀ ଚାଟାର୍ଡ ଆକାଉଣ୍ଟାଣ୍ଟ ସୁଶାନ୍ତ କୁମାର ମଣ୍ଡଳ ଉତ୍ସବକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ। ସମାଜସେବୀ ଶିବାଜୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ଉତ୍ସବର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ। ସଂଗ୍ରାମ ଗୁରୁଜୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ଜୟସ୍ମିତା ଗୁରୁମା' ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ। ଦେବସ୍ମିତା ଗୁରୁମା' ଅମୃତ ବଚନ କହିଥିଲେ । ମିତା ଗୁରୁମା' ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଜୟଶ୍ରୀ ଗୁରୁମା' ଶିଶୁ ଭାଇଭଉଣୀ ମାନଙ୍କ ଦ୍ୱାରା ରକ୍ଷାବନ୍ଧନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଦ୍ୱୀପେନ୍ଦ୍ର ନାଥ ଶତପଥୀ, ସହ ସଂପାଦକ ଗଣେଶ ଚନ୍ଦ୍ର ପଣ୍ଡା ଓ ସଦସ୍ୟା ଝିଲ୍ଲିମୟୀ ଦାସଙ୍କ ସମେତ ସମସ୍ତ ଗୁରୁଜୀ-ଗୁରୁମା' ଓ ସେବିକା ଉପସ୍ଥିତ ରହି ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ ଶିଶୁ ଭାଇଭଉଣୀ ମାନଙ୍କ ଦ୍ୱାରା ସ୍ଥାନୀୟ ବାସିନ୍ଦା ଓ ଗାଁ ର ଆବାଳବୃଦ୍ଧବନିତା ସମସ୍ତଙ୍କୁ ରାକ୍ଷୀ ବନ୍ଧାଯାଇ ସାମାଜିକ ସମରସତା ର ବାର୍ତ୍ତା ବାଣ୍ଟିବା ସହିତ ଗୋ'ମାତା ପୂଜନ ଓ ବୃକ୍ଷ ପୂଜନ କାର୍ଯ୍ୟକ୍ରମ କରାଯାଇଥିଲା।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo